


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ମଙ୍ଗଳବାର ୦୬ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 06 APRIL 2021

Vol.No. 32 ■ No. 89 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପୁଣି ଫେରିପାରେ ଦିନ କର୍ଫ୍ୟୁ : ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୦୫/୦୪ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଦରକାର ପଡିଲେ ଦିନରେ କର୍ଫ୍ୟୁ କରାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ । ସୀମାବର୍ତୀ ଅଂଚଳରେ ପର୍ଯ୍ୟବେକ୍ଷକ ଗସ୍ତକରି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଏଥିସହ ଟେଷ୍ଟିଂ କେମିତି ବଢିବ, ତା'ଉପରେ ଗୁରୁତ୍ୱ ଦିଆଯାଉଛି । ସ୍କୁଲ, ବିମାନବନ୍ଦର ଓ ରେଳ ଷ୍ଟେସନରେ ସଂକ୍ରମଣ ଚିହ୍ନଟ ବଢ଼ିଲାଣି । ସେଥିପାଇଁ ଆମକୁ ଅଧିକ ଗୁରୁତ୍ୱ ଦେବାକୁ ପଡିବ । ଦରକାର ପଡିଲେ ଜିଲ୍ଲାପାଳମାନେ ନାଇଟ୍ କର୍ଫ୍ୟୁ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ଗତକାଲି ବାଚସ୍ପତି ମଧ୍ୟ ଦିନରେ କର୍ଫ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ, ସ୍ଥିତି ଦେଖି ସରକାର ଦିନରେ କର୍ଫ୍ୟୁ ଲଗାଇ ପାରନ୍ତି । ତେବେ ଏହା ଉପରେ ପ୍ରତିକ୍ରିୟା ଦେଇ ଏସଆରସି ପ୍ରଦୀପ ଜେନା କହିଥିଲେ, ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣରେ ରହିଛି । ଦିନ କର୍ଫ୍ୟୁ ଲାଗିବ ନାହିଁ । କୋଭିଡ ସ୍ଥିତି ଉପରେ ରାଜ୍ୟ ସରକାର ସତର୍କ ଦୃଷ୍ଟି ରଖିଛନ୍ତି । ଏଥିସହ କୋଭିଡ ଗାଇଡଲାଇନ କଡାକଡି ଭାବେ ପାଳନ କରିବାକୁ କହିଥିଲେ ଏସଆରସି ।

## ପିପିଲି ଉପ ନିର୍ବାଚନରେ ପ୍ରଚାର କରିବେ ନବୀନ



ଭୁବନେଶ୍ୱର,୦୫/୦୪ (ନି.ପ୍ର): ପିପିଲି ଉପ ନିର୍ବାଚନରେ ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର କରିବେ । ପ୍ରତାପ ଦେବଙ୍କ ଘରେ ବସିଥିବା ବିଜେଡି ବୈଠକ ପରେ ଏନେଇ ସୂଚନା ମିଳିଛି । ଉଲ୍ଲେଖନୀୟ ଯେ ଆଗାମୀ ୧୭ ତାରିଖରେ ପିପିଲି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି ।

## ବିହାର, ଆସାମ ଓ ପଶ୍ଚିମବଙ୍ଗରେ ଭୂମିକମ୍ପର ଝଟକା
### ରିକ୍ଟର ସ୍କେଲରେ ତିବ୍ରତା ୫.୪ ଡିଗ୍ରୀ ରେକର୍ଡ



ବିହାର,୦୫/୦୪ : ବିହାରରେ ଭୂମିକମ୍ପର ଝଟକା ଅନୁଭୂତ । ପାଟନା, କିସନଗଞ୍ଜ ଓ ଅନ୍ୟ କିଛି ଅଞ୍ଚଳରେ ଅନୁଭୂତ ହୋଇଛି ଭୂମିକମ୍ପ । ଆସାମ ଓ ପଶ୍ଚିମବଙ୍ଗରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଛି । ହେଲେ ଏଯାଏଁ କୌଣସି ମୃତାହତ ହୋଇଥିବା ଖବର ସାମ୍ନାକୁ ଆସିନାହିଁ । ତେବେ ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ସିକିମ-ନେପାଳ ସୀମା ଥିଲା । ରିକ୍ଟର ସ୍କେଲରେ ଏହାର ତାପମାତ୍ରା ୫.୪ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ସିକିମ, ନାଗାଲାଣ୍ଡ, ମେଘାଳୟ, ଅରୁଣାଚଳ ପ୍ରଦେଶରେ ମଧ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି । ଏହି ସମୟରେ ଲୋକ ଭୟଭୀତ ହୋଇ ଘରୁ ବାହାରୁ ଚାଲିଆସିଥିବା ଜଣାପଡିଛି ।

## ପଶ୍ଚିମବଙ୍ଗରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ସହ ବୁଦ୍ଧିଜୀବିଙ୍କ ସହ ଅଲୋଚନା କେଲ କେନ୍ଦ୍ରମନ୍ତ୍ରୀ



ପଶ୍ଚିମବଙ୍ଗ,୦୫/୦୪ (ନି.ପ୍ର): ବିଜେପି ଦଳ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗର ବିକାଶ କରିବା ସହ ସୁନାର ବଙ୍ଗଳା ନିର୍ମାଣ କରି ପାରିବ ବୋଲି ସୋମବାର ପଶ୍ଚିମବଙ୍ଗର ପାନିହାଟ ସମେତ ବିଭିନ୍ନ ନିର୍ବାଚନ ମଣ୍ଡଳିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଏବଂ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ସରକାରଙ୍କ ପ୍ରଥମ ଦାୟିତ୍ୱ ହେବା ଦରକାର । ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ ବୁଦ୍ଧିଜୀବୀଙ୍କ ଦ୍ୱାରା ପଚରା ଯାଇଥିବା ବିଭିନ୍ନ ପ୍ରଶ୍ନ ଯଥା ପଶ୍ଚିମବଙ୍ଗକୁ ଦୁର୍ନୀତିମୁକ୍ତ କରିବା, ସୁନାର ବଙ୍ଗଳା ପାଇଁ ଥିବା ସମ୍ଭାବନା, ପୂର୍ବ ଭାରତର ଶିଳ୍ପାୟନ କ୍ଷେତ୍ରରେ ଥିବା ସୁଯୋଗ ଓ ଅନ୍ୟାନ୍ୟ ପ୍ରସଙ୍ଗର ଉତ୍ତର ରଖିଥିଲେ । ▶▶ପୃଷ୍ଠା ୭

## ମାଓବାଦୀଙ୍କ କବଳରେ ଯବାନ
### ସାମ୍ବାଦିକଙ୍କ ମାଧ୍ୟମରେ ଦେଲେ ସୂଚନା, ପତ୍ନୀ କହିଲେ ଅଭିନନ୍ଦନଙ୍କ ଭଳି କରାଯାଉ ଉଦ୍ଧାର



ଭୁବନେଶ୍ୱର,୦୫/୦୪ (ନି.ପ୍ର): ମାଓବାଦୀଙ୍କ କବଜାରେ ଯବାନ । ଛତିଶଗଡ ବିଜାପୁର ଜୋନାଗୁଡା ଜଙ୍ଗଲରେ ହୋଇଥିବା ନକ୍ସଲ ହମଲା ନିଖୋଜ ଯବାନଙ୍କ ପତା ମିଳିଛି । ଏବେ ମାଓବାଦୀ କବଜାରେ ଅଛନ୍ତି ଯବାନ । ନକ୍ସଲଙ୍କ କବଜାରେ ଥିବା ଯବାନଙ୍କ ରାକେଶୋର ସିଂ ମନହସ । ସେ ସିଆରପିଏଫ ୨୧୦ କୋବ୍ରା ବାଟାଲିୟନରେ କାର୍ଯ୍ୟରତ ଅଛନ୍ତି । ଘଟଣାସ୍ଥଳରୁ ୨୨ ଜଣ ଯବାନଙ୍କ ମୃତ ଦେହ ଉଦ୍ଧାର ହୋଇଥିବା ବେଳେ ଜଣଙ୍କର ପତା ମିଳୁନଥିଲା । ତେବେ ଯବାନ ଜଣଙ୍କୁ ନିଜ କବଜାରେ ରଖିଥିବା ମାଓ ସଂଗଠନ ସ୍ପଷ୍ଟ କରିଛି । ସେପଟେ ନିଖୋଜ ଯବାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି ତାଙ୍କ ସ୍ତ୍ରୀ ଓ କୁନି ଝିଅ । ବାପାର ବାଟକୁ ଚାହିଁ ରଖିଥିବା କୁନି ଝିଅ ହୁଏତ ବୁଝିବାକୁ ସକ୍ଷମ ନୁହେଁ ଯେ, ଦେଶର ସୁରକ୍ଷା ପାଇଁ ଘରୁ ବାହାରିଯାଇଥିବା ତା'ର ବାପା ଏବେ କେଉଁଠି ଅଛନ୍ତି ଏବଂ କେମିତି ଅଛନ୍ତି । କିନ୍ତୁ ବାପାଙ୍କ ସହ କିଛି ଗୋଟିଏ ଅଘଟଣ ଘଟିଛି ଯାଇଛି, ଯେଉଁ କଥାକୁ ସେ ଠିକ୍ ବୁଝି ପାରିଛି ଯେତେବେଳେ ପୁରା ପରିବାରଙ୍କ ଆଖିରୁ ଲୁହ ଝରୁଛି । ଏଭଳି ସ୍ଥିତିରେ ବାପାଙ୍କୁ ଫେରି ଆସିବା ପାଇଁ କାନ୍ଦି କାନ୍ଦି କହୁଛି କୁନି ଝିଅ । ▶▶ପୃଷ୍ଠା ୭

## ସିବିଆଇ ଯାଂଚ ନିର୍ଦ୍ଦେଶ ପରେ ପଦରୁ ଇସ୍ତଫା ଦେଲେ ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନୀଲ ଦେଶମୁଖ



ମହାରାଷ୍ଟ୍ର,୦୫/୦୪ (ନି.ପ୍ର): ମହାରାଷ୍ଟ୍ର ଗୃହମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଅନୀଲ ଦେଶମୁଖ । ଆଜି ଅନୀଲଙ୍କ ନାମରେ ଥିବା ଅଭିଯୋଗର ଶୁଣାଣି କରି ବମ୍ବେ ହାଇକୋର୍ଟ ସିବିଆଇ ଯାଂଚ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ଆସିବାର କିଛି ସମୟ ମଧ୍ୟରେ ଅନୀଲ ଦେଶମୁଖ ଏନସିପି ମୁଖ୍ୟ ଶରଦ ପାଓ୍ୱାରଙ୍କୁ ଦେଖା କରିଥିଲେ । ସେଠାରୁ ଫେରି ସେ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫା ପତ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ନିକଟରେ ପହଂଚାଇଛନ୍ତି । ▶▶ପୃଷ୍ଠା ୭

## ୨୪ ଘଂଟାରେ ୬ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୬ଟି ଜିଲ୍ଲାରେ ବଜ୍ରପାତ ସହ କାଳବୈଶାଖୀ ବର୍ଷାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲା ଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରିକରାଯିବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଜାରି ହୋଇଥିବା ସତର୍କ ସୂଚନା ଅନୁଯାୟୀ ରାଜ୍ୟର ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, କନ୍ଧମାଳ ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ରାଜ୍ୟର ବାକି ଜିଲ୍ଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଅପରପକ୍ଷରେ ଓ୍ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ଚିଠି ଲେଖି ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ।

## ସଂକ୍ରମଣ ବଢୁଥିବାରୁ ସରକାର ଆଲର୍ଟ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସଂକ୍ରମଣ ବଢୁଥିବାରୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଆଲର୍ଟ ଅଛନ୍ତି । ଯେଉଁମାନେ ଛତିଶଗଡ଼ରୁ ଆସୁଛନ୍ତି ସେମାନଙ୍କର ଟେଷ୍ଟିଂ ଓ ଟ୍ରେସିଂ କରାଯାଉଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସେ ଆହୁରି ବି କହିଛନ୍ତି ଯେ ସଂକ୍ରମଣ ରୋକିବାକୁ ଜିଲ୍ଲାପାଳଙ୍କୁ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ସୀମାନ୍ତବର୍ତୀ ଜିଲ୍ଲାଗୁଡ଼ିକରେ ସଂକ୍ରମଣ ବଢୁଛି ସେଠି ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ସିଡିଏମଓ ଏବଂ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ସେଠିକାର ସ୍ୱେଚ୍ଛାସେବୀ ଗ୍ରୁପକୁ ଅଧିକ ସଜାଗ ରହିବା ପାଇଁ କୁହାଯାଇଛି । ଅପରପକ୍ଷରେ ରାଜ୍ୟରେ କୋଭିସିଲଡ ଟିକା ୬ ଲକ୍ଷ ରହିଛି ଯାହା ମାତ୍ର ୨ ଦିନରେ ସରିଯିବ । ତେଣୁ କେନ୍ଦ୍ର ସରକାରଙ୍କୁ ଅଧିକ ଟିକା ଦେବା ପାଇଁ ଚିଠି ଲେଖାଯାଇଛି । କୋଭାକ୍ସିନ ଟିକା ରାଜ୍ୟରେ ପ୍ରଚୁର ପରିମାଣରେ ମହଜୁଦ ରହିଛି । ରାଜ୍ୟରେ ୧ କୋଟି ୧୬ ଲକ୍ଷ ଲୋକଙ୍କୁ ଟିକାକରଣ କରାଯିବା ନେଇ ଟାର୍ଗେଟ ରହିଛି । ବର୍ତମାନ ସୁଦ୍ଧା ୩୩ ଲକ୍ଷ ୪ ହଜାର ୭୩୨ ଜଣଙ୍କୁ ଟିକା ଦିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

## କୋରାପୁଟ ଜିଲ୍ଲାର କୋଟିଆରେ ଜିଲ୍ଲା ପରିଷଦ ଓ ସମିତି ସଭ୍ୟ ନିର୍ବାଚନ ପାଇଁ ଜାରି କଲା ବିଜ୍ଞପ୍ତି

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଆନ୍ଧ୍ରର ଦାଦାଗିରି । ଓଡ଼ିଶାର କୋଟିଆ ପଂଚାୟତରେ ପୁଣି ଥରେ ଜୋର ଜବରଦସ୍ତ ନିର୍ବାଚନ କରିବାକୁ ଯାଉଛି ଆନ୍ଧ୍ର ସରକାର । ଓଡ଼ିଶାର ବିରୋଧ ସତ୍ୱେ ଫେବୃଆରୀ ମାସରେ ସରପଂଚ ଏବଂ ଓ୍ୱାର୍ଡସଭ୍ୟ ନିର୍ବାଚନ କରି ସାରିଥିବା ବେଳେ ଆସନ୍ତା ୮ ତାରିଖରେ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ପାଇଁ ନିର୍ବାଚନ କରିବ ଆନ୍ଧ୍ର । ଏଥିପାଇଁ ସରକାର ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଉ ୧୦ ତାରିଖରେ ପ୍ରକାଶ ପାଇବ ଫଳାଫଳ । ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୋଟିଆ ପଂଚାୟତର ୨ଟି ଅଂଚଳରେ ସମିତି ସଭ୍ୟ ପଦବୀ ଏବଂ ଗୋଟିଏ ଜିଲ୍ଲା ପରିଷଦ ସଭ୍ୟ ପଦବି ନିମନ୍ତେ ନିର୍ବାଚନ ହେବ । ୩ଟି ପଂଚାୟତ ଫାଟୁ ସିନେରୀ, ଫଗୁଣ ସିନେରୀ, ତଳଗଂଜେଇ ପଦରର ଲୋକେ ନାରିଦିଓ୍ୱାଲସା ଭୋଟ ଗ୍ରହଣ କେନ୍ଦ୍ରର ଯାଉ ଭୋଟ ଦେବେ ।

## ଜୟଦେବ ବିହାରର କୋଚିଂ ସେଂଟର ସିଲ୍

ଭୁବନେଶ୍ୱର,୦୫/୦୪ (ନି.ପ୍ର):- କୋଭିଡ ଗାଇଡ଼ ଲାଇନ ଉଲ୍ଲଂଘନ ଅଭିଯୋଗରେ ଭୁବନେଶ୍ୱର ଜୟଦେବ ବିହାର ଛକରେ ଥିବା ଏକ ଘରୋଇ କୋଚିଂ ସେଂଟର ହାପି କ୍ଲାସେସକୁ ସିଲ୍ କରିଛି ବିଏମସି । ଚଢାଉ ସମୟରେ କୋଭିଡ ନିୟମ ଅନୁସାରେ କୋଚିଂ ସେଂଟରରେ ଛାତ୍ରାଛାତ୍ରୀ ମାନେ ସାମାଜିକ ଦୂରତା ରଖି ନବସିବା, ସାନିଟାଇଜେସନ ବ୍ୟବସ୍ଥା ନଥିବା ସହ ଛାତ୍ରଛାତ୍ରୀ ମାସ୍କ ପିନ୍ଧିନଥିବାରୁ ଏହାକୁ ସିଲ କରିଛି ବିଏମସି । ସେହିପରି ଭୁବନେଶ୍ୱର ସିଲିକନ ଇନଷ୍ଟିଚ୍ୟୁଟ୍ କୁ ନୋଟିସ ଜାରି କରାଯାଇଛି । କୋଭିଡ୍ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ବିଏମସି କାରଣ ଦର୍ଶାଅ ନୋଟିସ ଜାରି କରିଛି । ଅପରପକ୍ଷରେ ବିଏମସି ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଉପରେ ଚଢ଼ାଉ ଜାରି ରହିବ । ବିଏମସିର ୩ଟି ଯାକ ଜୋନରେ ଚଢ଼ାଉ ହେବ ବୋଲି ସୂଚନା ମିଳିଛି ।

## ଉନ୍ମୋଚିତ ହେଲା ଶ୍ରୀରୂପା ମଞ୍ଜରୀ ସେନ୍‌ଙ୍କ 'ଭକ୍ତିମାଧୁରୀ' ଓ 'ଭଗବାନଙ୍କ ଶ୍ରେଷ୍ଠ ବ୍ରତକଥା' ପୁସ୍ତକ



ବାଲେଶ୍ୱର,୦୫/୦୪ (ନି.ପ୍ର): ବାଲେଶ୍ୱର ଫକୀରମୋହନ ସାହିତ୍ୟପରିଷଦ ଆନୁକୁଲ୍ୟରେ 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ ଶ୍ରୀମତୀ ଶ୍ରୀରୂପା ମଞ୍ଜରୀ ସେନ୍‌ଙ୍କ ଲିଖିତ ଦୁଇଖଣ୍ଡି ଆଧ୍ୟାତ୍ମିକ ପୁସ୍ତକ 'ଭଗବାନଙ୍କ ଶ୍ରେଷ୍ଠ ବ୍ରତକଥା' ଓ 'ଭକ୍ତିମାଧୁରୀ'ର ଶୁଭଲୋକାର୍ପଣ ଗତ ତିନିତାରିଖ ସନ୍ଧ୍ୟାରେ ଶାନ୍ତିକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟପରିଷଦର ସଭାପତି ଡ.ଶିରୀଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ବରିଷ୍ଠ ସାହିତ୍ୟିକ ଶ୍ରୀଯୁକ୍ତ ଚଣ୍ଡିଚରଣ କର ଓ 'ଧ୍ୱନିପ୍ରତିଧ୍ୱନି'ର ସମ୍ପାଦିକା କବି ସୈରିନ୍ଧ୍ରୀ ସାହୁ ବରେଣ୍ୟ ଅତିଥିଭାବେ ଯୋଗଦେଇ ପୁସ୍ତକଦ୍ୱୟକୁ ଉନ୍ମୋଚନ କରିବା ସହ ଏହି ପୁସ୍ତକ ପ୍ରତ୍ୟେକ ଘର ପାଇଁ ଏକ ସଂଗ୍ରହଣୀୟ ଉପାଦେୟ ପୁସ୍ତକ ବୋଲି ବର୍ଣ୍ଣନା କରି ଶ୍ରୀମତୀ ସେନ୍‌ଙ୍କର ଏଭଳି ପୁସ୍ତକ ରଚନାକୁ ଭୂୟସୀ ପ୍ରଶଂସା କରିଥିଲେ । ପରିଷଦର ସମ୍ପାଦକ ଡା.କୁମାରଗୋପାଲ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଉଭୟ ପୁସ୍ତକର ପ୍ରକାଶକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ପୁସ୍ତକ ଦୁଇଟିରେ ଥିବା ବିଷୟଗୁଡ଼ିକ ପ୍ରତିଟି ଘର ପାଇଁ ଅତ୍ୟନ୍ତ ସଂଗ୍ରହଣୀୟ ବୋଲି ମତବ୍ୟକ୍ତ କରି ବାରମାସରେ ପଡୁଥିବା ସମସ୍ତ ଏକାଦଶୀବ୍ରତର ମହାତ୍ମ୍ୟ ଓ ତା'ର ପାଳନ ବିଧି ସହ ବିବିଧ ପୁରାଣରୁ ଅଧ୍ୟୟନ ପରେ ସଂଗୃହୀତ ଶିକ୍ଷଣୀୟ କାହାଣୀ ଆଧାରରେ ପ୍ରସ୍ତୁତ 'ଭକ୍ତିମାଧୁରୀ' ଏକ ସମୟୋପଯୋଗୀ ସୁଖପାଠ୍ୟ ପୁସ୍ତକ ବୋଲି ସେ ଅବିହିତ କରିଥିଲେ । ଲେଖିକା ଶ୍ରୀମତୀ ଶ୍ରୀରୂପା ମଞ୍ଜରୀ ସେନ୍ ତାଙ୍କର ଦୀର୍ଘଦିନର ବହୁ ଆଧ୍ୟାତ୍ମିକ ଗ୍ରନ୍ଥ ପାଠ ପରେ ଏଭଳି ପୁସ୍ତକ ଦୁଇଟି ଲେଖି ସମସ୍ତଙ୍କୁ ଉପହାର ଦେଇପାରିଥିବାରୁ ନିଜକୁ ଖୁବ୍ ଖୁସି ମନେକରନ୍ତି ବୋଲି କହିଥିଲେ । ପରିଷଦର କୋଷାଧ୍ୟକ୍ଷ ତପନ ରାୟ ମଞ୍ଚ ଆହ୍ୱାନ କରିଥିବା ବେଳେ ଯୁଗ୍ମସମ୍ପାଦିକା କଲ୍ୟାଣୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ପରିଷଦର ବହୁ ସଦସ୍ୟଙ୍କ ସମେତ ସହରର ଅନେକ ସାହିତ୍ୟିକ ଓ ବିଶିଷ୍ଟବ୍ୟକ୍ତିବୃନ୍ଦ ଯୋଗଦାନ କରିଥିଲେ ।

## ଫ୍ୟାମିଲି କୋର୍ଟରେ ହାଜର ହେଲେ ବର୍ଷା-ଅନୁଭବ : ଛାଡ଼ପତ୍ର ମାମଲାର ଶୁଣାଣି କରିବେ କୋର୍ଟ





ଭୁବନେଶ୍ୱର,୦୫/୦୪ (ନି.ପ୍ର): ଓଲିଉଡର ଷ୍ଟାର ଦମ୍ପତି ବର୍ଷା-ଅନୁଭବ ଆଜି କଟକ ଫ୍ୟାମିଲି କୋର୍ଟରେ ହାଜର ହୋଇଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଫ୍ୟାମିଲ କୋର୍ଟରେ ଉଭୟେ ହାଜର ହୋଇଛନ୍ତି । ଛାଡ଼ପତ୍ର ମାମଲାର ଶୁଣାଣି କରିବେ କୋର୍ଟ । ଦିଲ୍ଲୀର ପଟିଆଲା ହାଉସ କୋର୍ଟ ବଦଳରେ କଟକରେ ପରିବାର ଅଦାଲତରେ ଚାଲିବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ସାଂସଦ ସ୍ୱାମୀ ଅନୁଭବ ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ପତ୍ନୀ ବର୍ଷାଙ୍କ ଠାରୁ ଛାଡ଼ପତ୍ର ▶▶ପୃଷ୍ଠା ୭

## ଚରମ୍ପା ବରିଷ୍ଠ ନାଗରିକ ସଂଘର ଦ୍ୱିତୀୟ ବାର୍ଷିକ ସମାରୋହ

### ବରିଷ୍ଠ ମାନେ ନିଜକୁ ଅସହାୟ ମଣିବା ଅନୁଚିତ



ଭଦ୍ରକ,୫।୪ (ନି.ପ୍ର): ବୟସର ଅପରାହ୍ଣରେ ସଂଘବଦ୍ଧ ହୋଇ ସମୟ ବିତାଇଲେ ଅବସର ସମୟର ଏକୁଟିଆ ପଣକୁ ଅନୁଭବ କରି ହୁଏ ନାହିଁ। ଆଜିର ସମାଜରେ ପରିବାର ଭିତରେ ବହୁ ବରିଷ୍ଠ ଅବହେଳାର ଶିକାର ହେଉଛନ୍ତି। ତେବେ ଏବେ ସରକାର ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଦେଉଛି। ସମୟ ସମୟେର ବହୁ ଯୋଜନା ସେମାନଙ୍କ ପାଇଁ ପ୍ରଣୟନ କରାଯାଉଥିବା ବେଳେ କୋର୍ଟ ମଧ ବରିଷ୍ଠମାନଙ୍କ ପାଇଁ ନ୍ୟାୟୋଚିତ ରାୟ ଦେଉଛନ୍ତି। ସେଥିଲାଗି ବରିଷ୍ଠମାନେ କେବେ ବି ନିଜକୁ ଅସହାୟ ମଣିବା ଉଚିତ ନୁହେଁ ବୋଲି ଆଜି ଭଦ୍ରକ ବାଇପାସ୍ ଜଗନ୍ନାଥ ମନ୍ଦିର ସଭାଗୃହରେ ଚରମ୍ପା ବରିଷ୍ଠ ନାଗରିକ ସଂଘର ଦ୍ୱିତୀୟ ବାର୍ଷିକ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂଘର ସଭାପତି ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରି ଭଦ୍ରକ ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟରର ବ୍ୟବସ୍ଥା, ରେଳ ଷ୍ଟେସନରେ ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଣ୍ଟର, ଲିଫ୍‌ଟକୁ କାର୍ଯ୍ୟକ୍ଷମ କରିବା, ସଂଘର କାର୍ଯ୍ୟାଳୟ ପାଇଁ ଜମି ଯୋଗାଇବା ଭଳି ଦାବି କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବରେଣ୍ୟ ଅତିଥି ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ। ତହସିଲଦାର ଜମି ଯୋଗାଇଦେଲେ ସାଂସଦ ତାଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଗୃହ ନିର୍ମାଣ ନିମନ୍ତେ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଭଦ୍ରକ ମେଡିକାଲରେ ବରିଷ୍ଠଙ୍କ ପାଇଁ ଆନୁସଙ୍ଗିକ ସୁବିଧା ସୁଯୋଗ କରିବା ନିମନ୍ତେ ଚରମ୍ପା ବରିଷ୍ଠ ନାଗରିକ ସଂଘ ଓ ଜିଲ୍ଲା ମହାସଂଘ ମିଶି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ବିଧାୟକଙ୍କ ଉପସ୍ଥିତିରେ ଆଲୋଚନା କରି ଖୁବ୍ ଶୀଘ୍ର ସୁବନ୍ଦୋବସ୍ତ କରାଯିବ ବୋଲି ବିଧାୟକ ଶ୍ରୀଯୁକ୍ତ ମଲ୍ଲିକ କହିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇ ବରିଷ୍ଠମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ବର୍ତ୍ତମାନ ପିଢିର ମୁଖ୍ୟ କର୍ତ୍ତବ୍ୟ ହେବା ଉଚିତ ବୋଲି କହିଥିଲେ। ସମାରୋହରେ ସଂଘର କାର୍ଯ୍ୟକାରୀ ସଦସ୍ୟ ଶଶୀକାନ୍ତ ପାଢୀ ଅତିଥି ପରିଚୟ, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ ସ୍ୱାଗତ ଭାଷଣ ଓ ବିଜୟ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ନାୟକ ଯୋଗ ଦେଇଥିବା ବେଳେ ଜିଲ୍ଲା ସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ବାସୁଦେବପୁର ସଂଘର ସମ୍ପାଦକ ରତ୍ନାକର ବାରିକ, ଆଗରପଡ଼ା ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ଧଳ, ଧାମନଗର ସଂଘର ସମ୍ପାଦକ ଶଚିକାନ୍ତ ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ରାମଚନ୍ଦ୍ର ସାହୁ, ତିହିଡ଼ି ସଂଘର ସମ୍ପାଦକ ବିଭୁତି ଭୂଷଣ ସେନାପତି, କାର୍ଯ୍ୟକାରୀ ସଭ୍ୟ ଗୟାଧର ବଳ ପ୍ରମୁଖ ନିମନ୍ତିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା ଓ ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ବାବୁଲାଲ ଦାସ ଓ ଦୀନବନ୍ଧୁ ମହାରଣା ମାନପତ୍ର ପାଠ କରିଥିଲେ। ଉପଦେଷ୍ଟା ପଦ୍ମଲୋଚନ ମହଲିକ ସଂଘ ସମ୍ପର୍କରେ ଅବତାରଣା କରିଥିଲେ। ଏହି ସମାରୋହକୁ ଚରମ୍ପା ବରିଷ୍ଠ ନାଗରିକ ସଂଘର ସମସ୍ତ ସଭ୍ୟ ପରିଚାଳନା କରିଥିବା ବେଳେ ଉତ୍ସବର ଅନ୍ୟତମ ଅତିଥି ଭାବେ ନିମନ୍ତ୍ରିତ ହୋଇଥିବା ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଚରଣସିଂ ମୀନା ଆସି ନପାରି ତାଙ୍କ ବାର୍ତ୍ତା ପଠାଇଥିଲେ। ଯାହାକୁ ସମ୍ପାଦକ କୈଳାସ ମହାପାତ୍ର ପଢି ଶୁଣାଇଥିଲେ। ଉପେନ୍ଦ୍ର ରାଉତ ଓ ବରଦା ପ୍ରସନ୍ନ ପଣ୍ଡା ସଭା କାର୍ଯ୍ୟ ଓ ପ୍ରସାଦ ସେବନ ପରିଚାଳନା କରିଥିଲେ।

## ଘରୋଇ କଳିରୁ ଶ୍ୱଶୁର ଘରେ ଜ୍ୱାଇଁର ଆତ୍ମହତ୍ୟା

ଗଞ୍ଜାମ,୫।୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ତାରାସିଂ ଥାନା ଅନ୍ତର୍ଗତ ବାଙ୍କତରା ଛକରେ ରହୁଥିବା ବାବୁଲା ନାୟକ ନାମକ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସେ ଗତ ଏକ ମାସ ହେଲା ତାଙ୍କ ଶ୍ୱଶୁର କେଶବ ନାୟକଙ୍କ ଘରେ ରହୁଥିଲେ । ଗତ ଦୁଇ ଦିନ ହେଲା ପତ୍ନୀ ଓ ବାବୁଲାଙ୍କ ମଧ୍ୟରେ ଘରୋଇ କହି ଲାଗି ରହିଥିଲା । ଏଥିରେ ବାବୁଲା ମାନସିକ ଭାରସାମ୍ୟ ହରାଇ ବସିଥିଲେ । ପରିବାରର ଅନ୍ୟ ସଦସ୍ୟ ମାନେ କାମ କରିବାକୁ ବାହାରକୁ ଯାଇଥିବା ବେଳେ ବାବୁଲା ଆତ୍ମହତ୍ୟା କରିଥିଲେ । ଗତକାଲି ସନ୍ଧ୍ୟାରେ ତାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ନିକଟସ୍ଥ ଡ଼ାକ୍ତରଖାନାକୁ ପଠାଯାଇଥିଲା । ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି । ଆଜି ତାଙ୍କ ଶବ ଭଞ୍ଜନଗର ଡ଼ାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ । ବାବୁଲା ସେହି ଥାନା ଅଧିନ ଲେମ୍ବାଇ ଗ୍ରାମର ଦୁଷ୍ମନ୍ତଙ୍କ ପୁଅ ବୋଲି ଜଣାପଡିଛି । ତାଙ୍କର ଗୋଟିଏ ପୁଅ ଓ ଝିଅ ରହିଛନ୍ତି । ତାରାସିଂ ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ଫୁଲବାଣୀରେ ପୋଲିସ ପଦକ ପ୍ରଦାନ ଉତ୍ସବରେ ଯୋଗଦେଲେ ପୋଲିସ ଡ଼ିଜି

କନ୍ଧମାଳ,୫।୪ (ନି.ପ୍ର): ଫୁଲବାଣୀରେ ରାଜ୍ୟ ପୋଲିସ ପଦକ ପ୍ରଦାନ ଉତ୍ସବରେ ଯୋଗ ଦେଇଛନ୍ତି ପୋଲିସ ଡ଼ିଜି । ଆଜି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜି) ଅଭୟ ହେଲିକ୍ୟାପ୍ଟର ଯୋଗେ ଫୁଲବାଣୀ ମାଦିକୁନ୍ଦା ପୋଲିସ ପଡିଆ ଠାରେ ଓହ୍ଲାଇ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତାଙ୍କୁ ସ୍ଥାନୀୟ ପୋଲିସ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନେ ସ୍ୱାଗତ କରିଥିଲେ । ଏହି ଅବସରରେ କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାର ୩୧ ଜଣ ପୋଲିସ ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ସେମାନଙ୍କର ଉତମ ସେବା ପ୍ରଦାନ ପାଇଁ ଏବଂ କାର୍ଯ୍ୟରତ କୋଭିଡରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ପୋଲିସ କର୍ମଚାରୀ ମାନଙ୍କ ପରିବାରକୁ ପୋଲିସ ପଦକ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ତାଙ୍କ ସହିତ ଦକ୍ଷୀଣାଂଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଆଇ.ଜି ଅପରେସନ ଅମିତାଭ ଠାକୁର, ନିର୍ଦ୍ଦେଶକ ଇଣ୍ଟେଲିଜେନ୍ସ ଆର.କେ.ଶର୍ମା, କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡି ଏବଂ ଅନ୍ୟାନ୍ୟ ରାଜ୍ୟ ସ୍ତରୀୟ ପୋଲିସ ଅଧିକାରୀ ମାନଙ୍କ ସମେତ ପୋଲିସ କର୍ମଚାରୀ ମାନେ ଯୋଗ ଦେଇଥିଲେ । କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରଓ୍ୱାଲ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି ଅବସରରେ କନ୍ଧମାଳ ଜିଲ୍ଲାର କାର୍ଯ୍ୟରତ ଅବସ୍ଥାରେ କୋଭିଡ୍ ସଂକ୍ରମିତ ହୋଇ ମୃତ୍ୟୁ ବରଣ କରିଥିବା ଏସ.ଆଇ. ମହାଜନ ପ୍ରଧାନ, ସୁବାଶ ଚନ୍ଦ୍ର ସାହୁ, ଉନେଶ ପ୍ରଧାନ ଓ ବାଲୀ କହଁରଙ୍କ ପତ୍ନୀଙ୍କୁ ପୋଲିସ ମହାନିର୍ଦ୍ଦେଶକ ପଦକ ପ୍ରଦାନ କରିବା ସହିତ ତାଙ୍କୁ ତାଙ୍କ ପରିବାରର ଭଲମନ୍ଦ ପଚାରି ବୁଝିଥିଲେ । ଏହି ଅବସରରେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରଓ୍ୱାଲଙ୍କ ସମେତ ଜିଲ୍ଲାର ୧୧ ଜଣ ପୋଲିସ ଅଧିକାରୀ ଏବଂ କର୍ମଚାରୀ କଳାହାଣ୍ଡି ଜିଲ୍ଲାର ୧୨ ଜଣ ଏବଂ ଭୁବନେଶ୍ୱରରେ କାର୍ଯ୍ୟରତ ୪ ଜଣଙ୍କୁ ପଦକ ପ୍ରଦାନ କରିଥିଲେ ପୋଲିସ ମହାନିର୍ଦ୍ଦେଶକ ଅଭୟ । ଏହା ସହିତ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ସୁବିଧା ଅସୁବିଧା ବାବଦରେ ପଚାରି ବୁଝିଥିଲେ ।

## ସୁନ୍ଦରଗଡ଼ ଜିଲ୍ଲାରେ ସାମାଜିକ ଦୂରତା ଓ ମାସ୍କକୁ ଖାତିର ନାହିଁ

ରାଉରକେଲା ,୫।୪ (ନି.ପ୍ର): ରାଜ୍ୟ ଓ ଦେଶରେ କରୋନାର ପ୍ରଭାବ ବଢିଚାଲିଥିବା ବେଳେ ରାଜ୍ୟରେ ୫ଶହ ଛୁଇଁବାକୁ ବସିଲାଣି, ଏତିକି ବେଳେ ଆଜି ସୁନ୍ଦରଗଡ ଜିଲ୍ଲା ୮୫ରେ ପହଁଚିଛି, ହେଲେ ରାଉରକେଲା ସମେତ ଜିଲ୍ଲାରେ ସବୁ ଖୋଲା ମେଲା । ବଜାର, ଭୋଜି ଭାତରେ ଆସୁଥିବା ଲୋକଙ୍କ ମୁହଁରେ ମାସ୍କ ରହୁନଥିବା ବେଳେ ସାମାଜିକ ଦୁରତା ଯେମିତି ଲୋକେ ଭୁଲିସାରିଛନ୍ତି ଭଳି ଦେଖାଯାଉଛି ।ସେପଟେ ପ୍ରଶାସନ ଖାଲି ଅଳିଆ ସଂଗ୍ରହ କରୁଥିବା ଅଟୋରେ ଏନେଇ ସଚେତନତା ନେଇ ପ୍ରଚାର କରୁଛିସିନା ଆରଏସପି ଏରିଆରେ କାର୍ଯ୍ୟାନୁଷ୍ଠାନ ଶୁନ । ଏତିକି ବେଳେ ନାଇଟ କର୍ଫ୍ୟୁକୁ ନେଇ ସରକାର ଏହି ଜିଲ୍ଲାକୁ ସାମିଲ କରିବା ପରେ ରାସ୍ତା କଡର ଠେଲା ବେପାରୀ, ପାନଦୋକାନୀ, ଛୋଟ ଛୋଟ ହୋଟେଲ ଓ ଘରୋଇ ଭାବେ କାମ କରୁଥିବା ଲୋକେ ଛାନିଆ ହୋଇପଡିଛନ୍ତି । ସେପଟେ କୌଣସି ନିୟମ ନମାନି ବେପରୁଆ ହୋଇ ଚାଲିବା ପରେ ବିପଦ ଆସିଲେ କଟକଣା କଥା ଶୁଣିଲେ କାନ୍ଦିବା ଭଳି ଅଭ୍ୟାସ ତ ଆମର ରହିଛି, କିନ୍ତୁ ଅମାନିଆ ବେପାରୀ ଓ ଲୋକଙ୍କ ଉପରେ ପ୍ରଶାସନର ନିୟନ୍ତ୍ରଣ ଆଦୌ ରହିନଥିବାରୁ ସ୍ଥିତି ଚିନ୍ତା ଜନକ ହେବାରେ ଲାଗିଛି । ସହରର ବଡ ବଡ ମଲ, ମୁଖ୍ୟ ବଜାର ଅଂଚଳରେ ଥିବା ଦୋକାନ ଗୁଡିକରେ ଖୋଦ ଦୋକାନୀ ମାନେ ମୁହଁରେ ମାସ୍କ ଲଗାଉନଥିବା ବେଳେ, ସାପ୍ତାହୀକ ପରିବା ହାଟରେ ଠେଲା ପେଲା ଅବସ୍ଥା, କାହାରି ମୁହଁରେ ମାସ୍କ ନାହିଁ । ଯେଉଁ କେତେକ ସଚେତନ ନାଗରୀକ ମାସ୍କ ଲଗାଇ ସାମାଜିକ ଦୁରତା ଲାଗି ଚେଷ୍ଟା କରୁଛନ୍ତି ତାହା ମଧ ବିଫଳ ହେଉଛି ।ଖୋଦ ବ୍ୟାଙ୍କ ଗୁଡିକରେ ଏହାର ଉଲ୍ଲଘଂନ ଅଧିକ ହେଉଥିବା ଦେକାଯାଉଛି । ନିକଟରେ କୋଭିଡ ଟିକା ସମୟରେ ମଧ ଏଭଳି ସମସ୍ୟା ଦେଖାଯାଇଛି ।କେହି ଏନେଇ ମୁହଁ ମଧ ଖୋଲୁ ନଥିବା ବେଳେ, ପ୍ରଶାସନିକ ବାବୁ ମାନେ ଏସି ରୁମରୁ ଥାଇ କହୁଛନ୍ତି ନିୟମ ମାନନ୍ତୁ ନଚେତ ଫାଇନ ହେବ ।ଏଯାଏ ସହର ଭିତରେ କଣ ଚାଲିଛି ,ଦୋକାନ ବଜାର ଗୁଡିକରେ କରୋନାକୁ ନେଇ ଲୋକେ ନିୟମ ମାନୁଛନ୍ତିକି ନାହିଁ, ଭିଡ ଯାଗାରେ ଲୋକେ ନିୟମ ମାନୁଛନ୍ତି କି ନାହିଁ ତାକୁ ଥରେ ହେଲେ ଆମ ବାବୁ ବାବୁଆଣୀ ମାନଙ୍କୁ ଦେଖିବାକୁ ସତେ ଯେମିତି ସମୟ ନାହିଁ ବୋଲି କୁହାଯାଉଛି ।

## ଝିଅର ସନ୍ଦେହଜନକ ମୃତ୍ୟୁ : ଏସପିଙ୍କୁ ଭେଟି ଘଟଣାର ନିରପେକ୍ଷ ତଦନ୍ତ ଦାବି କଲେ ବାପା

ଗଞ୍ଜାମ,୫।୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ଥାନା ଅନ୍ତର୍ଗତ ନନ୍ଦିକ ସାହିର ସନ୍ତୋଷ ବେହେରା ଗତ ୧୨ ବର୍ଷ ତଳେ ଭଞ୍ଜନଗର ଥାନା ତନରଡ଼ା ଗ୍ରାମର ପୀତବାସଙ୍କ ଝିଅ ଅନୁପମାଙ୍କୁ ପ୍ରେମ ବିବାହ କରିଥିଲେ । ଶ୍ୱଶୁର ଦୁଃଖୀ ବେହରା ଚିରିମିରି ଗ୍ରାମରେ କାମ କରୁଥିବା ବେଳେ ପୁଅ ବୋହୂଙ୍କୁ ସେଠାକୁ ନେଇ ଯାଇଥିଲେ । ସେଠାରେ କିଛି ଦିନ ରହିବା ପରେ ଝିଅକୁ ଶ୍ୱଶୁର ଘର ଲୋକେ ବିଭିନ୍ନ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ଅନୁପମାଙ୍କ ବାପା ପୀତବାସ ଅଭିଯୋଗ କରିଛନ୍ତି । ଫଳରେ ସେଠାରୁ ଝିଅ ଜ୍ୱାଇଁ ପୁରୁଷୋତମପୁର ଫେରି ଆସିଥିଲେ । ତଥାପି ତାଙ୍କ ଉପରେ ନିର୍ଯାତନା କମିନଥିଲା । ଅନ୍ୟ ସମ୍ପର୍କୀୟ ମାନେ ଜ୍ୱାଇଁ ସନ୍ତୋଷଙ୍କୁ ନାନା କଥା କହି ବିଭ୍ରଟ ସୃଷ୍ଟି କରିଥିଲେ । ପରେ ଝିଅ ଜ୍ୱାଇଁ ଅଳକାପୁରରେ ଏକ ଭଡ଼ା ଘରେ ରହୁଥିଲେ । କିଛି ବର୍ଷ ହେଲା ଝିଅ ଅନୁପମା ପୁରୁଷୋତମପୁରରେ ଭିଏଲଡବ୍ଲ୍ୟୁ ଭାବେ ଚାକିରୀ ପାଇଥିଲେ । ତା ସତ୍ୱେ ମଧ ସ୍ୱାମୀ, ଶ୍ୱଶୁର ଓ ଘର ଲୋକଙ୍କ ନିର୍ଯାତନା କମିନଥିଲା ବୋଲି ପୀତବାସ ଏସପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଗତ ୧ ତାରିଖରେ ତାଙ୍କ ଝିଅ ହଠାତ୍ ଗୁରୁତର ହୋଇପଡିବା ସହ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ବରଣ କରିଥିବା ନେଇ ବାପା ପୀତବାସ ଜ୍ୱାଇଁଙ୍କ ଠାରୁ ଖବର ପାଇଥିଲେ । ପୀତବାସ ପୁଅ ସହିତ ମେଡିକାଲରେ ପହଂଚିଥିଲେ । ଝିଅର ବେକରେ ଦାଗ ରହିଥିବାରୁ ସେ ଆତ୍ମହତ୍ୟା କରିଥିବା ନଚେତ୍ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ । ପ୍ରାଥମିକ ପର୍ଯ୍ୟାୟରେ ବଡ଼ ଡ଼ାକ୍ତରଖାନା ଫାଣ୍ଡି ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରିଥିଲା । ଘଟଣା ସମ୍ପର୍କରେ ପୀତବାସ ସଦର ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ପୋଲିସ ତାଙ୍କ ଏତଲା ନରଖି ତାଙ୍କୁ ସେଠାରୁ ଫେରାଇ ଦେଇଥିଲା । ତେଣୁ ପୀତବାସ, ତାଙ୍କ ପତ୍ନୀ ଓ ଭାଇ ଆଜି ଏକାଠି ଆସି ବ୍ରହ୍ମପୁର ଏସପିଙ୍କୁ ଭେଟିଥିଲେ । ଘଟଣାର ନିରପେକ୍ଷ ତଦନ୍ତ ନ୍ୟାୟ ପ୍ରଦାନ କରିବାକୁ ପୀତବାସ ଏସପିଙ୍କୁ ଅନୁରୋଧ କରିଛନ୍ତି । ଏସପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

## ସାମନ୍ତରାପୁର କଚେରୀ ମେଲଣ ଉଦ୍‌ଯାପିତ

ଧର୍ମଶାଳା,୫।୪ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଂଚାୟତଠାରେ ୨୪ ତମ ସାମନ୍ତରାପୁର କଚେରୀ ମେଲଣ ଉଦଯାପିତ ହୋଇଯାଇଛି । ସାମନ୍ତରାପୁରର ଦଧିବାମନ ଜୀଉ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ। ଏହି ମେଲଣରେ କୁଣ୍ଡପାଟଣା ଅଂଚଳର ରାଧାବୃନ୍ଦବାନ ଜୀଉ, ରାଧାକାନ୍ତ ଜୀଉ, ଅନ୍ତର୍ଯ୍ୟମୀ ଜୀଉ ଓ ମନ୍ଦାରପୁର ଅଂଚଳର ରାଧାଗୋବିନ୍ଦ ଜୀଉ ବିମାନ ଯୋଗ ଦେଇ ଫଗୁ ଖେଳିଥିଲେ । କରୋନା କଟକଣାକୁ ନେଇ କେବଳ ବିଧି ରକ୍ଷା ପାଇଁ ଏହି ମେଲଣ ଅନୁଷ୍ଠିତ ହୋଇଥିଲା । ମେଲଣ କାର୍ଯ୍ୟକ୍ରମରେ କିମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ବିଦେଶରେ ଚାକିରୀ କରାଇଦେବା ନାମରେ ଠକେଇ ଅଭିଯୋଗ

- ର୍ୟାକେଟର ମୁଖ୍ୟ ଭୁବନେଶ୍ୱର ନୟାପଲ୍ଲୀ ଅଂଚଳରୁ ଗିରଫ
- ଲାପଟପ୍, ୫ ମୋବାଇଲ୍, ୧୩ ପାସପୋର୍ଟ ଓ ୧୩ ବ୍ୟାଙ୍କ ପାସବୁକ୍ ଜବତ

ଗଞ୍ଜାମ,୫।୪ (ନି.ପ୍ର): ଚାକିରୀ କରାଇଦେବା ନାମରେ ଠକେଇ ଘଟଣା ଦିନକୁ ଦିନ ବଢିବାରେ ଲାଗିଛି । ବେକାର ଯୁବକ ଯୁବତୀ ମାନେ ଏଭଳି ଠକ ମାନଙ୍କ ଜାଲରେ ପଡି ଠକାମିର ଶିକାର ହେଉଛନ୍ତି । ବିଦେଶରେ ଚାକିରୀ ଦେବା ନାମରେ ଟଙ୍କା ଠକେଇ ନେଇ ବ୍ରହ୍ମପୁରର ଜଣେ ଯୁବକ ଅଭିଯୋଗ କରିଛନ୍ତି । ଏଭଳି ଏକ ଅଭିଯୋଗର ତଦନ୍ତ କରି ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ସଫଳତା ପାଇଛି। ଭୁବନେଶ୍ୱର ନୟାପଲ୍ଲୀ ଅଂଚଳରୁ ଏହି ଠକେଇ ର୍ୟାକେଟର ମୁଖ୍ୟ ସଞ୍ଜୟ କୁମାର ଜେନା (୪୧)ଙ୍କୁ ଗିରଫ କରାଯାଇଛି । ତାଙ୍କ ନିକଟରୁ ଏକ ଲାପଟପ, ୫ଟି ମୋବାଇଲ୍, ୧୩ଟି ପାସପୋର୍ଟ, ୧୩ ଟି ବ୍ୟାଙ୍କ ପାସବୁକ୍ ଏବଂ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତିକ କମ୍ପାନୀର ଲେଟର ପ୍ୟାଡ୍ ଏବଂ ବହୁ କାଗଜପତ୍ର ଜବତ କରାଯାଇଛି । ଏ ସମ୍ପର୍କରେ ଅଧିକ ତଦନ୍ତ ଜାରୀ ରହିଛି ବୋଲି ବ୍ରହ୍ମପୁର ଏଏସପି ପ୍ରଭାତ ଚନ୍ଦ୍ର ରାଉତରାୟ ସୂଚନା ଦେଇଛନ୍ତି ।

## ଘଂଟ ପାଟୁଆ ନୃତ୍ୟ ଦେଖିବାକୁ ଲାଗୁଛି ଭିଡ଼

କେନ୍ଦ୍ରାପଡ଼ା,୫।୪ (ନି.ପ୍ର): ଓଡିଶାର ପ୍ରାଚୀନ କଳା ସଂସ୍କୃତିର ଅନନ୍ୟ ଉଦାହରଣ ଘଣ୍ଟ ପାଟୁଆ ନୃତ୍ୟ ଏବେ ମଧ ଗ୍ରାମ ଓ ସହରାଂଚଳର ଜନ ସାଧାରଣଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି । ମୀନ ସଂକ୍ରାନ୍ତି ଠାରୁ ମେଷ ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ କାଳ ଘଣ୍ଟ ପାଟୁଆମାନେ କେନ୍ଦ୍ରାପଡା ସହର ଓ ଆଖପାଖ ଅଂଚଳରେ ସେମାନଙ୍କ ନୃତ୍ୟକଳା ପ୍ରଦର୍ଶନ କରି ଛୋଟଶିଶୁ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାନ୍ତି । ବିଶେଷ କରି ନିକଟବର୍ତୀ ଝଙ୍କଡର ମା’ ଶାରଳାଙ୍କ ପୀଠ, ରାମଚଣ୍ଡୀଙ୍କ ପୀଠ ଓ ହରଚଣ୍ଡୀ ପୀଠରୁ ଆସୁଥିବା ଘଣ୍ଟ ପାଟୁଆମାନେ ଠାକୁରାଣୀଙ୍କ ଆଜ୍ଞାମାଳ ସହ ହଳଦୀ ଓ ଫୁଲରେ ସଜ୍ଜା ହୋଇଥିବା କାଠର ପ୍ରତିକୃତିକୁ ମୁଣ୍ଡ ଉପରେ ରଖି ନୃତ୍ୟ କରିଥାନ୍ତି। ଘଣ୍ଟ ବାଦ୍ୟର ତାଳେ ତାଳେ ଘଣ୍ଟ ପାଟୁଆ ମାନଙ୍କର ନୃତ୍ୟ ଦର୍ଶକ ମାନଙ୍କୁ ଆମୋଦିତ କରିବା ସହ ମାଙ୍କର ଆଶୀର୍ବାଦ, ପାଦୁକ ଜଳ, ଭୋଗ ନୈବେଦ୍ୟ ପ୍ରଦାନ କରି ଏହି ଘଣ୍ଟ ପାଟୁଆମାନେ ଦକ୍ଷିଣା ସଂଗ୍ରହ କରିଥାନ୍ତି । ଏହି ଠାକୁରାଣୀମାନଙ୍କୁ ପୂଜା କରୁଥିବା ରାଉଳ ସଂପ୍ରଦାୟର ପୂଜକମାନେ ବଂଶାନୁକ୍ରମିକ ନୀତିରେ ପ୍ରତିବର୍ଷ ମା’ଙ୍କର ଆଶୀର୍ବାଦ ବିତରଣ କରିବା ସହ ଏହି ପ୍ରାଚୀନ କଳାକୁ ବଂଚାଇ ରଖିଥିବା ଦେଖିବାକୁ ମିଳୁଛି ।

## ମହିଳାକୁ ମାଡ ଘଟଣାରେ ୩ ଗିରଫ

କେନ୍ଦ୍ରାପଡ଼ା,୫।୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅଧିନ କୋର ଗାଁରେ ଜଣେ ମହିଳାକୁ ଗାଁ ଦାଣ୍ଡରେ ମାଡମାରିବା ଘଟଣାରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦିପ ମଡକର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ସେହି ଗ୍ରାମର ଦଶରଥ ନାୟକ, ନିରଞ୍ଜନ ନାୟକ ଓ ମୁନ୍ନା ନାୟକ । ପ୍ରାଥମିକ ତଦନ୍ତ ଆଧାରରେ ଏହି ୩ଜଣଙ୍କୁ ଗିରଫ କରାଯାଇ ଥିବାବେଳେ ଭିଡିଓ ଫୁଟେଜ ଅନୁଧ୍ୟାନ କରି ଆସନ୍ତା ୨୪ଘଣ୍ଟା ମଧ୍ୟରେ ଅନ୍ୟ ଅଭିଯୁକ୍ତ ପୁରୁଷ ଓ ମହିଳା ମାନଙ୍କୁ ଗିରଫ କରାଯିବ ବୋଲି ଏସପି ମଡକର ସୂଚନା ଦେଇଛନ୍ତି । ପାରିବାରିକ ଗଣ୍ଡଗୋଳରୁ ମହିଳାଙ୍କୁ କିଛି ପୁରୁଷ ଓ ମହିଳା ଗାଁ ଦାଣ୍ଡରେ ଘୋଷରା ଓଟରା କରି ମାଡ ମାରିଥିଲେ । ପାଖ ପଡୋଶୀ ଉଭୟ ପରିବାର ଉପରେ ଗୋଟିଏ ଘରକୁ ନେଇ ଦୀର୍ଘଦିନ ହେଲା ବିବାଦ ଲାଗି ରହିଛି । ଶୁକ୍ରବାର ଅପରାହ୍ଣରେ ପୂର୍ବ ଘଟଣାକୁ ନେଇ ଉଭୟ ପରିବାର ଉପରେ ପାଟିତୁଣ୍ଡ ଆରମ୍ଭ ହୋଇ ତୀବ୍ର ରୂପ ଦାରଣ କରିଥିଲା । ଏଥିରେ ଉଭୟପକ୍ଷ ପୁରୁଷ ଓ ମହିଳାମାନେ ସଂପୃକ୍ତ ମହିଳାଙ୍କୁ ବାଉଁଶରେ ବାଡେଇ ବାଡେଇ ବିବସ୍ତ୍ରକରି ମାଡ ମାରିଥିବା ନେଇ ପିଡିତ ମହିଳାଙ୍କ ସଂପର୍କୀୟ ରାଧାକାନ୍ତ ରାଉତ ନିକିରାଇ ଥାନାରେ ଅଭିଯୋଗ କରିଥିଲେ ।

## ରାଉତରାପୁର ପଂଚାୟତରେ ଉପ-ନିର୍ବାଚନ

### ବିଜେଡି ସମର୍ଥୀତ ପ୍ରାର୍ଥୀନୀ ହେଲେ ମମତା ମଳିକ

ଧର୍ମଶାଳା,୫।୪ (ନି.ପ୍ର): ଯାଜପୁର ଜିଲା ବରୀ ନିବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଂଚାୟତରେ ଉପ-ନିର୍ବାଚନ ପାଇଁ ଶାସକ ବିଜେଡି ପକ୍ଷରୁ ପାର୍ଥୀ ଚୟନ କରାଯାଇଛି । ଆଜି ଅପରାହ୍ଣରେ ଏହି ପଂହଚାରୟତସ୍ଥ ରତପୁରଠାରେ ବରୀ ବିଧାୟିକା ସୁନନ୍ଦା ଦାସ ଆନୁଷ୍ଠାନିକଭାବେ ମମତା ମଳିକଙ୍କୁ ସରପଂଚ ପ୍ରାର୍ଥୀନୀଭାବେ ତାଙ୍କ ନାମ ଘୋଷଣା କରିଛନ୍ତି । ଯାହାକୁ ନେଇ ଏହି ପଂଚାୟତରେ ଜଣେ ମହିଳାଭାବେ ପ୍ରାର୍ଥୀନୀ ଭାବେ ନାମ ଘୋଷଣା ହୋଇଥିବାରୁ ପଂଚାୟତବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରୀ ବିଧାୟିକା ସୁନନ୍ଦ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶ୍ରୀମତୀ ଦାସ ମମତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏବଂ ଶ୍ରୀମତି ମଳିକ ବିପୁଳ ପରିମାଣ ଭୋଟ ବ୍ୟବଧାନରେ ଜିତି ବରୀ ନିର୍ବାଚନ ମଣ୍ଡଳୀରେ ୧ ନମ୍ବରରେ ରହିବେ ବୋଲି ପ୍ରତିଶୃତି ଦେଇଥିଲେ । ଆସନ୍ତାକାଲି ରସୁଲପୁର ବ୍ଲକରେ ଶତାଧିକ ସମର୍ଥକଙ୍କ ଗହଣରେ ପଆର୍ଥୀପତ୍ର ଦାଖଲ କରିବେ ବୋଲି ଜଣାପଡିଛି । ହେଲେ ବିରୋଧି ଦଳ ପକ୍ଷରୁ ତାଙ୍କ ପାର୍ଥୀଙ୍କ ନାମ ଘୋଷଣା କରିନଥିବା ଜଣାପଡିଛି । ସୂଚନା ଥାଉକି ୩ ମାର୍ଚ୍ଚ ୨୦୧୭ ମସିହାରେ ଏହି ପଂଚାୟତରେ ରେଣୁ ସେଠୀ ସରପଂଚ ପ୍ରାର୍ଥୀନୀଭାବେ ନିର୍ବାଚିତ ହୋଇଥିଲେ । ପରେ ସେ ବିଭିନ୍ନ ବିବାଦରେ ରହିବା ଫଳରେ ତାଙ୍କ ବିରୋଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହି ଅନାସ୍ଥା ପ୍ରସ୍ତାବରେ ସେ ହାରିଯାଇଥିଲେ। ପରେ ତାଙ୍କ ସ୍ଥାନରେ ୨୪।୪।୨୦୨୦ ମସିହାରୁ ଅଦ୍ୟବଧି ଭାବେ ଭାରପ୍ରାପ୍ତ ସରପଂଚଭାବେ କୈଳାସ ସାହୁଙ୍କ ଦାୟିତ୍ୱ ଦିଆଯାଇଥିଲା । ପରେ ୨୦୨୧ ମସିହ ମାର୍ଚ୍ଚ ମାସରେ ଏହି ପଂହଚାୟତରେ ଉପ-ନିର୍ବାଚନ ହେବ ବୋଲି ନିର୍ବାଚିତ ଅଧିକାରୀ ତଥା ରସୁଲପୁର ବିଡିଓ ଉମାକାନ୍ତ ପରିଡା ତାରିଖ ଘୋଷଣା କରିଥିଲେ । ତେବେ ଚଳିତ ମାସ ୨୮ ତାରିଖରେ ଏହି ପଂଚାୟତ ପାଇଁ ଉପ-ନିର୍ବାଚନ ଅନୁଷ୍ଠିତ ହେବ । ଏହି ପଂଚାୟତରେ ମୋଟ ୩୨ଶହ ଭୋଟର ଥିବା ଜଣାପଡିଛି ।

## ନାବାଳିକା ଦୀଘାରୁ ଉଦ୍ଧାର

ଭୁବନ,୫।୪ (ନି.ପ୍ର): ଦୀର୍ଘ୩ମାସ ହେଲା ଜନୈକା ନାବାଳିକାକୁ ଅପହରଣ କରିନେଇଥିବା ପାଗଳ ପ୍ରେମୀ ନିକଟରୁ ନାବାଳିକା କନ୍ୟାକୁ ଭୁବନ ପୋଲିସ ବାଲେଶ୍ୱର ବର୍ଡର ଦୀଘାରୁ ଉଦ୍ଧାର କରିଛି । ଏହି ଘଟଣା ଜଣାପଡିବା ପରେ ଭୁବନ ପୋଲିସ କୁ ଜନସାଧାରଣରେ ଉଚ୍ଚ ପ୍ରଶଂସା କରାଯାଉଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ,ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ଗ୍ରାମର ଦଶରଥ ବେହେରାଙ୍କ ପୁଅ ମନ୍ମଥ ବେହେରା (୨୨) ବାଲିବୋ ଗ୍ରାମର ଜନୈକା ୧୭ ବର୍ଷିୟା ନାବାଳିକାଙ୍କୁ ଦୀର୍ଘଦିନ ଧରି ଏକପାଖିଆ ଭଲ ପାଉଥିଲା । ଗତ ଜାନୁଆରୀ ମାସ ୫ ତାରିଖ ଦିନ ମନ୍ମଥ ବଳପୂର୍ବକ ଉକ୍ତ ୧୭ ବର୍ଷିୟା ନାବାଳିକାକୁ ଅପହରଣ କରି ନେଇଥିଲା । ବହୁ ଖୋଜାଖୋଜି କରିବା ପରେ ଝିଅର କୌଣସି ସନ୍ଧାନ ନମିଳିବାରୁ ଝିଅର ବାପା ଭୁବନ ଥାନାରେ ଅଭିଯୋଗ କରିଥିଲେ । ଭୁବନ ପୋଲିସ କେଶ ନଂ-୧୧/୨୦୨୧ ରେ ମାମଲା ରୁଜୁ କରି ଦୀର୍ଘ ୩ ମାସ ହେଲା ନାବାଳିକା କନ୍ୟାକୁ ଉଦ୍ଧାର କରିବାରୁ ଉଦ୍ୟମ ଚଳାଇଥିଲା ଏବଂ ଶେଷରେ ଗତ ୨ ତାରିଖ ଦିନ ଭୁବନ ଥାନା ଆଇଆଇସି ଜିତେନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ ପୋଲିସ କର୍ମଚାରୀଙ୍କ ସହ ବାଲେଶ୍ୱର ଗସ୍ତକରି ଦୀଘାରୁ ନାବାଳିକା କନ୍ୟା ଓ ପାଗଳ ପ୍ରେମୀ ମନ୍ମଥକୁ ଉଦ୍ଧାର କରି ଭୁବନ ଆଣିଥିଲେ । ଗତକାଲି ଉକ୍ତ ନାବାଳିକାର ଡାକ୍ତରୀ ମାଇନା କରାଯାଇ ଆଇସିଡବ୍ଲ୍ୟୁ ମାଧ୍ୟମରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା ଓ ଅପହରଣକାରୀ ମନ୍ମଥଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ।

## ବ୍ଲକସ୍ତରରୁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ହେବ ଆନ୍ଦୋଳନ

କେନ୍ଦ୍ରାପଡ଼ା,୫।୪ (ନି.ପ୍ର): କେନ୍ଦ୍ରାପଡାରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସରକାର ଓ ଜିଲଲ୍ଲାର ନିର୍ବାଚିତ ଜନ ପ୍ରତିନିଧିମାନେ ଏ ବିଷୟରେ ପାଟି ଖୋଲୁନଥିବା ଦେଖିବାକୁ ମିଳୁଛି । ଜିଲ୍ଲାର କୌଣସି ଜନ ପ୍ରତିନିଧି ଏଥିପ୍ରତି ଗୁରୁତ୍ୱ ନଦେଇ ନିରବ ଦର୍ଶକ ସାଜିଥିବା କାରଣରୁ ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବ ବୋଲି ନିଷ୍ପତି ନିଆଯାଇଛି । କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଜରୁରୀ ବୈଠକ ବସି ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ଅଧିକ ତୀବ୍ର କରିବା ପାଇଁ ବ୍ଲକ ସ୍ତରରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ନିଷ୍ପତି ନିଆଯାଇଛି । ନିର୍ବାଚିତ ଜନ ପ୍ରତିନିଧି ମାନଙ୍କୁ ଭେଟି ଦାବିପ୍ରତି ସମର୍ଥନ ହାସଲ ପାଇଁ କମିଟି ପକ୍ଷରୁ ଅଭିଯାନ ଆରମ୍ଭ କରାଯିବ । ଆଜିର ବୈଠକରେ ପ୍ରଫୁଲ୍ଲ କୁମାର ଦାସ, ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ଆଶିଷ ସେନାପତି, ଅଜୟ ସାମଲ, ସରୋଜ ରାଜ ସିଂହ, ରାମକୃଷ୍ଣ ଦାସ, ଗୌରାଙ୍ଗ ବେହେରା ପ୍ରମୁଖ ଉପସ୍ଥିତ ରହି ଅଭିଯାନର ରୂପରେଖ ସଂପର୍କରେ ଆଲୋଚନା କରିଥିଲେ ।

## ବେଆଇନ ବାଲି ଚାଲାଣ : ଟ୍ରାକ୍ଟର ଜବତ, ଜଣେ ଗିରଫ

ଗଞ୍ଜାମ,୫।୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଅଂଚଳରେ ବାଲି ଚୋରାଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ନିୟମିତ ବ୍ୟବଧାନରେ ଚଢ଼ଉ ସତ୍ୱେ ମାଫିଆ ଓ ବାଲି ଚାଲାଣକାରୀ ସକ୍ରିୟ ରହୁଛନ୍ତି । ଏଭଳି ସ୍ଥିତିରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ତତ୍ୱାବଧାନରେ ଏକ ଟିମ୍ ସୁବର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଋଷିକୂଲ୍ୟା ନଦୀରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟର ଜବତ କରିବା ସହ ଏହାର ଚାଳକକୁ ଗିରଫ କରିଛନ୍ତି ।

# ଭୂତ



ଶିବ ପ୍ରସାଦ ବାହିନୀପତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସର୍ବପ୍ରଥମେ ଆମେରିକାର ୩୦ତମ ରାଷ୍ଟ୍ରପତି କେଲ୍ଭିନ କୁଲିଜଙ୍କ ସ୍ତ୍ରୀ ଗ୍ରେସ କୁଲିଜ ହ୍ୱାଇଟ ହାଉସରେ ଆବ୍ରାହମ ଲିଙ୍କନଙ୍କ ଆତ୍ମାକୁ ଅନୁଭବ କରିଥିଲେ । ସେ କହିଥିଲେ ହ୍ୱାଇଟ ହାଉସର ଏକ କୋଠରୀର ଝରକା ପାଖରେ ଆବ୍ରାହମ ଲିଙ୍କନ ଛିଡ଼ା ହୋଇଥିବାର ଅନୁଭବ କରିଥିଲେ । ତାଙ୍କୁ ବହୁତ ଥର ଏମିତି ଲାଗୁଥିଲା ଯେ ତାଙ୍କ ଆଖପାଖରେ ଲିଙ୍କନ ବସିଛନ୍ତି । କୁହାଯାଏ ଯେ ନେଦରଲାଣ୍ଡର ମହାରାଣୀ ୱିଲନିଆ ବି ହ୍ୱାଇଟ ହାଉସରେ ଆବ୍ରାହମଙ୍କର ଆତ୍ମାକୁ ଦେଖିଥିଲେ । ଆମେରିକା ଯାତ୍ରା ବେଳେ ସେ ଗୋଟିଏ ଥର ହ୍ୱାଇଟ ହାଉସରେ ରହିଥିଲେ । ମଧ୍ୟରାତ୍ରିରେ କେହି ଜଣେ କବାଟ ବାଡ଼େଇବାର ଶୁଭାଗଲା । ସେ କବାଟ ଖୋଲନ୍ତେ ତ, ସାମ୍ନାରେ ଆବ୍ରାହମ ଲିଙ୍କନ । ସେ ଭୟଭୀତ ହୋଇଯାଇଥିଲେ । ବ୍ରିଟେନର ଜଣେ ପୂର୍ବ ରାଷ୍ଟ୍ରପତି ବି ହ୍ୱାଇଟ ହାଉସରେ ଆବ୍ରାହମଙ୍କର ଆତ୍ମା ଦେଖିଛନ୍ତି । ସେ ଥରେ ମାତ୍ର ଆମେରିକା ଆସିଥିବା ବେଳେ ହ୍ୱାଇଟ ହାଉସରେ ରହିଥିଲେ । ବାଥ୍‌ରୁମରୁ ଗାଧୋଇ ସାରି ଫେରିଲା ବେଳକୁ ସେ ଦେଖିଲେ ସିଗାରେଟ୍ ଜଳୁଥିଲା ଓ ତା’ ପାଖରେ ଆବ୍ରାହମ ଲିଙ୍କନ ବସିଥିଲେ । ଏ ଘଟଣା ଆଜି ବି ଲୋକଙ୍କ ମନରେ ଭୟ ଜାଗ୍ରତ କରୁଛି । ତେବେ ମଣିଷ ବିଜ୍ଞାନ ଯୁଗରେ ପାଦ ଦେଲେ ବି ନକରାତ୍ମକ ଶକ୍ତିକୁ ବି ବିଶ୍ୱାସ କରିବା ଉଚିତ । କେତେଜଣ କହନ୍ତି ଆମେ ଆତ୍ମାକୁ ଦେଖିନୁ। କିନ୍ତୁ ଭଗବାନଙ୍କୁ ମାନନ୍ତି । ଯଦି ଭଗବାନ ଅଛନ୍ତି ତେବେ ଆତ୍ମା କାହିଁକି ନାହାନ୍ତି ? ଭଗବାନଙ୍କୁ ସ୍ୱଚକ୍ଷୁରେ କେହି ଦେଖିଛନ୍ତି କି? ଯଦି ନା, ତେବେ ମାନୁଛନ୍ତି କେମିତି ଯେ ଭଗବାନ ଅଛନ୍ତି ବୋଲି ? ସେତିକି ନିଷ୍ଠା, ଉଚିତ୍ ଭକ୍ତି ତଥା ଧର୍ମ କାର୍ଯ୍ୟରେ ବ୍ରତୀ ବ୍ୟକ୍ତି ଭଗବାନଙ୍କୁ ଦେଖିପାରେ। ପୁରାଣ ବର୍ଣ୍ଣିତ ଧର୍ମପଦ, ସୁଦାମା, ପ୍ରହ୍ଲାଦଙ୍କ ଅଗାଧ ଭକ୍ତି ପରି ନିଜର ଆଚରଣ ଓ ମନକୁ ସେ ଭଳି ରୂପାନ୍ତରିତ କରିପାରିଲେ ଦେଖି ହେବ । ସେମିତି ଖରାପ ସମୟ ନ ପଡ଼ିଲେ କି ଉପଯୁକ୍ତ ସମୟ ନ ଆସିଲେ ଆତ୍ମା ସହ ସମ୍ମୁଖୀନ ହେବା ସମ୍ଭବ ନୁହେଁ । ତେଣୁ ଆତ୍ମାର ବି ସ୍ଥିତି ଅଛି, ଅଲଗା ଏକ ଇଲାକା ଅଛି ବୋଲି ମିଥ୍ୟା ପ୍ରମାଣିତ ହୋଇପାରିବ ନାହିଁ ।

ମୁଁ ବି ଅନେକଙ୍କ ଠାରୁ ଭୂତର ଅନୁଭବ ଶୁଣିଛି । ମତେ ପୁଅ ବୋଲି ସ୍ୱୀକାରୋକ୍ତି ଦେଇଥିବା ଜଣେ ମହିୟସୀ ମହିଳା ଗାୟତ୍ରୀ ମିଶ୍ରଙ୍କ ଠାରୁ ମୁଁ ଦିନେ ଶୁଣିବାକୁ ପାଇଲି ତାଙ୍କର ଅନୁଭବ, ଯାହା ଥିଲା ଭୂତଙ୍କ ଉପରେ । ତାଙ୍କୁ ଯେତେବେଳେ ବାରବର୍ଷ ବୟସ ହୋଇଥିଲା, ଆଉ ସେ ପଞ୍ଚମ ଶ୍ରେଣୀର ଛାତ୍ରୀ ଥିଲେ ପରିବାର ସହିତ। ଏକ ଭଡ଼ା ଘରେ ରହୁଥିଲେ । ଆସ୍କା ସହରର ସ୍ୱାଇଁ କଲୋନୀରେ ବଜାର ସାହିରେ ଭଡ଼ା ଘରେ ସେ ଆଉ ତାଙ୍କର ପୂରା ପରିବାରଙ୍କର ରହଣି ଥିଲା । ଘରକୁ ଘର। ଲାଗି ଅନେକ ଘର ସମଷ୍ଟିରେ କଲୋନୀଟି ମୁଣ୍ଡ ଟେକି ଛିଡ଼ା ହୋଇଥିଲା । ତାଙ୍କ ଭଡ଼ା ଘର ପାଖରେ ଗୋଟିଏ ପରିବାର ଥିଲେ ; ସେଇ ପରିବାରରେ ଜଣେ ସ୍ତ୍ରୀଲୋକ ଥିଲେ ଯିଏକି ସାତ-ଆଠ ମାସର ଅନ୍ତସତ୍ତ୍ୱା ଥିଲେ । ଥରେ ସେ କୌଣସି କାରଣ ପାଇଁ ରୋଷେଇ ଘରେ ଥିବା ଲଙ୍କା ଡ଼ବାରୁ ଲଙ୍କା କାଢ଼ିବା ପାଇଁ ହାତ ପୁରାଇଲା ପରେ ଏକ ଧଳା ବିଛଟିଏ ତାଙ୍କୁ କାମୁଡ଼ି ଦେଲା । ଦେଶୀ ଚିକିତ୍ସା କରି ସୁଦ୍ଧା ସୁଫଳ ମିଳିଲା ନାହିଁ । ସନ୍ଧ୍ୟା ୫ଟାରେ ଇହଧାମ ତ୍ୟାଗ କଲେ । କିଛି ଦିନ ଗତ ହେବା ପରେ ଅନେକ ଲୋକ ତାଙ୍କ ଆତ୍ମାକୁ ଦେଖିଥିବାର ମୁଁ ଗାୟତ୍ରୀ ମିଶ୍ରଙ୍କ ଠାରୁ ଶୁଣିବାକୁ ପାଇଲି । ସେ ନିଜେ ମଧ୍ୟ ତାଙ୍କ ଆତ୍ମାକୁ ତାଙ୍କ ଘର ଭିତରେ ଛିଡ଼ା ହୋଇଥିବାର ଦେଖିଛନ୍ତି ବୋଲି ମତେ କହିଲେ । ଆଉ ଜଣେ କରଣ ସ୍ତ୍ରୀଲୋକ ଆଗରୁ ମରିଥିଲେ । ତାଙ୍କ ଆତ୍ମାକୁ ବି ସେ କରଣ। ଘର ବଗିଚାରେ ଠିଆ ହୋଇଥିବାର ଦେଖିଛନ୍ତି ବୋଲି ମୋ ଆଗରେ ସ୍ୱୀକାର କରିଛନ୍ତି । ଗାୟତ୍ରୀ ମିଶ୍ରଙ୍କର ଆଉ ଏକ ସ୍ୱ-ଅନୁଭୂତି ମୋ ଆଗରେ ବର୍ଣ୍ଣନା କରି କହିଛନ୍ତି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ୨୦୧୧ ମସିହା ମାର୍ଚ୍ଚ ମାସ ୨୧ ତାରିଖ ସୋମବାର ଦିନ ହୋଇଥିଲା । ସେ ଜଣେ ପ୍ରଧାନଶିକ୍ଷକ ଥିଲେ ଓ କଟକରେ ଶିକ୍ଷକତା କରୁଥିଲେ। ଦିନେ ଶନିବାର ଅର୍ଥାତ୍ ୨୦୧୧ ମସିହା ମାର୍ଚ୍ଚ ମାସ ୧୯ ତାରିଖ ଦିନ ଗାୟତ୍ରୀ ମିଶ୍ର ଏକ ସ୍ୱପ୍ନ ଦେଖିଲେ ଯେ ତାଙ୍କ ଝିଅ ଧଳାଶାଢ଼ୀ ପିନ୍ଧି ତାଙ୍କ ସାମ୍ନାରେ ଠିଆ ହୋଇଥିଲେ । କିନ୍ତୁ ବାସ୍ତବ କଥା ତାଙ୍କ ଝିଅ ବିବାହ କରିସାରିଥିଲେ ଓ ସଧବା ଥିଲେ । ଏଭଳି ଦୁଃସ୍ୱପ୍ନ ଦେଖି ଡ଼ରରେ ନିଦ ଭାଙ୍ଗି ଯାଇଥିଲା ଗାୟତ୍ରୀ ଦେବୀଙ୍କର । ଗାୟତ୍ରୀ ଦେବୀଙ୍କ ସ୍ୱାମୀ ସବୁଦିନ ପରି ସେଦିନ ବି ବଡ଼ି ଭୋରରୁ ଉଠି ତାଙ୍କ ନିତ୍ୟକର୍ମ ସମାପନ କରିସାରିଲେଣି । ତାଙ୍କ ସ୍ୱାମୀଙ୍କୁ କିଛି ନ କହି ଗାୟତ୍ରୀ ଦେବୀ ଚାଲିଲେ ଉପର ମହଲାକୁ । ସେଠାରେ ରହୁଥିବା ଜଣେ ଭଡ଼ାଟିଆଙ୍କୁ ଏ ସ୍ୱପ୍ନ ବିଷୟରେ କହିଲେ । ଦିନଯାକ ମନସ୍ତାପରେ କଟିଲା ତାଙ୍କର । ପରଦିନ ଅର୍ଥାତ ରବିବାର ଦିନ ସକାଳ ୧୧ଟା କି ୧୨ଟା ସମୟ ହେବ, ଗାୟତ୍ରୀ ଦେବୀଙ୍କ ସ୍ୱାମୀଙ୍କର ଛାତିରେ ଯନ୍ତ୍ରଣା ଆରମ୍ଭ ହେଲା। ଅସହ୍ୟ ଯନ୍ତ୍ରଣା,ଏତେ ଯନ୍ତ୍ରଣା ଯେ ସେ ବେଡ୍‌ରେ ବି ଶୋଇ ପାରିଲେନି । ରାତିରେ ଚେୟାର ପକାଇ ଗାୟତ୍ରୀ ଦେବୀଙ୍କ ପାଖରେ ବସିଲେ । ରାତି ପାହି ସକାଳ ହେଲା । ସକାଳୁ ସକାଳୁ କର୍ତ୍ତବ୍ୟ ପରାୟଣ ହୋଇ ନିଜ କର୍ମସ୍ଥଳୀ ‘ବିଦ୍ୟାଳୟ’କୁ ବାହାରି ଗଲେ ଗାୟତ୍ରୀ ଦେବୀଙ୍କ ସ୍ୱାମୀ। ପାଠ ପଢାଇବା ବେଳେ ସକାଳ ଆଠଟାରେ ସ୍କୁଲ୍ ରୁମ୍ ଭିତରେ ହିଁ ଟଳି ପଡ଼ିଲେ ସେ । ଚାହୁଁ ଚାହୁଁ ଚାଲିଗଲା ପ୍ରାଣବାୟୁ । ଖବର ଆସିଲା ଗାୟତ୍ରୀ ଦେବୀଙ୍କ ପାଖକୁ -‘ସାର ହସ୍ପିଟାଲରେ, ଆପଣ ଯଥାଶୀଘ୍ର ଆସନ୍ତୁ’। ସମୟ ସେତେବେଳକୁ ସକାଳ ନଅଟା । ଗାୟତ୍ରୀ ଦେବୀ ବାହାରି ଗଲେ, ସେଠାରେ ପହଞ୍ଚି ଦେଖିଲେ ତାଙ୍କ ସ୍ୱାମୀ ଆଉ ନାହାନ୍ତି । ସଂସ୍କାର ସରିଲା । ଆଠ-ନଅ ଦିନ ପରେ ସେ ଘର ଛାଡ଼ି ସେ ଅନ୍ୟତ୍ର ଚାଲି ଆସିଲେ। ଔର୍ଦ୍ଧଦୈହିକ କ୍ରିୟା ଯଥାବିଧି ସରିଲା । ବିତିଗଲା ପୁଣି ଆଠ-ନଅ ମାସ । ଅସ୍ଥି ବିସର୍ଜନ ହୋଇ ନ ଥାଏ । ହଠାତ ଦିନେ ସ୍ୱପ୍ନ ଦେଖିଲେ - ତାଙ୍କ ସ୍ୱାମୀ ଯୋଉ ଘରେ ମରିଥିଲେ, ସେଇ ଘରେ ସେ ବସିଛନ୍ତି । ଉଠି ଚାଲବୁଲ କରନ୍ତି ଓ ପୁଣି ଚେୟାରରେ ବସି ପଡୁଛନ୍ତି । ତାଙ୍କ ପୁଅକୁ ଡ଼ାକି କହୁଛନ୍ତି ‘ଆସ୍, ବଜାରକୁ ଯିବା, ଜଳଖିଆ ଖାଇ ଆସିବା ।’ ବାପାଙ୍କ କଥାକୁ ଅମାନ୍ୟ ନ କରି ପୁଅ ବାପାଙ୍କ ସହ ଚାଲି ଯାଏ ବଜାରକୁ । ଜଳଖିଆ ଖାଇ ଘରକୁ ଫେରିଆସେ । ଘରକୁ ଆସିଲା ପରେ ଦ୍ୱାର ମୁହଁରେ ମୁହଁ ମାଡ଼ି ପଡ଼ିଯାଏ ଓ ସଙ୍ଗେ ସଙ୍ଗେ ସାରା ଶରୀର ପାଉଁଶିଆ ରଙ୍ଗରେ ପରିବର୍ତ୍ତନ ହୋଇଯାଏ । ଏଠାରେ ପାଠକ ଦୃଷ୍ଟି ଦେବେ ଯେ ଏସବୁ ସ୍ୱପ୍ନ ହିଁ ଥିଲା । ପୁଅର ଏସନେକ ଅବସ୍ଥା ଦେଖି ମାଆ ଗାୟତ୍ରୀ ଦେବୀ ଚକିତ ହୋଇପଡନ୍ତି । ଭୁବନେଶ୍ୱର ରକ୍ଷା କର କହି ପାଦୁକ ପାଣି ସିଞ୍ଚନ କରନ୍ତି । ସେହି ପାଦୁକ ପାଣି ସିଞ୍ଚନ ପରେ ପୁଅ ଉଠି ବସେ ଯ ତହିଁ ଆରଦିନ ପୁଅ ନିଜେ ସ୍ୱପ୍ନ ଦେଖେ ଯେ - ବାପା ତାକୁ ଧଳା ଫୁଲ ମାଗୁଛନ୍ତି । ଏପରି ଦୁଇ-ତିନି ଥର ଦେଖିବା ପରେ ପୁଅଟି ମାଆ ଆଗରେ କହିବାରୁ ମାଆ ସ୍ୱଳ୍ପ ଭୀତ ପାଇ ପୁଅକୁ ମନ୍ଦିରରେ ଯାଇ ପୂଜା-ଧ୍ୱଜା କରି ଆସିବାକୁ କହିବାରୁ ପୁଅ ସେପରି କଲା । କିଛିଦିନ ପରେ ବର୍ଷିକିଆ ଶ୍ରାଦ୍ଧ ହେଲା ଓ ଅସ୍ଥି ବିସର୍ଜନ ପରେ ଆଉ ସେଭଳି ସ୍ୱପ୍ନ ଦୃଶ୍ୟମାନ ହେଲା ନାହିଁ । ଏଥିରୁ ବି ଜଣା ପଡୁଛି ଆତ୍ମା ବୋଲି କିଛି ଅଛି ନିଶ୍ଚିତ । କେହି ଏଡ଼ାଇ ଦେଇ ପାରନ୍ତି ; କିନ୍ତୁ ଭୁକ୍ତଭୋଗୀ ମନରୁ ଲିଭି ପାରିବନି ଏସବୁ । ଜଣେ ସମ୍ବାଦ ରିପୋର୍ଟ ପ୍ରଦାନକାରୀ ଫଟୋଗ୍ରାଫର ଜଣେ ସାମ୍ବାଦିକ ବନ୍ଧୁଙ୍କୁ ଭେଟିବା ପାଇଁ ଗଲେ । ସେଠାରେ ପହଞ୍ଚି ଏକ ଦୁଃଖଦ ଖବର ଶୁଣି ମର୍ମାହତ ହୋଇଗଲେ । ଖବରଟି ଥିଲା ସେଠାର ଜଣେ ଭଗବତ୍ ପ୍ରେମୀ ଯିଏକି ପ୍ରଖ୍ୟାତ ଭଗବତ ସାଧକ ଥିଲେ, ସେ ଆଉ ନାହାନ୍ତି । ତାଙ୍କୁ କାଳେ ଭଗବାନ ଦେଖା ଦିଅନ୍ତି । ସାମ୍ବାଦିକ ବନ୍ଧୁ ଠାରୁ ସେ ମରିବା ଖବର ଶୁଣି ମଉଳି ଯାଇଥିଲା ସମ୍ବାଦ ରିପୋର୍ଟ ପ୍ରଦାନକାରୀ ଫଟୋଗ୍ରାଫରଙ୍କ ମାନସ । ସେଠାକୁ ବୁଲିବାକୁ ଯିବାକୁ ମନ ବଳାଇବାରୁ ସାମ୍ବାଦିକ ବନ୍ଧୁ ତାଙ୍କୁ ସେଠାକୁ ସାଥିରେ ନେଇଗଲେ । ସେଠାକାର ଫଟୋ ଉତ୍ତୋଳନ କରି ଆଣିଲେ । ସାମ୍ବାଦିକ ବନ୍ଧୁଙ୍କ ଘରେ ତିନିଦିନ ରହିବା ପରେ ଆସିବାକୁ କହିବାରୁ ଆଉ ଗୋଟେ ଦିନ ରହିବାକୁ ବାଧ୍ୟ କଲେ ସାମ୍ବାଦିକ । ତେଣୁ ବାଧ୍ୟ ହୋଇ ଆଉ ଗୋଟେ ଦିନ ରହିଲେ । ଏକ ନିହାତି କାମରେ ସାମ୍ବାଦିକ ବନ୍ଧୁ ଘରୁ ବାହାରି ଗଲାବେଳେ ବନ୍ଧୁଙ୍କୁ କହିଗଲେ ମୁଁ ଆସିବି ରାତିକୁ । ସେ ଚାଲିଗଲା ପରେ ଏକୁଟିଆ ଘରେ ବସି ବିରକ୍ତ ହେବାକୁ ପସନ୍ଦ ନ କରି ଗାଁ ଆଡ଼େ ବୁଲିବାକୁ ବାହାରିଲେ । ବୁଲି ବୁଲି ଠିକ୍ ସେଇ ଜାଗାରେ ପହଞ୍ଚିଲେ, ଯୋଉଠି ସାଧୁ ମହାତ୍ମାଙ୍କ ନିବାସସ୍ଥଳୀ ଥିଲା । ସେ ଏତେ ବାଟ ଚାଲି ଆସିଛନ୍ତି ବୋଲି ନିଜକୁ ବିଶ୍ୱାସ କରିପାରି ନଥିଲେ ।

ସେଠାରେ ପହଞ୍ଚି ଚତୁର୍ଦ୍ଦିଶ ନିରୀକ୍ଷଣ କଲେ । ହଠାତ୍ ନଜରପରିସର ଭିତରକୁ ଏକ ଅଲୌକିକ ଦୃଶ୍ୟ ଆସିଲା । ପରିତ୍ୟକ୍ତାବସ୍ଥାରେ ସେଠାରେ ପଡ଼ି ରହିଥିବା ଏକ ଘର ଭିତରୁ ଆଲୁଅଟେ ଜଳୁଥିଲା । ସେ ଆଶ୍ଚର୍ଯ୍ୟ ହୋଇଗଲେ । ଏହି ପରିତ୍ୟକ୍ତ ଘରେ ଏହି ଆଲୁଅ କେଉଁଠୁ ଆସିଲା ବୋଲି ଭାବି ବସିଲେ । ଆଲୁଅ ଆଡ଼କୁ ଗତି କଲେ । ଆଲୁଅଟି ଆଗେ ଆଗେ ଚାଲିବାକୁ ଲାଗିଲା । ଆଲୁଅକୁ ଅନୁସରଣ କରି ତାଙ୍କ ପଛେ ପଛେ ସମ୍ବାଦ ରିପୋର୍ଟର ଫଟୋଗ୍ରାଫର ଜଣକ ଚାଲିଲେ । ଆଲୁଅଟି ବାଟ କଢ଼ାଇ ତାଙ୍କୁ ଏକ ପାହାଡ଼ ଗୁମ୍ଫା ଭିତରକୁ ନେଇଗଲା, ସେଇ ଗୁମ୍ଫା ପାଖରେ ଅଟକି ରହିଲା ସେ ଆଲୋକଟି । ଗୁମ୍ଫା ପାଖରେ ଛିଡ଼ା ହୋଇଥିଲେ ସମ୍ବାଦ ରିପୋର୍ଟର ଫଟୋଗ୍ରାଫର । ଭିତରୁ ଆୱାଜ ଆସିଲା - ‘ଭିତରକୁ ଆସନ୍ତୁ ।’ ସମ୍ବାଦ ରିପୋର୍ଟର ଫଟୋଗ୍ରାଫର ଜଣକ ହତବାକ ହୋଇଗଲେ । ଭିତରେ କିଏ ?- ଏ ପ୍ରଶ୍ନ ଆନ୍ଦୋଳିତ କଲା ତାଙ୍କ ମନକୁ । ପ୍ରଶ୍ନର ଉତ୍ତର ପାଇବାକୁ ଭିତରକୁ ପ୍ରବେଶ କଲେ ସମ୍ବାଦ ରିପୋର୍ଟର ଫଟୋଗ୍ରାଫର । ପୁଣି ଶବ୍ଦ ଆସିଲା -‘ସିଧା ଆସନ୍ତୁ, ଆଲୋକକୁ ଅନୁସରଣ କରି ଆସିବା ହୁଅନ୍ତୁ ।’ କେହି ନାହିଁ, ଅଥଚ କି ଡ଼ାକୁଛି ମତେ ? ଭୟ ଲାଗୁଥିଲେ ବି ସାହସର ସହିତ ଭିତରକୁ ପ୍ରବେଶ କରୁଥା’ନ୍ତି ସମ୍ବାଦ ରିପୋର୍ଟର ଫଟୋଗ୍ରାଫର ଜଣକ ।

ଭିତରେ ପ୍ରବେଶି ଜଣେ ସାଧୁ ଆତ୍ମାଙ୍କ ସହ ଭେଟିଲେ । ଏତେ ବଡ ଗୁମ୍ଫାର ଗମ୍ଭୀରା ଭିତରେ ସାଧୁ ଆତ୍ମାଙ୍କ ଉପସ୍ଥିତି ଚକିତ କରି ପକାଇଲା ତାଙ୍କୁ । ସାଧୁ ଆତ୍ମା କହିଲେ -‘ଆପଣ କାଲି ମତେ କେତେ ଖୋଜୁଥିଲେ, ମୁଁ ପ୍ରତୀକ୍ଷାରତ ଆପଣଙ୍କୁ । ଆସନ୍ତୁ, ବସନ୍ତୁ ମୋ ପାଖରେ । ‘ସମ୍ବାଦ ରିପୋର୍ଟର ଫଟୋଗ୍ରାଫର ଜଣକ ପ୍ରଶ୍ନ କଲେ ତାଙ୍କୁ -’ ଆପଣ କେମିତି ଜାଣିଲେ ଯେ ମୁଁ ଆପଣଙ୍କୁ ଖୋଜୁଥିଲି ବୋଲି ?‘ ସାଧୁ ଆତ୍ମା କହିଲେ - ‘କାଲି ଆପଣ ଏଠାକୁ ଆସିଥିଲେ ଓ ମତେ ଏଠି ଖୋଜୁଥିଲେ । ଆପଣଙ୍କ ସାଙ୍ଗଙ୍କୁ ମୋ ବିଷୟରେ ପଚାରୁଥିବାର ମୁଁ ଶୁଣିଲି । ‘ସେ ଜାଣି ପାରିଲେ ଯେ ଏ ଜଣେ ମହାନ ସାଧୁ ; ସବୁ ଆଗତ-ଭବିଷ୍ୟ ଜାଣି ପାରନ୍ତି । ତାଙ୍କଠୁ ଅନୁମତି ନେଇ ବିଭିନ୍ନ ବିଷୟରେ ଅବଗତ ହେଲେ। ଆତ୍ମା, ପରମାତ୍ମା, ସଂସାର ନିୟମ ଆଦି ଅନେକ ଗୁଢ଼ତତ୍ତ୍ୱ ତାଙ୍କ ଠାରୁ ଶିକ୍ଷା ଲାଭ କଲେ । ପରିଶେଷରେ ତାଙ୍କର ଏକ ଫଟୋ ଉତ୍ତୋଳନ କରିବାକୁ ଅନୁମତି ଭିକ୍ଷା କରନ୍ତେ, ସାଧୁ ମହାତ୍ମା ସାଦରେ ଅନୁମତି ପ୍ରଦାନ କଲେ । ତାଙ୍କର ଫଟୋ ଉଠାଇବା ସହ, ତାଙ୍କ ସହିତ ଯୋଡି ହୋଇ ନିଜର ସେଲ୍ଫି ନେଇନେଲେ ।

ସାଙ୍ଗକୁ ଖୋଜି ଖୋଜି କିଛି ଲୋକଙ୍କୁ ସାଥିରେ ନେଇ ସାମ୍ବାଦିକ ଜଣକ ସେଠାକୁ ଆସିବା ବାଟରେ ସମ୍ବାଦ ରିପୋର୍ଟର ଫଟୋଗ୍ରାଫରଙ୍କୁ ଫେରୁଥିବାର ଦେଖିଲେ । ବହୁ ବିରକ୍ତ ହେଲେ ସମ୍ବାଦ ରିପୋର୍ଟର ଫଟୋଗ୍ରାଫରଙ୍କ ଉପରେ ସାମ୍ବାଦିକ ବନ୍ଧୁ ଜଣକ । ତାଙ୍କ ସାଙ୍ଗ ଆସିବା ଖବର ବି ସାଧୁ ମହାତ୍ମା ତାଙ୍କୁ ଜଣାଇ କହିଥିଲେ -‘ଆପଣଙ୍କୁ ଆପଣଙ୍କ ସାଙ୍ଗ ଖୋଜିବା ପାଇଁ ଆସୁଛନ୍ତି । ଯାଆନ୍ତୁ ଆଲୋକଟି ବାଟ କଢ଼ାଇ ନେଇଯିବ । ‘ସତକୁ ସତ ଆଲୋକଟି ବାଟ କଢ଼ାଇ ବାହାରକୁ ନେଇ ଆସିଥିଲା ତାଙ୍କୁ। ସାଙ୍ଗଙ୍କୁ ଭେଟି ଫଟୋଚିତ୍ର ସହ ସବୁ ପ୍ରମାଣପତ୍ର ଦେଖାଇ ସବୁ କଥା କହିବା ପରେ ସାମ୍ବାଦିକ ସାଙ୍ଗ ଜଣକ ଚକିତ ହୋଇଗଲେ । ସାଙ୍ଗ ହୋଇ ଫେରିଲେ ନିଜ ବସାକୁ । ସକାଳୁ ଫଟୋ ଧୋଇ ଫଟୋ କାଢ଼ିଲା ବେଳକୁ ଫଟୋ ଦେଖି ଆଚମ୍ବିତ ହୋଇଗଲେ ଦୁଇ ବନ୍ଧୁ । ଫଟୋରେ କେବଳ ତାଙ୍କ ନିଜ ଫଟୋ, ସାଧୁ ମହାତ୍ମା ଗାଏବ୍ । ତେବେ କୁହନ୍ତୁ ତ ଏପରି ଅସମ୍ଭବ କେମିତି ହୋଇପାରିବ ? ଆତ୍ମା ନାହାନ୍ତି ବୋଲି କହି ପାରିବା କେମିତି ?

ଆଉ ଗୋଟିଏ ଦିନ ଜଣେ ଭଉଣୀଙ୍କଠୁଁ ଶୁଣିବାକୁ ପାଇଥିଲି କଥାଟିଏ । କଥାଟି ହେଲା - ସନ୍ଦୀପା ମହାପାତ୍ରଙ୍କର ଜଣେ ମାଇଁଙ୍କର ବଡ଼ ଭଉଣୀଙ୍କର ମୃତ୍ୟୁ ହୋଇ ସାରିଥାଏ । ମାଇଁଙ୍କର ବାହାଘର ସରି ଯାଇଥାଏ । ଦିନକର ଘଟଣା, ରାତ୍ରି ପ୍ରାୟ ୧୨ଟା ପରେ ହୋଇଥିବ ବୋଧହୁଏ । ପରିସ୍ରା କରିବାକୁ ଉଠିଲେ ମାମୁଁ - ମାଇଁ । ଦାଣ୍ଡ ଦୁଆର ଖୋଲି ଦେଖିଲେ ଦାଣ୍ଡ ଦ୍ୱାର ପିଣ୍ଡା ତଳେ ଠିଆ ହୋଇଥିଲେ ସନ୍ଦୀପା ମହାପାତ୍ରଙ୍କ ମାଇଁଙ୍କର ବଡ଼ ଭଉଣୀ । ଉଭୟଙ୍କୁ ଦେଖି ଘର ସାମ୍ନାରେ ଖଣ୍ଡେ ଦୂରରେ ଥିବା ଧଳାଙ୍ଗ ଗଛକୁ ଚାଲିଗଲା ଆତ୍ମାଟି । ଧଳାଙ୍ଗ ଗଛରେ ଯାଇ ରହିଲା ପ୍ରେତାତ୍ମାଟି । ମାଇଁ ପରିସ୍ରା ପାଇଁ ଚାଲିଗଲେ ଓ ମାମୁଁ ସେଇ ଧଳାଙ୍ଗ ଗଛ ମୂଳେ ପରିସ୍ରା କଲେ । ପ୍ରେତଟି ଗଛରୁ ଖସଖସ ଶବ୍ଦ କରି ଅନ୍ୟତ୍ର ଚାଲିଗଲା । ଶବ୍ଦ ଶୁଣି ଦିହେଁ ଭୟରେ ଚାଲି ଆସିଲେ। କେତେ ଦିନ ବିଗତ ପରେ ଆତ୍ମାଟି ଜଣଙ୍କ ଶରୀରରେ ପ୍ରବେଶ କରି କହିଲା - ମୁଁ ଧଳାଙ୍ଗ ଗଛ ପାଖରେ ଛିଡ଼ା ହୋଇଥିଲି, ଜୋଇଁ ମୋ ଉପରେ ପରିସ୍ରା କରିଦେଲେ । ଆତ୍ମା ଓ ଆତ୍ମା କହିଥିବା କଥାରୁ ସ୍ପଷ୍ଟ ବାରି ହୋଇଯାଉଛି ଯେ ଆତ୍ମା ବୋଲି କିଛି ଅଛି ।

ଆଉ ଜଣେ ବଡ଼ ଭଉଣୀ ମହାସ୍ମିତା ଓଝାଙ୍କଠାରୁ ଶୁଣିବାକୁ ମୁଁ ପାଇଥିଲି ତାଙ୍କ ଭୂତ-ଅନୁଭୂତି । ତାଙ୍କୁ ଯେତେବେଳେ ନଅ କି ଦଶବର୍ଷ ବୟସ, ସେତେବେଳେ ସେ ପଞ୍ଚମ ଚି ଷଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ । ତାଙ୍କ ବାଡ଼ିରେ ଏକ କୂଅ ଥିଲା । ସେ କୂଅରୁ କେବଳ ଫସଲକୁ ପାଣି ମଡ଼ାଇବା କାର୍ଯ୍ୟ ବ୍ୟତିତ ଆଉ କିଛି ହୁଏନା । ସବୁଦିନ ରାତିରେ ସେଠି ଲୋଟା ବାଡେଇବାର ଶବ୍ଦ ଶୁଣାଯାଏ । ସେଠାକାର ବାସିନ୍ଦାଙ୍କ ଠାରୁ ଶୁଣିବାକୁ ମିଳେ, ସେଠି ଜଣେ ଧୋବା ଘର ବାସ କରୁଥିଲେ । ଛୋଟ କୁଡ଼ିଆଟିଏ ଥିଲା ତାଙ୍କର । ସେ ଘରେ ପାଞ୍ଚବର୍ଷର ପୁଅଟିଏ ବି ତାଙ୍କର ଥିଲା । ସେ ପୁଅର ମୃତ୍ୟୁ ହୋଇ ସାରିଥିଲା । ସେଇ ପୁଅର ଆତ୍ମା ସେଠି ଘୂରି ବୁଲୁଛି । ସେଠି ଗୋଟିଏ ଫୁଲ ବାଗନା ଥିଲା । ମହାସ୍ମିତାଙ୍କର କହିବା କଥା, ଦିନେ ସେ ଫୁଲ ତୋଳିବାକୁ ଭୋରରୁ ଗଲେ । ରାତି ସମ୍ପୂର୍ଣ୍ଣ ପାହି ନଥାଏ ; ସମୟ ବୋଧହୁଏ ରାତି ରାଢ଼େ ତିନି କି ଚାରିଟା ହେବ । ଫୁଲ ତୋଳିବା ନିଶାରେ ସେଇ ପୁଅ ମରିଥିବା ସ୍ଥାନକୁ ଚାଲିଗଲେ ମହାସ୍ମିତା ମାମ୍ । ଫୁଲ ନେଇ ଆସିବା ବେଳେ ଏକ ଅଲୌକିକ ଘଟଣାର ସମ୍ମୁଖୀନ ହେଲେ। କେହି ଛୋଟ ପିଲାଟିଏ ତାଙ୍କ ଦେହରେ ବାଡେଇ ହେଲା ପରି ଅନୁଭବ କଲେ ସେ । ଭୟରେ ଘରକୁ ଚାଲିଆସିଲେ ଏକ ନିଃଶ୍ୱାସକେ । ସବୁତକ ଫୁଲ ବିଞ୍ଚି ହୋଇ ଘର ପର୍ଯ୍ୟନ୍ତ ପଡ଼ିଛି । ସେ ଭାବିଥିଲେ ଚାରିଟା କି ପାଞ୍ଚଟା ସମୟ ହୋଇଥିବ, ସେଲାଗି ଫୁଲ ତୋଳିବାକୁ ବାହାରି ଯାଇଥିଲେ । ଘରକୁ ଆସି ଜ୍ୱରରେ ପୀଡ଼ିତ ହେଲେ ।

(କ୍ରମଶଃ)

+ସମ୍ପାଦକ ଉଦୟ ଭାନୁ,
ଭାଟପଡ଼ା, ନିରାକାରପୁର,
କଣାସ
ମୋ:୯୫୫୬୧୩୭୧୨୦

# ଅସ୍ୱାସ୍ଥ୍ୟକର ପରିବେଶ ପାଲଟିଛି ହୃଦ୍‌ଘାତର କାରଣ



ଆଜିକାଲି ଅଧିକାଂଶ ଲୋକ ହୃଦଘାତର ଶିକାର ହେଉଛନ୍ତି । ଅସୁସ୍ଥକର ପରିବେଶ, ଅତ୍ୟଧିକ ଚିନ୍ତା ଏହାର ମୁଖ୍ୟ କାରଣ ପାଲଟିଛି। ନିକଟରେ ହୋଇଥିବା ଏକ ଗବେଷଣାରୁ ଜାଣିବାକୁ ମିଳିଛି ୪୫ ପ୍ରତିଶତ ହୃଦଘାତ ବିନା କୌଣସି ଲକ୍ଷଣରେ ହେଉଛି। ପ୍ରାୟ ୨୫ ପ୍ରତିଶତ ହୃଦଘାତ ୪୦ ବର୍ଷ ବୟସ ମଧ୍ୟରେ ଘଟୁଛି । ଏମିତି ନୁହଁ ଯେ ହୃଦଘାତ ହେବା ପୂର୍ବରୁ କୌଣସି ଲକ୍ଷଣ ଦିଶେ ନାହିଁ , ବରଂ ଆମେ ଅଧିକାଂଶ ସମୟରେ ଜାଣିପାରନ୍ତି ନାହିଁ । ତେବେ ଚାଲନ୍ତୁ ଏହି ଲକ୍ଷଣଗୁଡିକ ସଂପର୍କରେ ଜାଣିବା ।

♦ହଠାତ୍ ଆପଣଙ୍କୁ ଯଦି ଅସହଜ ମନେହେଉଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଏହା ବି ସାଇଲେଣ୍ଟ୍ ହାର୍ଟଆଟାକ୍ (ହୃଦଘାତ)ର ଏକ ଲକ୍ଷଣ ହୋଇଥାଏ ।

♦ବିନା କାରଣରେ ମୁଣ୍ଡ ବୁଲାଇବା ବି ଏହାର ଏକ ଲକ୍ଷଣ । ଯଦି ଖାଇନାହାନ୍ତି କିମ୍ବା ଖରାରେ ଯାଉଛନ୍ତି ତେବେ ଏହା ଭିନ୍ନ କଥା କିନ୍ତୁ ଅଯଥାରେ ମୁଣ୍ଡ ବୁଲାଇବା ଅର୍ଥ ହୃଦଘାତ ହୋଇପାରେ । ନିଶ୍ୱାସ ନେବାରେ ବି ଅସୁବିଧା ଅନୁଭୂତ ହୋଇଥାଏ ହୃଦଘାତ ପୂର୍ବରୁ। ଛୋଟ ଛୋଟ ନିଶ୍ୱାସ ନେବା ଏହାର ଏକ ଲକ୍ଷଣ।

♦ନିଦ୍ରାହୀନତା ଅନେକ ରୋଗର ଲକ୍ଷଣ ହୋଇଥିବା ବେଳେ ହୃଦଘାତର ପ୍ରମୁଖ କାରଣ ହୋଇଥାଏ। ବାନ୍ତି ଲାଗିବା ବି ହୃଦଘାତର ଲକ୍ଷଣ। ଅନ୍ୟ କିଛି ଲକ୍ଷଣ ସହ ବାନ୍ତି ଲାଗୁଥିଲେ ହୃଦଘାତ ହୋଇପାରେ ବୋଲି ଚିନ୍ତା କରି ସତର୍କ ରୁହନ୍ତୁ।

♦ହଜମ ନହେବା ଓ ଗ୍ୟାସ୍ ସମସ୍ୟାକୁ ବି ହୃଦଘାତର ପୂର୍ବବର୍ତ୍ତୀ ସୋପାନ ବୋଲି ଧରାଯାଏ ।



# ଫୁଡ୍ ପଏଜନିଂର ଅସୁବିଧା ଦେଖାଯାଉଥିଲେ ଘରୋଇ ଉପାୟରେ କରନ୍ତୁ ଚିକିତ୍ସା

ବେଳେବେଳେ ଏହା ବିଶ୍ୱାସ କରିବା ମୁସ୍କିଲ ହୋଇଯାଏ କି ଆପଣଙ୍କ ପ୍ରିୟ ଖାଦ୍ୟ ଆପଣଙ୍କୁ ରୋଗିଣା କରିଦିଏ । କେବେ କେବେ ଏମିତି ବି ହୋଇଥାଏ କି କିଛି ଭୁଲ୍ ଖାଦ୍ୟ ଖାଇଦେବା କାରଣକୁ ନେଇ କିମ୍ବା ଅତ୍ୟଧିକ ଖାଦ୍ୟ ଖାଇବା ଯୋଗୁଁ ବ୍ୟକ୍ତି ଫୁଡ୍ ପଏଜନିଙ୍ଗର ଶିକାର ହୋଇଥାଏ। ଯେଉଁ କାରଣକୁ ନେଇ ଏହି ସ୍ଥିତି ବହୁତ ଗମ୍ଭୀର ହୋଇଯାଏ। ତେଣୁ ସମୟ ମଧ୍ୟରେ ଏହାର ଚିକିତ୍ସା କରାଯିବା ଆବଶ୍ୟକ ଅଟେ। ତେବେ ଆଜି ଆମେ ଆପଣଙ୍କୁ ଏଥିରୁ ମୁକୁଳିବା ଲାଗି ଏପରି କିଛି ସରଳ ଉପାୟ ବିଷୟରେ କହିବୁ, ଯାହାର ପ୍ରୟୋଗ କରି ଆପଣ ଫୁଡ୍ ପଏଜନିଙ୍ଗ ସମସ୍ୟାରୁ ମୁକ୍ତି ପାଇପାରିବେ।

ଦହିର ପ୍ରୟୋଗ : ଫୁଡ୍ ପଏଜନିଙ୍ଗ ପାଇଁ ଦହି ବହୁତ ଉପକାରୀ ବୋଲି କୁହାଯାଇଥାଏ। ତେଣୁ ଆପଣ ଦହି ମଧ୍ୟରେ କିଛି ମାତ୍ରାରେ ପାଣି ଓ ଚିନି ମିଶାଇ ଲସି ପ୍ରସ୍ତୁତ କରନ୍ତୁ। ଆଉ ଯଦି ଆପଣଙ୍କୁ ମିଠା ଦହି ପସନ୍ଦ ନଥାଏ, ତେବେ ଆପଣ ଏଥିରେ କିଛି ମାତ୍ରାରେ କଳା ଲୁଣକୁ ମିଶ୍ରଣ କରି ମଧ୍ୟ ପିଇପାରନ୍ତି।

ଆପଲ୍ ସାଇଡର ଭିନେଗାର : ତେବେ ସେଓର ସିର୍କା ମଧ୍ୟ ଫୁଡ୍ ପଏଜନିଙ୍ଗ ପାଇଁ ରାମବାଣ ସଦୃଶ କାର ?ୟ୍ୟ କରିଥାଏ। ତେଣୁ ଏହାକୁ ପ୍ରସ୍ତୁତ କରିବା ପାଇଁ ହେଲେ ଆପଣ ଦୁଇ ଚାମଚ ସେଓର ସିର୍କାକୁ ଏକ କପ୍ ଗରମ ପାଣିରେ ମିଶ୍ରଣ କରି ଭୋଜନ ପୂର୍ବରୁ ଏହାର ସେବନ କରନ୍ତୁ।

ଲେମ୍ବୁର ପ୍ରୟୋଗ : ସାଧାରଣତଃ ଲେମ୍ବୁରେ ଆଣ୍ଟି-ଭାଇରାଲ୍ ଗୁଣ ନିହିତ ରହିଥାଏ, ଯାହାକି ଫୁଡ୍ ପଏଜନିଙ୍ଗରେ ବ୍ୟାକ୍ଟେରିଆକୁ ଦୂର କରି ଆପଣଙ୍କୁ ମୁକ୍ତି ଦେଇଥାଏ। ଆପଣ ଏକ କପ୍ ଗରମ ପାଣି ନେଇ ସେଥିରେ କିଛି ମାତ୍ରାରେ ଲେମ୍ବୁର ରସ ଓ ମହୁକୁ ମିଶ୍ରଣ କରି ଖାଲିପେଟରେ ପିଇଦିଅନ୍ତୁ। ଆଉ ଯଦି ଆପଣ ଚାହଁନ୍ତି ବି ପାଣିରେ ଲେମ୍ବୁ କିମ୍ବା ଚିନି ମିଶ୍ରଣ କରି ପିଇପାରନ୍ତି।



# ଚିନ୍ତାର୍ କାରଣ ସ୍ମାର୍ଟଫୋନ !

ଦୈନନ୍ଦିନ ଜୀବନରେ ସ୍ମାର୍ଟ ଫୋନର ବହୁଳ ବ୍ୟବହାର ଦ୍ୱାରା ଏହା ଆମ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି । ଅଧିକାଂଶ ସମୟରେ ଦେଖା ଯାଇଛି ଯେଉଁମାନେ ସବୁବେଳେ ଏକୁଟିଆ ରହିଥାନ୍ତି ସେମାନେ ସାଧାରରତଃ ଚିନ୍ତାଗ୍ରସ୍ତ ଥାନ୍ତି । କିନ୍ତୁ ଚିନ୍ତା ଗ୍ରସ୍ତ ହେବାର ଏହା ଏକ ମାତ୍ର କାରଣ ହୋଇନଥାଏ ମୋବାଇଲର ବହୁଳ ବ୍ୟବହାର ଦ୍ୱାରା ମଧ୍ୟ ଲୋକ ଚିନ୍ତାଗ୍ରସ୍ତ ହୋଇଥାନ୍ତି ଯାହା ଏକ ଗବେଷଣାରୁ ଜଣା ଯାଇଛି । ଯେଉଁମାନେ ନିଜର ମାନଶୀକ ଅବସ୍ଥା ସହ ସଂଘର୍ଷ କରିଥାନ୍ତି ସେମାନେ ହିଁ ସ୍ମାର୍ଟ ଫୋନର ବହୁଳ ବ୍ୟବହାର କରୁଥିବାର ଅନୁମାନ କରାଯାଇଛି । ଉଦାଶଗ୍ରସ୍ତ ଲୋକମାନେ ସାଧାରରତଃ ଉଦାଶରୁ ମୁକ୍ତି ପାଇବା ପାଇଁ ଫୋନରେ ଚାଟିଂ, ଭିଡିଓ ଦେଖନ୍ତି ଓ ଗେମ ଖେଳିଥାନ୍ତି, ଫଳରେ ସେମାନେ ସ୍ମାର୍ଟ ଫୋନର ଅଧିକ ନିଟତର ହୋଇପଡ଼ନ୍ତି । ଉଦାଶଗ୍ରସ୍ତ ଲୋକମାନେ ସାଧାରଣତଃ ଉଦାଶରୁ ମୁକ୍ତି ପାଇବା ପାଇଁ ଫୋନରେ ଚାଟିଂ , ଭିଡିଓ ଦେଖନ୍ତି ଓ ଗେମ ଖେଳିଥାନ୍ତି, ଫଳରେ ସେମାନେ ସ୍ମାର୍ଟ ଫୋନର ଅଧିକ ନିକଟତର ହୋଇପଡ଼ନ୍ତି ।



# ସ୍ୱାସ୍ଥ୍ୟପ୍ରଦ ମାଟିହାଣ୍ଡି ଖାଦ୍ୟ

ନିକଟରେ ବିଶ୍ୱସ୍ତରୀୟ ଖାଦ୍ୟ ସର୍ବେକ୍ଷଣ ହୋଇଥିଲା । ୨୦୧୬ ଶେଷ ଭାଗରେ ହୋଇଥିବା ଏହି କାର୍ଯ୍ୟରେ ମାଟି ହାଣ୍ଡି ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ତଥ୍ୟ ପ୍ରକାଶିତ । କେବଳ ଭାରତ ଓ ଜାପାନର କାଁଭାଁ କେତୋଟି ଅଞ୍ଚଳରେ ହିଁ ଆଜିର ସମୟରେ ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୬ ଅପ୍ରେଲ ୨୦୨୧, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସନ୍ତୁଳନ ହୀନ ପୃଥିବୀ......

ଶକ୍ତିର ଅଧିକ ଚାହିଦା ଯୋଗୁଁ ସମଗ୍ର ବିଶ୍ୱରେ ଶକ୍ତି ସମ୍ପର୍କିତ ଅଙ୍ଗାରକାମ୍ଳ ବାଷ୍ପର (ସିଓ୨) ନିର୍ଗମନ ୧.୭ ପ୍ରତି ବଢ଼ି ଏକ ରେକର୍ଡ ସୃଷ୍ଟିକାରୀ ସ୍ତରରେ ପହଞ୍ଚିଛି ଏହି ବୃଦ୍ଧି ସିଓ୨ର ୩୩.୧ ଜିଟି (ଜିଗାଟନ୍) । ଜୀବାଶ୍ମ ଜାଳେଣିରୁ ନିର୍ଗମନ ବଢ଼ିଥିବା ବେଳେ ନିର୍ଗମନ ବୃଦ୍ଧିକୁ ଶକ୍ତି କ୍ଷେତ୍ରରେ ଅବଦାନ ହେଉଛି ମୋଟ ବୃଦ୍ଧିର ହାରାହାରି ଦୁଇ-ତୃତୀୟାଂଶ । ଏସିଆ ମହାଦେଶରେ ଶକ୍ତି କ୍ଷେତ୍ରରେ କେବଳ କୋଇଲାର ଜଳେଣି ଭାବରେ ବ୍ୟବହାର ଜିଟି ସିଓ ୨ର ୧୦ ପ୍ରତିଶତକୁ ଅତିକ୍ରମ କରିଯାଇଛି । ନିର୍ଗମନର ଯେତିକି ମୋଟ ବୃଦ୍ଧି ଘଟିଛି, ସେଥିରୁ ୮୫ ପ୍ରତିଶତ ବୃଦ୍ଧି ପାଇଁ ଚୀନ୍, ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଦାୟୀ । ତେବେ ଜର୍ମାନୀ, ଜାପାନ୍, ମେକ୍ସିକୋ, ଫ୍ରାନ୍ସ ଏବଂ ଇଂଲଣ୍ଡରେ ନିର୍ଗମନର ମାତ୍ରା ହ୍ରାସ ପାଇଛି । ଭାରତରେ ଅଙ୍ଗାରକାମ୍ଳ ନିର୍ଗମନର ମାତ୍ରା ବଢ଼ିଛି ୪.୮ ପ୍ରତିଶତ । ପୁଣି ଏହା ହୋଇଛି ଦେଶର ଶକ୍ତି ନୀତିରେ ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବ ଉପରେ ଅଧିକ ଗୁରୁତ୍ୱ ଅରୋପ କରାଯିବା ସତ୍ତ୍ୱେ । ସାରା ବିଶ୍ୱବାସୀ ଜାଣନ୍ତି ଯେ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଆମେରିକା ନେତୃତ୍ୱାଧୀନ ବିଶ୍ୱର ଧନୀ ରାଷ୍ଟ୍ରମାନେ ଯେତିକି ପରିମାଣରେ ଦାୟୀ, ଭାରତ ସେତିକି ନୁହେଁ । ଆଇଇଏର ତଥ୍ୟ ଅନୁସାରେ ଭାରତରେ ଯଦିଓ ନିର୍ଗମନର ମାତ୍ରା ବୃଦ୍ଧି ପାଇଛି, ତେବେ ବିଶ୍ୱସ୍ତରୀୟ ହାରାହାରି ତୁଳନାରେ ଏହା ମୁଣ୍ଡପିଛା ୪୦ ପ୍ରତିଶତ କମ୍ । ତେଣୁ ଅଙ୍ଗାରକାମ୍ଳ ନିର୍ଗମନ ସମ୍ବନ୍ଧରେ ନିରପେକ୍ଷତା ଅବଲମ୍ବନ କରାଯିବା ହିଁ ଆଲୋଚନାର କେନ୍ଦ୍ରବିନ୍ଦୁ ହେବା ସହିତ ୟୁଏନ୍ଏଫ୍‌ସିସିସି (ୟୁଏନ୍ କନ୍‌ଭେନ୍‌ସନ୍ ଅନ୍ କ୍ଲାଇମେଟ୍ ଚେଞ୍ଜ)କୁ ମାନିବା ନେଇ ସବୁ ରାଷ୍ଟ୍ରଙ୍କ ଭିତରେ ଏକ, ଅଥଚ ଭିନ୍ନ ଭିନ୍ନ ଦାୟିତ୍ୱବୋଧ ଉପରେ ସହମତି ପ୍ରକାଶ ପାଇବା ଉଚିତ। ଏହା ହେଲେ ସମସ୍ୟା ଅଧିକ ଜଟିଳ ହେବା ପୂର୍ବରୁ ଅନେକାଂଶରେ ସମାଧାନ ହୋଇ ପାରିବ । ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ହୃଦୟଙ୍ଗମ କରି ତଦନୁଯାୟୀ କାର୍ଯ୍ୟ କରିବା କଥା ହୁଏତ ଆଶ୍ୱାସନା ଆଣିଦେଇପାରେ, ତେବେ ଜଳବାୟୁ ପରିବର୍ତ୍ତନର ମାତ୍ରା ଏପରି ସ୍ତରକୁ ଚାଲି ଗଲାଣି ଯେ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ନିମନ୍ତେ ଭାରତ ସମେତ ବିଶ୍ୱର ସବୁ ରାଷ୍ଟ୍ର କେବଳ କଥାରେ ନୁହେଁ, କାମରେ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ପଦକ୍ଷେପ ନେବା ଉଚିତ। ଶକ୍ତି କ୍ଷେତ୍ରରେ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଅକ୍ଷୟ ବା ପୁନର୍ନବୀକରଣୀୟ ଶକ୍ତିର ଅଧିକ ବ୍ୟବହାର ଉପରେ ରାଷ୍ଟ୍ରମାନେ ଗୁରୁତ୍ୱ ଦେବା ଉଚିତ । ସେହିପରି ପରିବହନ କ୍ଷେତ୍ରରେ ସବୁଜୀକରଣ, ନିର୍ମାଣ କାର୍ଯ୍ୟକୁ ସମୟୋପଯୋଗୀ କରାଇବା ସହିତ ଏହି କ୍ଷେତ୍ରରେ ଶକ୍ତିର ବ୍ୟବହାର ଦକ୍ଷତାକୁ ଅଧିକ ବଢ଼ାଇବା ଉପରେ ଯଥେଷ୍ଟ ଗୁରୁତ୍ୱାରୋପ କରାଯିବା ବିଧେୟ । ଏସବୁ କାର୍ଯ୍ୟ ଉପରେ ପ୍ରାଥମିକତା ଦିଆଯାଇ ପଦକ୍ଷେପମାନ ନିଆଗଲେ ୨୦୦୫ର ସ୍ତର ଉପରେ ୨୦୩୦ ସୁଦ୍ଧା ପ୍ୟାରିସ୍ ରାଜିନାମା ଅଧୀନରେ ଶକ୍ତିର ଘନତ୍ୱକୁ ଜିଡିପି (ମୋଟ ଘରୋଇ ଉତ୍ପାଦ)ର ୩୩ରୁ ୩୫ ପ୍ରତିଶତ ହ୍ରାସ କରିବାର ପ୍ରତିଶ୍ରୁତିକୁ ପାଳନ କରାଯାଇ ପାରିବ । ୨୦୧୮ରେ ସାରା ବିଶ୍ୱରେ ପୁନର୍ନବୀକରଣୀୟ ଶକ୍ତିର ବ୍ୟବହାର ୭ ପ୍ରତିଶତ ବୃଦ୍ଧି ପାଇଛି । ତେବେ ଅବସ୍ଥା ଦିନକୁ ଦିନ ଯେପରି ଅସମ୍ଭାଳ ହେବା ଆଡ଼କୁ ଗତି କରୁଛି, ସେ ତୁଳନାରେ ଏହି ବୃଦ୍ଧି କିଛି ନୁହେଁ । ପୁଣି ଏହି ବୃଦ୍ଧିର ଅଧିକାଂଶ ଅଂଶର ଶ୍ରେୟ ଚୀନ୍ ଓ ୟୁରୋପୀୟ ରାଷ୍ଟ୍ରମାନଙ୍କର ହୋଇଥିବା ବେଳେ ଭାରତର ଏ ଦିଗରେ ଅବଦାନ ସ୍ୱଳ୍ପ । ତେଣୁ ସୌର ଓ ପବନ ଶକ୍ତିର ବ୍ୟାପକ ବ୍ୟବହାର ଉପରେ ଭାରତ ଗୁରୁତ୍ୱ ଦେବା ଉଚିତ । ଏହି କ୍ଷେତ୍ରରେ ଭାରତ ନିଜର ସାମର୍ଥ୍ୟ ବୃଦ୍ଧି ପାଇଁ ଉଦ୍ୟମ କରୁଥିଲେ ସୁଦ୍ଧା ଏହାର ଗତିକୁ କ୍ଷିପ୍ର କରିବାର ଆବଶ୍ୟକତା ରହିଛି । ବିଶେଷକରି ଶକ୍ତି କ୍ଷେତ୍ରର ଚାହିଦାକୁ ମେଣ୍ଟାଇବା ପାଇଁ ଘରର ଛାତମାନଙ୍କର ଉପରେ ସୌରଶକ୍ତି ସଂଗ୍ରହକାରୀ ଫଟୋଭୋଲ୍ଟାଇକ୍ ଯନ୍ତ୍ରଗୁଡ଼ିକ ସ୍ଥାପନ କରାଯିବା ଇତ୍ୟାଦି ଉପରେ ପ୍ରାଥମିକତା ଦିଆଯିବା ବିଧେୟ। ସେହିପରି କୋଇଲାକୁ ଜାଳେଣି ଭାବରେ ବ୍ୟବହାର କରୁଥିବା ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନକାରୀ କେନ୍ଦ୍ରଗୁଡ଼ିକର ପରିଷ୍କରଣ କାର୍ଯ୍ୟ ଜରୁରୀକାଳୀନ ଭିତ୍ତିରେ କରାଯିବା ଆବଶ୍ୟକ । ଏହି ପଦ୍ଧତିରେ ୟୁଏନ୍ଏଫ୍‌ସିସିସିର ସହାୟତା ନିଆଯିବା ଉଚିତ । ସବୁଜ ପରିବହନ କ୍ଷେତ୍ରରେ ଭାରତର ପ୍ରଗତି ଏଯାବତ୍ ଉତ୍ସାହଜନକ ହୋଇନାହିଁ । ପରିଣତିରେ ଜୀବାଶ୍ମ ଜାଳେଣିର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର କାରଣ ହୋଇ ରହିଛି । ତେଣୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ପରିବହନ କ୍ଷେତ୍ରରେ ବିଶେଷକରି ବଡ଼ ବଡ଼ ସହରମାନଙ୍କରେ ବୈଦ୍ୟୁତିକ ଯାନର ବ୍ୟବହାରକୁ ବୃଦ୍ଧି କରାଇବା ଭଳି କାର୍ଯ୍ୟକୁ କ୍ଷିପ୍ର ଗତିରେ ଆଗେଇ ନେବା ଉପରେ କେନ୍ଦ୍ର ସରକାର ଅଧିକ ତତ୍ପରତା ପ୍ରକାଶ କରିବା ଉଚିତ । କାରଣ, ଭାରତକୁ ୨୦୨୩ରେ ରାଷ୍ଟ୍ରସ୍ତରୀୟ କାର୍ଯ୍ୟାନୁଷ୍ଠାନର ଅଗ୍ରଗତି ସମ୍ବନ୍ଧୀୟ ବୈଠକରେ ଯୋଗ ଦେବାକୁ ପଡ଼ିବ । ତେଣୁ ଏହା ପୂର୍ବରୁ ସ୍ଥିତିରେ ଅଭୂତପୂର୍ବ ସୁଧାର ଆଣିବା ସହିତ ଦେଶର ପରିବେଶ ଓ ଜଳବାୟୁଜନିତ ପରିସ୍ଥିତିରେ ପରିବର୍ତ୍ତନ ଘଟାଇବା ନିମନ୍ତେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାର ସମୟ ଉପଗତ ।



ଡ ସମନ୍ୱୟ ନନ୍ଦ

## ନକ୍ସଲବାଦ ବିରୁଦ୍ଧରେ ନିର୍ଣ୍ଣାୟକ ଲଢେଇ ପାଇଁ ଆବଶ୍ୟକୀୟ ସର୍ତ

ଛତିଶଗଡର ବିଜାପୁର – ସୁକମା ଜିଲ୍ଲାର ସୀମାବର୍ତ୍ତୀ ଅଂଚଳରେ ମାଓବାଦୀ ମାନେ ପୁଣି ଥରେ ରକ୍ତପାତ କରିଛନ୍ତି । ସେମାନଙ୍କ ଆକ୍ରମଣରେ ୨୨ ଜଣ ଜବାନ ବଳିଦାନ ଦେଇଥିବା ବେଳେ ଜଣେ ଜବାନ ଏବେ ମଧ୍ୟ ନିଖୋଜ ଅଛନ୍ତି । ୩୧ ଜଣ ଜବାନ ଆହତ ହୋଇଛନ୍ତି ।

ଯେଉଁ ଅଂଚଳରେ ଏହି ଘଟଣା ଘଟିଛି ତାହା କୁଖ୍ୟାତ ନକ୍ସଲବାଦୀ ନେତା ହିଡମାର ପ୍ରଭାବ ଅଂଚଳ ବୋଲି ଜଣା ଶୁଣା । ଏଠାରେ ସୁରକ୍ଷାକର୍ମୀଙ୍କୁ ଘେରି ନକ୍ସଲବାଦୀ ମାନେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଶହୀଦ ହୋଇଥିବା ଜବାନ ମାନେ ଦେଶର ବିଭିନ୍ନ ରାଜ୍ୟର ହୋଇଥିବା ବେଳେ ଅଧିକାଂଶ ଛତିଶଗଡର ବିଜାପୁର, କୋଣ୍ଡାଗାଓଁ, ଗରିୟାବନ୍ଦ, ଜାଜଂଗିର- ଚାଂପା ,କାଙ୍କେର, ସରଗୁଜା, ବସ୍ତର ଜିଲ୍ଲାର । ଏହା ମଧ୍ୟରୁ ମଧ୍ୟ ଅଧିକାଂଶ ଜନଜାତି ବର୍ଗର ଜବାନ । ଏମାନେ ହେଉଛନ୍ତି ସ୍ଥାନୀୟ ଭୂମି ପୁତ୍ର । ଏମାନେ ସମସ୍ତେ ବସ୍ତରର ଦନ୍ତେଶ୍ୱରୀ ମା ବା ସ୍ଥାନୀୟ ଭାଷାରେ ଦନ୍ତେଶ୍ୱରୀ ମାଇଙ୍କ ସନ୍ତାନ ।

ମାଓବାଦୀ ବା ନକ୍ସଲବାଦୀ ମାନେ ସାଧାରଣ ଲୋକ ମାନଙ୍କ ଲଢେଇ ଲଢୁଥିବା ଦାବି କରିଥାନ୍ତି । ମାତ୍ର ସେମାନେ ଏଠାରେ ଦନ୍ତେଶ୍ୱରୀ ମାଇଙ୍କ ପୁତ୍ର ମାନଙ୍କୁ, ସ୍ଥାନୀୟ ଭୂମିପୁତ୍ର ମାନଙ୍କ ଉପରେ ଆକ୍ରମଣ କରିଛନ୍ତି । ଏହା ମାଓବାଦୀ ମାନଙ୍କର ସାଧାରଣ ଲୋକ ମାନଙ୍କ ପାଇଁ କି ପ୍ରକାର ଲଢେଇ ? ଏହାର ଉତର ମାଓବାଦୀ ମାନଙ୍କୁ ଓ ସହରରେ ରହୁଥିବା ଓ ତାଙ୍କ ପାଇଁ ବୌଦ୍ଧିକ, ଆର୍ଥିକ ଓ ଅନ୍ୟ ରଣନୈତିକ ସମର୍ଥନ ଯୋଗାଉଥିବା ସହରୀ ନକ୍ସଲ ମାନଙ୍କୁ ଦେବାକୁ ପଡିବ ।

ଏହି ଘଟଣାରୁ ପ୍ରଥମତଃ ଏହା ସ୍ପଷ୍ଟ ହେଉଛି ଯେ ଏହି ଘଟଣାରେ ସୁରକ୍ଷା ବଳର ଜବାନ ମାନଙ୍କୁ ଘେରି ଆକ୍ରମଣ କରା ଯାଇଛି । ତେଣୁ ଏଥିରେ ଗୁଇନ୍ଦା ବିଭାଗର ବିଫଳତା ଏକ ପ୍ରମୁଖ କାରଣ ହୋଇ ଥାଇ ପାରେ ବୋଲି ଆଶଙ୍କା କରା ଯାଉଛି ।

ଛତିଶଗଡରେ ଗତ ୧୫ ଦିନ ମଧ୍ୟରେ ଏପରି ଦ୍ୱିତୀୟ ଘଟଣା ଘଟିଛି । ତେଣୁ ଏହା ଅତ୍ୟନ୍ତ ଗୁରୁତର ବିଷୟ । ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେବା ଆବଶ୍ୟକ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଥିବା ପରି ଲାଗୁଛି । କେନ୍ଦ୍ର ଗୃହ ମନ୍ତ୍ରୀ ନିର୍ବାଚନ ପ୍ରଚାରକୁ ଛାଡି ଏହି ଘଟଣାର ସମୀକ୍ଷା କରିବାକୁ ଚାଲି ଆସିଛନ୍ତି ।

ମାଓବାଦୀ ମାନେ ଏପରି ଘଟଣା କିପରି ଘଟାଇ ପାରୁଛନ୍ତି । ଦେଶର ସୁରକ୍ଷା ବଳ, ଗୁଇନ୍ଦା ଏଜେନ୍ସି ମାନଙ୍କର କାମ ସତ୍ତ୍ୱେ ଏହା କିପରି ଘଟୁଛି । ତାଙ୍କୁ କାହାର ସମର୍ଥନ ରହିଛି । ସେମାନଙ୍କୁ ସୁରକ୍ଷା କର୍ମୀଙ୍କ ଜବାନ ମାନଙ୍କର ଗତିବିଧିର ପୂର୍ବ ସୂଚନା କିପରି ମିଳୁଛି । ସେମାନଙ୍କ ପାଇଁ ଅର୍ଥ ଓ ଅନ୍ୟ ବ୍ୟବସ୍ଥା କିପରି ହେଉଛି । ଯେ ପର୍ଯ୍ୟନ୍ତ ଏହି ପ୍ରଶ୍ନର ଉତର ଖୋଜା ନ ହୋଇଛି ସେ ପର୍ଯ୍ୟନ୍ତ ଏହା ବିରୁଦ୍ଧରେ ନିର୍ଣ୍ଣାୟକ ଲଢେଇ ସମାପ୍ତ ହୋଇ ପାରିବ ନାହିଁ ।

ମାଓବାଦୀ ମାନେ ଜଙ୍ଗଲରେ ଲୁଚି ଲୁଚି ଗରିଲା ଯୁଦ୍ଧ ଲଢିଥାନ୍ତି । କିନ୍ତୁ ମାଓବାଦୀ ମାନଙ୍କର ଆଉ ଏକ ବର୍ଗ ରହିଛି ଯିଏ ଜଙ୍ଗଲରେ ଲୁଚି ଲୁଚି ଯୁଦ୍ଧ କରି ନ ଥାଏ । ଏହି ବର୍ଗ ସହରରେ ରହିଥାଏ ଓ ନିଜକୁ ବୁଦ୍ଧିଜୀବୀ, ମାନବିକ ଅଧିକାର କର୍ମୀ, ସାମାଜିକ କର୍ମୀ ବୋଲି କହି ଏହି ତଥାକଥିତ ବିପ୍ଳବରେ ନିଜର ଯୋଗ ଦାନ ଦେଇଥାଏ । ଏମାନେ ହେଉଛନ୍ତି ସହରୀ ନକ୍ସଲବାଦୀ ।

ମାଓବାଦୀ ମାନଙ୍କ ବିରୁଦ୍ଧରେ ନିର୍ଣ୍ଣାୟକ ଲଢେଇରେ ସହରରେ ରହି ସେମାନଙ୍କୁ ବୌଦ୍ଧିକ ତର୍କ ଜରିଆରେ, ଆର୍ଥିକ ଓ ଅନ୍ୟ ଷ୍ଟ୍ରାଟେଜିକ ସହାୟତା ପ୍ରଦାନ କରୁଥିବା ସହରୀ ନକ୍ସଲ ମାନଙ୍କ କାର୍ଯ୍ୟାନୁଷ୍ଠାନ ଜରୁରୀ । ସହରୀ ନକ୍ସଲ ମାନଙ୍କର ଭୂମିକା କେତେ ଗୁରୁତ୍ୱପୂର୍ଣ ସିପିଆଇ (ମାଓବାଦୀ) ପାର୍ଟି ଦ୍ୱାରା ଜାରୀ କରା ଯାଇଥିବା ଏକ ଗୁପ୍ତ ଡକ୍ୟୁମେଂଟରେ ଉଲ୍ଲେଖ ରହିଛି । ଏହି ଡକ୍ୟୁମେଂଟର ନାମ ହେଲା 'ଅର୍ବାନ ପର୍ସପେକ୍ଟିଭ '।

ଏହି ଡକ୍ୟୁମେଂଟରେ ଦୀର୍ଘକାଳୀନ ଦୃଷ୍ଟିକୋଣ ( ଲଙ୍ଗ ଟର୍ମ ଆପ୍ରୋଚ)ର ଉଲ୍ଲେଖ ରହିଛି । ଏଥିରେ ଉଲ୍ଲେଖ କରା ଯାଇଛି ଯେ ସହର ଅଂଚଳରେ ଶତ୍ରୁ ଖୁବ ଶକ୍ତିଶାଳୀ । ଏହା ବ୍ୟତୀତ ପାର୍ଟୀର କାମ ସହରାଂଚଳରେ ଦୁର୍ବଳ ରହିଛି । ତେଣୁ ଆମନା ସାମନା ନ ହୋଇ ଶୀଘ୍ର ଫଳାଫଳ ପରିବର୍ତେ ଦୀର୍ଘକାଳୀନ ରଣନୀତି ଉପରେ କାମ କରିବାକୁ ହେବ । ସହରାଂଚଳରେ ଥିବା ପାର୍ଟିର ଲୋକ ମାନଙ୍କୁ ଆକ୍ରମଣାତ୍ମକ ନ ହୋଇ ରକ୍ଷଣାତ୍ମକ ଭାବେ କାମ କରିବାକୁ ହେବ । ଏଥି ପାଇଁ ଅତ୍ୟନ୍ତ ଧୈର୍ଯ୍ୟର ସହ କାମ କରିବାକୁ ହେବ । ସମସ୍ତ କମ୍ରେଡ ମାନଙ୍କର ପରିଚୟକୁ ଗୁପ୍ତ ରଖିବାକୁ ହେବ ଓ ଏଥି ପାଇଁ ଅତ୍ୟନ୍ତ ସାବଧାନତାର ସହ କାମ କରିବାକୁ ପଡିବ ବୋଲି ଡକ୍ୟୁମେଂଟରେ ଉଲ୍ଲେଖ ରହିଛି । ପାର୍ଟିର ଭୂମିଗତ ଢାଂଚା (ଅଣ୍ଡର ଗ୍ରାଉଣ୍ଡ ଷ୍ଟ୍ରକଚର) ସମ୍ପର୍କରେ ଯେପରି କେହି ଜାଣି ନ ପାରିବେ ତାହାକୁ ସୁନିଶ୍ଚିତ କରିବାକୁ ପଡିବ ନହେଲେ ଏହା ସଂପୂର୍ଣ ରୂପେ ଧ୍ୱସ୍ତ ହୋଇ ଯିବ ବୋଲି ଏହି ଡକ୍ୟୁମେଂଟରେ ଉଲ୍ଲେଖ ରହିଛି ।

ଏହି ଡକ୍ୟୁମେଂଟରେ ଉଲ୍ଲେଖ ରହିଛି ଯେ ଶତ୍ରୁ ଶିବିରରେ ଅନୁପ୍ରବେଶ ଏକ ମାଓବାଦୀ ପାର୍ଟୀର ଏକ ଗୁରୁତ୍ୱପୂର୍ଣ କାମ ଅଟେ । ସାମରିକ ବାହିନୀ ସହ ଅର୍ଦ୍ଧ ସାମରିକ ବଳ ସହ ପୋଲିସ ତଥା ପ୍ରଶାସନିକ ମେସିନାରୀର ଉଚ୍ଚ ସ୍ତରରେ କାମ କରୁଥିବା ଅଧିକାରୀ ମାନଙ୍କର ମଧ୍ୟରେ ଅନୁପ୍ରବେଶ ଅତ୍ୟନ୍ତ ଜରୁରୀ ।

ଛତିଶଗଡରେ ଘଟଣାରେ ନିଶ୍ଚିତ ଭାବେ ଚିନ୍ତା କରିବା ଜରୁରୀ ଯେ ଗୁଇନ୍ଦା ଓ ପୋଲିସ ବ୍ୟବସ୍ଥାରେ କଣ ମାଓବାଦୀ ମାନଙ୍କର ଅନୁପ୍ରବେଶ ହୋଇ ସାରିଛି ? ନ ହେଲେ ସେମାନଙ୍କୁ ସୁରକ୍ଷା ବଳଙ୍କର ଗତିପଥ ଓ ଅନ୍ୟ ସୂଚନା ମିଳୁଛି କିପରି ?

ବାସ୍ତବରେ ଦେଖିବାକୁ ଗଲେ ଗୁଳି ଚଳାଉଥିବା ମାଓବାଦୀ ମାନଙ୍କ ଠାରୁ ବିପଜ୍ଜନକ ହେଉଛନ୍ତି ସେମାନଙ୍କୁ ବୌଦ୍ଧିକ ସମର୍ଥନ ଦେଉଥିବା, ତାଙ୍କ କାମକୁ ଠିକ ବୋଲି କହୁଥିବା ବୁଦ୍ଧିଜୀବୀ ମାନେ । ଏହି ବୁଦ୍ଧିଜୀବୀ ମାନେ ଏହି ମାଓବାଦୀ ମାନଙ୍କର କାମର ମହିମାମଣ୍ଡନ କରିଥାନ୍ତି । ସେମାନଙ୍କର କାମକୁ ଉଚିତ ବୋଲି କହି ତର୍କ ପ୍ରଦାନ କରିଥାନ୍ତି ।

ନିଜକୁ ସାମାଜିକ କର୍ମୀ, ମାନବାଧିକାର କର୍ମୀ, କବି, ସାହିତ୍ୟିକ ଆଦି କହି ଏହି ସହରୀ ନକ୍ସଲ ମାନେ କାମ କରିଥାନ୍ତି । ଏହି ସହରୀ ନକ୍ସଲବାଦୀ ମାନେ ନିଜକୁ ମାନବିକ ଅଧିକାର କର୍ମୀ ବୋଲି ଦାବି କରନ୍ତି । ହେଲେ ସୁରକ୍ଷାବଳରେ କନେଷ୍ଟବଳ ଭାବେ କାମ କରୁଥିବା ଜନଜାତୀୟ ଯୁବକ ମାଓବାଦୀ ମାନଙ୍କ ଦ୍ୱାରା ଶହୀଦ ହେଲେ ତାର କୁନି କୁନି ପିଲା ମାନଙ୍କ କାନ୍ଦ ଏହି ସହରୀ ନକ୍ସଲମାନଙ୍କୁ ଶୁଭେ ନାହିଁ । ସେମାନେ କେବଳ ମାଓବାଦୀ ମାନଙ୍କର ମାନବିକ ଅଧିକାର କଥା କହିଥାନ୍ତି । ସେମାନେ ଗୋଟିଏ ପଟେ ସମ୍ବିଧାନରେ ବିଶ୍ୱାସ କରନ୍ତି ନାହିଁ ବୋଲି ଦାବି କରିଥାନ୍ତି ଅନ୍ୟ ପଟେ ସେମାନେ ସମ୍ବିଧାନ ପ୍ରଦତ ଅଧିକାର ଓ ଗଳାବାଟର ଲାଭ ନେଇ ଭାରତୀୟ ଷ୍ଟେଟ ବିରୁଦ୍ଧରେ କାମ କରିଥାନ୍ତି ।

ତେଣ ଆଜି ଯେତେବେଳେ ନକ୍ସଲବାଦ ବିରୁଦ୍ଧରେ ନିର୍ଣାୟକ ଲଢେଇ ଲଢିବା ଜରୁରୀ ଭଳି ଲାଗୁଛି ସେତେବେଳେ ଆମକୁ ଏହି କଥା ଉପରେ ଧ୍ୟାନ ଦେବା ଆବଶ୍ୟକ ଯେ ନକ୍ସଲବାଦକୁ ବୌଦ୍ଧିକ ସମର୍ଥନ ଦେଉଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବିନା ମାଓବାଦୀ ବିରୁଦ୍ଧରେ ଏହି ନିର୍ଣାୟକ ଯୁଦ୍ଧ ସମ୍ଭବ ନୁହେଁ । ମାଓବାଦୀ ମାନଙ୍କୁ ମୂଳୋତ୍ପାଟନ କରିବାକୁ ହେଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହିତ ଏକା ସଙ୍ଗେ ଏହି ସହରୀ ନକ୍ସଲ ମାନଙ୍କର ଆର୍ଥିକ ଫଣ୍ଡିଂ, ସେମାନଙ୍କର ନେଟବର୍କକୁ ଧ୍ୱସ୍ତ କରିବା ଜରୁରୀ । ନ ହେଲେ ଏହି ଲଢେଇ ଜିତି ହେବ ନାହିଁ, ଏହା ଆମକୁ ମନେ ରଖିବାକୁ ପଡିବ ।

## ଅହଂଭାବ

ପଙ୍କଜ କୁମାର ପାଣିଗ୍ରାହୀ

କୌଣସି ସାମାଜିକ ମାନ୍ୟତାରେ କିଛି ପରିବର୍ତ୍ତନ ଅନୁଭବ କରିବାରେ

ନିଜ ତଳେ ରହିଥିବା ମଣିଷଙ୍କ ପାଖରେ ଅହଂଭାବ ପ୍ରଦର୍ଶନ କରିବା

ସାଧାରଣ ମଣିଷର ଗୋଟିଏ ଜନ୍ମଗତ ଚରିତ୍ର !

ସେହି ଅହଂଭାବ ଜଣେ ମଣିଷକୁ ଉପରକୁ ନେଇଥାଏ ନା

ନୀଚ କରିଦିଏ ବୁଝିବା କ୍ଷମତା ବହିର୍ଭୁତ ମଣିଷର ବାସ୍ତବତା କ'ଣ...?!

ଅହଂଭାବ ରଖିବା ଅର୍ଥାତ ନିଜକୁ ନିଜେ ଠକିବା ! କେମିତି... ? ଉତ୍ତର ବିହୀନ ମଣିଷ ଆଲେଖ୍ୟଟି ସହଜରେ ହଜମ ନକରିପାରିଲେ ମଧ୍ୟ ନିଜର ଦୃଷ୍ଟିକୋଣ ପରିବର୍ତ୍ତନ କରି ଦେଖିଲେ ହୁଏତ କିଛି ସଚେତନତା ସୃଷ୍ଟି ହୋଇପାରେ ମନରେ ଯାହା ନିଜର ଭାବଧାରାକୁ ଆଂଶିକ ପ୍ରଭାବିତ କରି ଚ଼ରିତ୍ରିକ ଶୁଧାର ଆଣିପାରିବ ବୋଲି ଆମର ଆଶା । ଷଡ଼ରିପୁ ଗୁଡିକ ମଣିଷକୁ ବିଭିନ୍ନ ଦିଗରେ ମାନବୀୟତାରୁ ଦୁରେଇ ରଖି ନିଜର ଚରିତ୍ର ସଂହାରରେ ସହାୟକ ହେଉଥିବା ବେଳେ ଅହଂଭାବ ଏମିତି ଏକ ଚରିତ୍ର ଯାହା ମଣିଷର ଦୂରଦୃଷ୍ଟିକୁ କ୍ଷୀଣ କରି ଗୋଟିଏ ସୀମାରେଖା ମଧ୍ୟରେ ରଖିଦିଏ । କାରଣ କୌଣସି ପ୍ରାପ୍ତ ବସ୍ତୁ ହେଉକି ବିଷୟକୁ ନେଇ ମଣିଷ ମନରେ ଯଦି ଅହଂଭାବ ସୃଷ୍ଟି ହୋଇଥାଏ ସେହି ନିର୍ଦ୍ଦିଷ୍ଟତା ମଧ୍ୟରେ ସୀମିତ ରହିଯାଏ ତାହାର ଦୂରଦୃଷ୍ଟି ! ଅଧିକ ଆଉ ଉପରକୁ ଯିବାପାଇଁ ଅନ୍ଦାଜ୍ ନହୋଇ କେବଳ ସୀମିତ ପରିଧି ମଧ୍ୟରେ ସମ୍ପୃକ୍ତ ମଣିଷର ଭାବଧାରା ଘୁରିବୁଲୁଥାଏ ଯାହା ତା'ର ଦୂରଦୃଷ୍ଟିକୁ ବାଧିତ କରିଥାଏ । ନିଜର କ୍ଷମତା ପରିସରକୁ ହିଁ ସର୍ବଶ୍ରେଷ୍ଠ ମନେକରି ନିମ୍ନସ୍ଥଙ୍କୁ ଦୁର୍ବ୍ୟବହାର କରି ପଛରେ ସେମାନଙ୍କ ଦ୍ୱାରା ଘୃଣିତ ହେଉଥିବା ଆକଳନ ବହିର୍ଭୁତ ହୋଇଥାଏ ସମ୍ପୃକ୍ତ ଅହଂକାରିଙ୍କର ।

କଥାରେ ଅଛି ଦରିଦ୍ର ଯେବେ ଧନ ପାଇ, ପ୍ରାଣଠୁ ବଳି ସମ୍ଭାଳଇ ! ଅର୍ଥାତ ଦରିଦ୍ର ଲୋକଟିଏ ଧନ ପ୍ରତି ଯେତେ ପ୍ରଗାଢ଼ ଆସକ୍ତି ରଖିଥାଏ, ଯଦି କୌଣସି ସୂତ୍ରରୁ ପ୍ରାପ୍ୟ ହୁଏ ତାହେଲେ ସେହି ଧନକୁ ନିଜ ପ୍ରାଣଠାରୁ ବଳି ଭଲ ପାଏ ଏବଂ ତାହାର ସୁରକ୍ଷା କରେ । ଅନୁରୂପ ଅଶୃଜନ କୌଣସି ବିଷୟରେ ବାହ୍ୟ ଅନୁଭୂତି ପାଇବା ପରେ ନପରଖୀ ସେଇଟାହିଁ ସଂସାରର ସର୍ବଶ୍ରେଷ୍ଠ ବୋଲି ବିଚ଼ାରି ଅନ୍ୟକୁ ପ୍ରଦର୍ଶନ କରିଥାଏ ଯାହାର ପ୍ରତିଫଳନ ସ୍ୱରୂପ ଅହଂଭାବ ସୃଷ୍ଟି ହୋଇଥାଏ ତାହା ମନରେ । ପୁନର୍ବାର ସେହି ଅହଂଭାବ ସମ୍ପୃକ୍ତ ମଣିଷର ହିତାହିତ ଜ୍ଞାନ ଶୂନ୍ୟ କରି ସମାଜରେ କୌଣସି ପ୍ରତିଷ୍ଠା ସୃଷ୍ଟି କରିବାରେ ସହାୟକ ହୋଇନଥାଏ ! କାରଣ ନିଜସ୍ୱ ସୃଜନଶୀଳତାରେ ପରୀକ୍ଷିତ ବିଷୟକୁ ଉପସ୍ଥାପନା କରିବା ଏବଂ କୌଣସି ଉତ୍ସରୁ ଆହରଣ କରିଥିବା ଅନୁଭୂତି ମଧ୍ୟରେ ରହିଥିବା ପ୍ରଭେଦକୁ ଆକଳନ କରିବା କ୍ଷମତା ନଥାଏ ଅହଂକାରିଙ୍କର । ତେଣୁ ଅଶୃଜନ ବାହ୍ୟ ଉତ୍ସରୁ ଆହରଣ କରିଥିବା ଅନୁଭୂତିର ସତ୍ୟାସତ୍ୟ ବୁଝିବା କ୍ଷମତା ରଖିନଥା'ନ୍ତି । ଇତି ମଧ୍ୟରେ ସମ୍ପୃକ୍ତ ଅନୁଭୂତି କୌଣସି ସତ୍ୟ ଉପରେ ଆଧାରିତ କିମ୍ବା ଅସତ୍ୟ ତାକୁ ପରଖି ଗ୍ରହଣ କରିବା ବିପରୀତେ ଅନ୍ଧ ଭଳି ତା'କୁହିଁ ସତ୍ୟ ବୋଲି ମାନିନେଉଥିବା ମଣିଷର ଭାବଧାରରେ ଅହଂକାର ଜାଗ୍ରତ ହେଉଥିବା ଗୋଟିଏ ସାଧାରଣ ଲକ୍ଷଣ । ତେଣୁ ଅହଂକାରୀ ନିଜକୁ ନିଜେ ଠକେ କେମିତି ପରଖି ଦେଖିଲେ ଜାଣିହେବ ଯେ.........

କାହାଦ୍ୱାରା ଲଖିତ ପୁସ୍ତକ ହେଉ କିମ୍ବା କୌଣସି ପ୍ରଦତ୍ତ ସୂଚନାରେ କେତେଦୂର ସତ୍ୟାସତ୍ୟ ରହିଥାଏ ଏବଂ ସେଗୁଡିକ କେତେଦୂର ସତ୍ୟ ଉପରେ ଆଧାରିତ ସେସବୁ ତର୍ଜମା / ଅନୁଶୀଳନ କରି ଗ୍ରହଣ କରିବା ମଣିଷ, ଖୋଜିଲେ ମିଳିବେକି ନାହିଁ ସନ୍ଦେହ ! ଏହା ସତ୍ୟଯେ ପ୍ରାୟତଃ ସମସ୍ତ ମଣିଷ ସମାଜରେ ପ୍ରବାହିତ ଭାବଧାରା ଗୁଡିକୁ ଅନୁକରଣ କରି ନିଜର ଅନୁଭୂତି ବୃଦ୍ଧି କରିଥା'ନ୍ତି । ପୁସ୍ତକରୁ ଯେଉଁସବୁ ଜ୍ଞାନ ମିଳିଥାଏ ତାହାଠାରୁ ଯଥେଷ୍ଟ ଅଧିକ ନିର୍ଭର କରିଥା'ନ୍ତି ସାମାଜିକ ଅନୁଭୂତି ପ୍ରବାହ ମାଧ୍ୟମ ଗୁଡିକ ଉପରେ । ଏବଂ ବିଭିନ୍ନ ମାଧ୍ୟମରୁ ସଂଗୃହିତ ଅନୁଭୂତିକୁ ସତ୍ୟ ଏବଂ ନିଶ୍ଚିତ ବୋଲି ଧରିନେଇଥା'ନ୍ତି ସାଧାରଣ ସବୁ ମଣିଷ । ଅତଏବ ବିଭିନ୍ନ ଲେଖା ତଥା ଗଣମାଧ୍ୟମ ଗୁଡିକରେ ପ୍ରଚ଼ରିତ / ପ୍ରସାରିତ ଅନେକ କଥାକୁ ସହଜରେ ଗ୍ରହଣ କରି ନିଜର ଜ୍ଞାନ ବୃଦ୍ଧି ହେବାଭଳି ଅନୁଭୂତି ରହିଥାଏ ପ୍ରାୟ ସମସ୍ତଙ୍କର । ସେହି ପ୍ରଚ଼ରିତ / ପ୍ରସାରିତ ମାଧ୍ୟମ ଗୁଡିକରେ କିଏ କ'ଣ କହିଥାଏ ଅଥବା ଲେଖିଥାଏ ତାହାର କୌଣସି ନିୟନ୍ତ୍ରଣ କିମ୍ବା ଅନୁଶୀଳନ ବିଶେଷାଙ୍କର ନିର୍ଦ୍ଧାରିତ ନିୟାମକ ନଥାଇ ବ୍ୟାପକ ହେଉଥିବା ବିଷୟ ସମସ୍ତଙ୍କୁ ଜଣା । ତେଣୁ ସେହି ମାଧ୍ୟମ ଗୁଡିକ ଉପରେ ନିର୍ଭରଶୀଳ ମଣିଷଙ୍କୁ ମିଥ୍ୟା ତଥ୍ୟ ଦେଇ ଚତୁର କେଲେଙ୍କାରୀ ମଣିଷ ଗୁଡିଏ ଅନେକ ନିଜସ୍ୱ ସ୍ୱାର୍ଥ ହାସଲ କରୁଥିବାବେଳେ ଏହି ସଂଖ୍ୟା ଗରିଷ୍ଠ ଅଶୃଜନ ସେହି ଅବାସ୍ତବ, ମିଥ୍ୟା ତଥ୍ୟ ଗୁଡିକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ କରି ଅଜସ୍ର କ୍ଷତିରେ ପଡୁଥିବାବେଳେ ପୁନର୍ବାର ଅହଂଭାବ ସୃଷ୍ଟିକରି ଆହୁରି ଅଜ୍ଞାନ କରିଥା'ନ୍ତି ନିଜକୁ । ଅର୍ଥାତ ଯେଉଁସବୁ ବିଷୟ ଗୁଡିକୁ ସାଧାରଣ ଲୋକେ ଜ୍ଞାନ ବୋଲି ଗ୍ରହଣ କରିଥା'ନ୍ତି ସେଇଥିରେ ରହିଥବା ସତ୍ୟ ଏବଂ ମିଥ୍ୟାର ଆନୁପାତିକ ବ୍ୟବଚ୍ଛେଦ ନଥାଏ ସେମାନଙ୍କ ପାଖରେ । ତଥାପି କୌଣସି ବିପରୀତମୁଖୀ ମନ୍ତବ୍ୟକୁ ମଧ୍ୟ ଉତ୍ତମ ଜ୍ଞାନ ସଦୃଶ୍ୟ ଗ୍ରହଣ କରିବାକୁ ପଛାଇନଥା'ନ୍ତି ଅଶୃଜନ । ପୁନର୍ବାର ଅନେକ ମିଥ୍ୟାର ଆଧାରକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ ସାଙ୍ଗକୁ ସେଗୁଡିକର ଉପସ୍ଥାପନା ସହିତ ନିଜର ଅହଂଭାବାପନ୍ନ ବିଚ଼ରଧାରା ସେମାନଙ୍କୁ ପରୋକ୍ଷରେ ବ୍ୟାପକ ଠକାମିର ଶିକାର କରୁଥିଲେ ମଧ୍ୟ ସେଗୁଡିକ ସେମାନଙ୍କ ଭାବବହିର୍ଭୁତ ବିଷୟ ହୋଇଥାଏ । କାରଣ ଅହଂକାରୀ ସବୁବେଳେ ମିଥ୍ୟା କଥା ପ୍ରତି ଆସକ୍ତ ହେଉଥିବା ଜାଣନ୍ତି ଚତୁର କେଲେଙ୍କାରୀ । ତେଣୁ ସେମାନଙ୍କୁ ବିଭିନ୍ନ ମିଥ୍ୟା କଥାର ନାରାଦେଇ ସତ୍ୟକୁ ଆଢୁଆଳରେ ରଖି ସେମାନଙ୍କ ମନକୁ କରିଦିଅନ୍ତିଯେ ଅହଂକାରୀ ଅଶୃଜନ ବ୍ୟକ୍ତି ସେହି ମିଥ୍ୟା କଥାରେ ପଡି ନିଜେ ଠକି ହେଉଥିବାବେଳେ ସମାଜରେ ମଧ୍ୟ ସେହି ମିଥ୍ୟାକୁ ବାଣ୍ଟି ନିଜର କୃତିତ୍ୱ ହାସଲରେ ଲାଗିପଡିଥା'ନ୍ତି । ଇତିମଧ୍ୟରେ ସେମାନେ ଅନେକ ମିଥ୍ୟା ଭିତ୍ତିହୀନ କଥାକୁ ନେଇ ଅନ୍ୟର ପ୍ରରୋଚନାରେ ପଡି ଠକିହେଉଥିବା ବିଷୟ ଆଦୌ ମନକୁ ନେଇନଥା'ନ୍ତି ।

ସୃଜନ କୌଣସି ବିଷୟକୁ ଅଚିରେ ଗ୍ରହଣ କରିବା ପୂର୍ବରୁ ପ୍ରଥମେ ସମ୍ପୃକ୍ତ ବିଷୟଟିର ସର୍ବଦିଗ ପରଖି ସତ୍ୟର ଅନୁସନ୍ଧାନ ପାଇବା ପରେହିଁ ଗ୍ରହଣ କରିଥା'ନ୍ତି । ଅଶୃଜନଙ୍କ ବ୍ୟକ୍ତିଗତ ବିଚ଼ରଶୀଳତା ଅଭାବରୁ ନିଜକୁ ଦେଖାଣିଆ ଭାବ ବହନ କରି କିଛି ଜାଣିନଥାଇ ସବୁ ଜାଣିଲା ଭଳି ଅଭିନୟ କରିଥା'ନ୍ତି । ତେଣୁ ସାଧାରଣ ଲୋକଙ୍କ ସେହି ଅଶୃଜନତାର ସୁଯୋଗ ନେଇ ଆଜିସମୟରେ ଆଶାତୀତ ମିଥ୍ୟା, ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଦେବାରେ କୌଣସି ବାଧକତା ନଥାଇ ବରଂ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ କେବଳ ଅହଂଭାବ ପ୍ରଦର୍ଶନ ପୂର୍ବକ ନିଜକୁ ବ୍ୟାପକ ଅମାନବୀୟତାରେ ଜୀବନ ବଂଚୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଯେତେବେଳ ପର୍ଯ୍ୟନ୍ତ ସତ୍ୟର ଉନ୍ମୋଚନ କରିବା ଶିଖିନାହିଁ ମଣିଷ ସେତେବଳ ଯାଏଁ କେବଳ ମିଥ୍ୟା ଜ୍ଞାନକୁ ଅନୁସରଣ, ଅନୁକରଣ କରି ନିଜକୁ ନିଜେ ସତ୍ୟରୁ ବାଦଦେଇ ଠକାମିର ଶିକାର ହେଉଥିବାରୁ କେହି ଉଦ୍ଧାର କରିପାରିବେ ନାହିଁ । ତେଣୁ ଆଜିସମୟର ଯେକୌଣସି ମତବାଦ ଗୁଡିକୁ ଅଚିରେ ଗ୍ରହଣ ନକରି ଭିନ୍ନ ଏକ ଦୃଷ୍ଟିରେ ତର୍ଜମା କରିବା ପରେ ଗ୍ରହଣ କଲେହିଁ ନିଜର ସୃଜନଶୀଳତା ବୃଦ୍ଧି ପାଇବ ଏବଂ ସାଧାରଣ ମଣିଷ ସତ୍ୟର ଅନୁସନ୍ଧାନ ପାଇବା ପରେ ନିଜେହିଁ ଅହଂଭାବରୁ ଦୁରେଇ ରହିପାରିବ ବୋଲି ଆମର ବିଚ଼ରରେ ଆପଣଙ୍କ ଭାବଧାରା ବ୍ୟକ୍ତ କରିବେ ବୋଲି ଆଶା !

ଧନ୍ୟବାଦ


+ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭


## କବିତା କୋଣାର୍କ

### ସୁଠାଏ ଫଗୁଣ...

କୁନା ସେଠୀ



ଋତୁ ରାଇଜ ସେ ଫଗୁଣଟା ଯେବେ
ହସି ହସି ଧୀରେ ଆସେ
ବଦଳୀ ଯାଏ ଏ ପୃଥିବୀର ରଙ୍ଗ
କେତେ ନୂଆଁ ନୂଆଁ ବେଶେ ।

॥ ମଳୟ ପବନ ॥
ତନ,ମନ ଆମ ହରଣ କରଇ
ବସନ୍ତ ମଳୟ ବାଆ
ସୁଲୁସୁଲୁ ହୋଇ ଛୁଇଁ ଯାଏ ଦେହ
ସକାଳ ସନ୍ଧ୍ୟା ରେ ଆହା ।

ନିଦାଘ ପରାଶ ଦିଏ ବଡ ଦୁଃଖ
ଗମ୍ ଗମ୍ ବହେ ଝାଳ
ଅସହ୍ୟ ହୁଅଇ ଜୀବନ ଯାତ୍ରାଟି
ସରି ସରି ଯାଏ ବେଳ ।

ଏକାଳେ ମଳୟ ଆଶ୍ୱାସନା ଦେଇ
ବଁ।ଏ ଜୀବନ ଆମ
ଶୀତଳ ପରଶେ ମଳୟର ବାସେ
ହସି ଉଠେ ମହୀ ଧାମ ।

॥ ଆମ୍ବ ବଉଳ ॥
ବସନ୍ତ ଦିଅଇ ପରିଚୟ ତାର
ଆମ୍ବ ବଉଳର ଧାରେ
ନବ ପଲ୍ଲବ ରେ ଦୋଳି ଯାଉଥାଏ
ଗାଆଁ ତୋଟାମାଳ ତୀରେ ।

ମଧୁ ମକ୍ଷିକା ଯେ ଗୁଣୁଗୁଣୁ ହୋଇ
ଉଡ଼ିବୁଲେ ଗଛ ଦେହେ
ମଧୁ ପାଇଁ ଆସି ବଉଳରେ ବସି
କେତେ କଥା ତାକୁ କହେ ।

ବଉଳ ବାସରେ ମହାକଇ ପାର୍ଶ୍ୱ
ମହାକାଏ ମଳୟକୁ
ବସନ୍ତ ଆସିଛି ନବ ବଉଳରେ
ହୃଦୟକୁ ଛୁଇଁବାକୁ ।

॥ ଯାନିଯାତ୍ରା ॥
ଫଗୁ ଅବିରରେ ଦେହକୁ ଲୁଚାଇ
ଯାନିଯାତ୍ରା ହସି ଆସେ
କେତେ ରଙ୍ଗେ ପୁଣି ରଙ୍ଗୀନ ହୋଇ ସେ
ମଧୁର ମଧୁର ବାସେ ।

ଗାଆଁ ମନ୍ଦିରରୁ ଠାକୁର ବାହାରି
ବୁଲନ୍ତି ଦାଣ୍ଡକୁ ଦାଣ୍ଡ
ଘରେ ଘରେ ପୂଜା ପାଇ ବୁଲିଥାନ୍ତି
ଲୋକଙ୍କୁ କରନ୍ତି ରୁଣ୍ଡ ।

ଭୋଜି ଭାତ ସହ ପୂଜା ଦ୍ରବ୍ୟ ପାଇ
ମନ ହୋଇଯାଏ ଖୁସି
ବସନ୍ତ ର ଏଇ ନବୀନ ବେଶରେ
ମନ ଯାଏ ଖାଲି ହସି ।

॥ ଫୁଲ ॥
ବସନ୍ତ ଋତୁର ପରଶ ପାଇଲେ
ଗଛରେ ହସଇ ଫୁଲ
ନବଜାତକର ଶୋଭା ପାଇ ପୁଣି
ଦିଅଇ ନିଜର ମୂଲ ।

କୋମଳ ପାଖୁଡ଼ା ପବନରେ ଦୋଳି
ବସନ୍ତର ଗୀତ ଗାଏ
ଜହ୍ନ ଆଲୁଅର ଗୀତ ଗାଇ ଗାଇ
କହେ ସିଏ ଭଲ ପାଏ ।

ପ୍ରେମିକ ଭଅଁର ରସିକଟେ ସାଜି
ଉଡିବୁଲେ ଆଖପାଖ
ପ୍ରେମିକାକୁ ଦେଖି ରହି ପାରେ ନାହିଁ
ପାଇବାକୁ ପ୍ରେମ ସୁଖ ।

॥ ନବ ଦମ୍ପତି ॥
ଫଗୁଣକୁ ଚାହିଁ ରହିଛି ଅନାଇ
କୁଆଁରୀ କନିଆ ଟିଏ
ଆସିବ ବର ତା ଧରି ନେବ ହାତ
ଜଗିବସିଅଛି ସିଏ ।

କଥା ଦେଇଥିଲା ଫଗୁଣ ପାଇଁ କି
ଆସିବ ହାତୀ ରେ ବସି
ଚାହିଁ ବସି ଅଛି ସଜାଇ ହୋଇ ସେ
ଦୁଆର ମୁହଁରେ ହସି ।

ଫଗୁଣର ରଂଗ ଦେହରେ ଲାଗିଛି
ଶିହରଣ ଖେଳେ ମନେ
ଆସ ଆସ ପ୍ରିୟ ଡେରି ନ କରି ଗୋ
ଡାକଇ ମଧୁର ଗାନେ ।


+ଭୂତସରସିଙ୍ଗି, ଗଞ୍ଜାମ
୬୩୭୦୭୦୬୨୮୦




## କବିତା କୋଣାର୍କ



### ସ୍ୱାଧୀନ ଭାରତ...

ଧ୍ରୁବ ଚରଣ ବେହେରା

ସ୍ୱାଧୀନ ଭାରତ ନାଗରିକ ଆମେ
ସ୍ୱତନ୍ତ୍ରତା ଆମ ମନ୍ତ୍ର
ବହୁତ ସୁନ୍ଦର ଧର୍ମ ନିରପେକ୍ଷ
ଆମର ଏ ଗଣତନ୍ତ୍ର ।

ଆମ ଲାଗି ପରା ଲହୁ ଲୁହ ଢାଳି
ଜୀବନ ବାଜି ଲଗାଇ
ଦେଇ ଚାଲିଗଲେ ବୀର ସପୂତ ଯେ
ସୁନାର ଭାରତ ଏହି ।

ବନ୍ଦି କାରାଗାରେ ଘୋର ଅନ୍ଧକାରେ
କାଟି ଦେଇଥିଲେ ଦିନ
ଜାତି ପ୍ରୀତି ଲାଗି ତାଙ୍କ ବଳିଦାନ
ଅଟେ ଶ୍ରେଷ୍ଠ ନିଦର୍ଶନ ।

ଏବେ ବି ଏ ମାଟି ମହ ମହ ବାସେ
କହେ ଶହୀଦ୍ ଗାଥା
ଯେତେ ଚିପୁଡିଲେ ନିଗିଡଇ ଲହୁ
ବିପ୍ଳବର ମହା କଥା ।

ସୁନାର ମୋ ଦେଶ ପବିତ୍ର ଭାରତ
ହିମାଳୟ ଯାର ମଥା
ପତିତପାବନି ପୁଣ୍ୟତୋୟା ଧୁଏ
ଚରଣ କରି ବନ୍ଦିତା ।

ଗଗନ ପବନ ମୁଖରିତ ଏଠି
ବିହଙ୍ଗେ ଗାଆନ୍ତି ଗୀତ
କି ସୁନ୍ଦର ଦେଖ ଉଡଇ ତ୍ରିରଙ୍ଗା
ଭାରତ ପବିତ୍ର ନେତ ।

ଶାନ୍ତି ମୈତ୍ରୀ ଯାର ପୁଣ୍ୟ ପାରାବାର
ଏହି ସେ ବିଜୟ ମାଟି
କୋଟି ଦଣ୍ଡବତ ତୋ ପାଦ ପଦ୍ମରେ
ଅକ୍ଷୁର୍ଣ୍ଣ ତୋ ସୁନା ଭେଟି ।


+କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ
ଝାଡଖଣ୍ଡ
ମୋ:୮୩୨୮୯୩୦୫୫୪

## ଫଟାଫଟ ପ୍ରସ୍ତୁତ କରନ୍ତୁ ମାଛ ପିଠୋଉ



ଆବଶ୍ୟକ ସାମଗ୍ରୀ: ରୋହି ମାଛ, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, କଟା ପିଆଜ, ଜୀରା ଧନିଆ, ତେଜପତ୍ର, ଗୁଜୁରାତି ଗୁଣ୍ଡ, ଚାଉଳ ପିଠୋଉ, ରିଫାଇନ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଟା ରୋହି ମାଛରେ ଲୁଣ, ହଳଦୀ ଗୋଳାଇ ରଖନ୍ତୁ। ଚାଉଳ ପିଠୋଉରେ ହଳଦୀ, ଲଙ୍କା ଗୁଣ୍ଡ, ଲୁଣ,କଟା ପିଆଜ, ଜୀରା, ଧନିଆ, ତେଜପତ୍ର, ଗୁଜୁରାତି ଗୁଣ୍ଡ ପକାଇ ଗୋଳେଇ ଦିଅନ୍ତୁ। ଲୁଣ ହଳଦୀ ଗୋଳା ମାଛକୁ ମସଲା ପିଠୋଉରେ ବୁଡ଼େଇ ତେଲରେ ଛାଣନ୍ତୁ। ଏଥର ଗରମାଗରମ ପରଷନ୍ତୁ ମାଛ ପିଠୋଉ।

## ଚୀନ୍‌ର 'ଗ୍ରେଟ୍ ୱାଲ୍'



ବିଶ୍ୱର ଦୀର୍ଘତମ ପ୍ରାଚୀରର ଦୈର୍ଘ୍ୟ ୨୪୦୦ କିଲୋମିଟର ଏବଂ ଅଧିକାଂଶ ସ୍ଥାନରେ ଏହାର ଉଚ୍ଚତା ୩୦ ଫୁଟ୍ । ପୀତ ନଦୀରୁ କେନ୍ଦ୍ର ଏସିଆ ଯାଏ ପଶ୍ଚିମରୁ ପୂର୍ବକୁ ଏହା ବ୍ୟାପ୍ତ । ଖ୍ରୀଷ୍ଟପୂର୍ବ ୧୦୨୭ରୁ ୨୪୯ ମଧ୍ୟରେ ପ୍ରାଚୀନ ଚୀନ୍ ସଭ୍ୟତା ବିକଶିତ ହୋଇଥିଲା । ପୁଣି ଠିକ୍ ସେହି ସମୟରେ ଉତ୍ତର ଚୀନ୍‌ର କେନ୍ଦ୍ରାଞ୍ଚଳରୁ ଦକ୍ଷିଣ ଆଡକୁ ସାମ୍ରାଜ୍ୟ ପ୍ରସାରଣ ଲକ୍ଷ୍ୟରେ ଅଭିଯାନ ଆରମ୍ଭ କରିଥିଲେ ତତ୍କାଳୀନ ଶାସକ । ଏଣୁ ଆକ୍ରମଣ, ପ୍ରତି ଆକ୍ରମଣ ଲାଗି ରହୁଥିଲା । ନିକଟବର୍ତ୍ତୀ ଷ୍ଟେପି ଅଞ୍ଚଳର ଯାଯାବର ମାନେ ଥିଲେ ସ୍ଥାୟୀ ବସତି ବିରୋଧୀ । ସେମାନେ ଯୁଦ୍ଧ-ପ୍ରବଣ ହିଂସ୍ର ସ୍ୱଭାବର ଲଢୁଆ ଜାତି । ଆକ୍ରମଣ-ଲୁଣ୍ଠନ ଥିଲା ସେମାନଙ୍କ ବୃତ୍ତିର ଅଂଶବିଶେଷ । ପୁଣି ସେମାନେ ଥିଲେ ଅତିମାତ୍ରାରେ ଗତିଶୀଳ । ଅତର୍କିତ ଆକ୍ରମଣ କରି ସଂଗେ ସଂଗେ ଫେରି ପଳାୟନ କରୁଥିଲେ ଷ୍ଟେପି ମଧ୍ୟକୁ । ସସମ୍ମାନେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ମୁହାଁମୁହିଁ ଯୁଦ୍ଧରେ ଲିପ୍ତହେବା ସେମାନଙ୍କର ପସନ୍ଦ ନଥିଲା । ଘୋଡା ପିଠିରେ ବସି ହଠାତ୍ ତୀର ବର୍ଷଣ କରି ଉଭାନ୍ ହୋଇଯାଉଥିଲେ ସେମାନେ । ସେ କାଳର ଗରିଲା ! ଯେହେତୁ ସେମାନେ ଥିଲେ ଯାଯାବର ଶ୍ରେଣୀର; ଏଣୁ ସେମାନଙ୍କୁ ଆକ୍ରମଣ କରି ଧ୍ୱଂସ କରିବା ସଂଭବ ନଥିଲା । ଯେଉଁମାନଙ୍କର କୌଣସି ଠିକଣା ନାହିଁ, ସେମାନେ ମିଳିବେ କେଉଁଠି ? ଏହି ଯାଯାବର ଲଢୁଆ ଜାତିଙ୍କ କବଳରୁ ସ୍ଥାୟୀ ଜନପଦକୁ ରକ୍ଷା କରିବା ନିମନ୍ତେ ଝାଓ ଶାସନ କାଳରେ ନିର୍ମାଣ ଆରମ୍ଭ କରାଯାଇଥିଲା ସେହି ପ୍ରାଚୀର ଯାହା ଆଜିବି ବିଦ୍ୟମାନ ଏବଂ ପ୍ରସିଦ୍ଧ 'ଦ ଗ୍ରେଟ୍ ୱାଲ୍ ଅଫ୍ ଚାଇନା' ଭାବେ ପରିଚିତ । ଉତ୍ତର ଚୀନ୍‌ର ପ୍ରାଦେଶିକ ଶାସକମାନେ ଛୋଟ ଛୋଟ ଡି ଏହାର ସଂଯୁକ୍ତକରଣ ଲାଗି ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ସାମରିକ ମୁଖ୍ୟ ମେଙ୍ଗ୍ ତିନ୍ ଏହି କାର୍ଯ୍ୟ ତଦାରଖ କରୁଥିଲେ । ଖ୍ରୀଷ୍ଟପୂର୍ବ ୨୨୧ ରୁ ୨୦୬ ମଧ୍ୟରେ କୀନ୍ ଶାସନ କାଳରେ ଏହା ପୂରା ହୋଇଥିଲା । ଆଜି ଯେଉଁ ପ୍ରାଚୀର ବିଦ୍ୟମାନ ତାହା ବିକଶିତ ହୋଇଥିଲା ୧୩୬୮ ରୁ ୧୬୪୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ମିଙ୍ଗ ଶାସନ ଅମଳରେ । ସେଠାରେ ଏହି କାର୍ଯ୍ୟରେ ଶ୍ରମଦାନ କରିଥିଲେ ପ୍ରାୟ ୩ ଲକ୍ଷ ଶ୍ରମିକ ।



## ପିଲାର ଦାନ୍ତ ଉଠୁଥିଲେ ସଚେତନ ହୁଅନ୍ତୁ



ଦେଢ଼ ବର୍ଷ ଦୁଇବର୍ଷରେ ପିଲାଙ୍କ ଦାନ୍ତ ଉଠେ । ଦାନ୍ତ ଉଠିବା ସମୟରେ ପିଲାଟି ଆଗରେ ଏଣୁତେଣୁ ଜିନିଷ ଯାହା ପଡିଥାଏ ତାକୁ ଉଠାଇ ସେ ପାଟିରେ ପୂରାଏ । କାରଣ ତା'ମାଡି ସେହି ସମୟରେ ସୁଲେଇ ହୁଏ । କିଛି ଜିନିଷ କାମୁଡିବା ଦ୍ୱାରା ମାଡି ଘୋରି ହୋଇ ଦାନ୍ତ ପଦାକୁ ବାହାରି ଆସେ । ତେଣୁ ଏହି ସମୟରେ ମା'କୁ ଟିକେ ସଚେତନ ହେବାକୁ ପଡେ । ପିଲା ଯେପରି ପାଟିରେ ଏଣୁତେଣୁ ନ ପୁରାଇବ ସେ ପ୍ରତି ସତର୍କ ରହିବାକୁ ପଡିବ। ଏହାଦ୍ୱାରା ପିଲାକୁ ବିଭିନ୍ନ ରୋଗ ସଂକ୍ରମଣ କରିବାର ସମ୍ଭାବନା ଥାଏ । ତେଣୁ ଏହି ସମୟରେ ପିଲାକୁ ଗୋଟାଫଳ କାମୁଡିବାକୁ ଦିଅନ୍ତୁ ଅବା ଗୋଟିଏ ଛୋଟ ସଫ୍ଟବ୍ରଶ୍ ତା' ହାତରେ ଧରାଇ ଦିଅନ୍ତୁ । ଏହାକୁ ସେ ଚୋବାଇବା ଦ୍ୱାରା ଦାନ୍ତ ଅଳ୍ପଦିନ ଭିତରେ ବାହାରକୁ ବାହାରି ଆସେ । ଏହି ଦାନ୍ତ ମଜବୁତ୍ ହେବା ସହ ଶୀଘ୍ର ଦାନ୍ତ ପଡିବ ନାହିଁ ।

## ଶିଶୁର ଉଜ୍ଜ୍ୱଳ ତ୍ୱଚା

**ପ୍ରତ୍ୟେକ ମହିଳାଙ୍କ ଜୀବନରେ ମା' ହେବା ଏକ ସ୍ମରଣୀୟ ମୁହୂର୍ତ୍ତ। ମାତୃତ୍ୱ ହିଁ ନାରୀ ଜୀବନର ସମ୍ପୂର୍ଣ୍ଣତା ଆଣିଦିଏ। ଅଧିକାଂଶ ମା' ଚାହାନ୍ତି ସେମାନଙ୍କ ଶିଶୁର ରଙ୍ଗ ସଫା ଏବଂ ତା'ର ତ୍ୱଚା ଉଜ୍ଜ୍ୱଳ ହେଉ। ତେବେ ଶିଶୁର ରଙ୍ଗ କିପରି ଉଜ୍ଜ୍ୱଳ ହେବ ତାହା ଅଧିକାଂଶ ମା' ଜାଣନ୍ତିନି। ଏନେଇ କିଛି ଟିପ୍ସ....**



■ ଶିଶୁର ତ୍ୱଚାକୁ ଅଧିକ ସଫା କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ହେଉଛି ହଟ୍ ଅଏଲ ମସାଜ୍। ଏହା ଏକ ପୁରୁଣା ପଦ୍ଧତି ଏବଂ ଅନେକ ପିଢ଼ି ହେବ ଚାଲି ଆସିଛି। ପ୍ରତିଦିନ ଶିଶୁର ତ୍ୱଚାକୁ ଉଷୁମ ତେଲର ମସାଜ୍ କରିବା ଉଚିତ୍।

■ ଶିଶୁର ତ୍ୱଚା ଅନ୍ୟମାନଙ୍କ ତୁଳନାରେ ୧୦ଗୁଣ ଅଧିକ ସମ୍ବେଦନଶୀଳ ତେଣୁ ସେମାନଙ୍କ କ୍ଷେତ୍ରରେ କିଛି ବଡ଼ି ପ୍ୟାକ ଆପ୍ଲାଏ କରିପାରିବେ ଯାହା ପ୍ରକୃତରେ ନ୍ୟାଚୁରାଲ ହୋଇଥିବ। ସପ୍ତାହରେ ଥରେ ଆପଣଙ୍କ ଶିଶୁର ଶରୀରରେ ବଡ଼ିପ୍ୟାକ ଆପ୍ଲାଏ କରନ୍ତୁ। ବଡ଼ି ପ୍ୟାକ କିଣିବା ପରିବର୍ତ୍ତେ ଆପଣ ହଳଦୀ, ଦୁଗ୍ଧ ଏବଂ ଚନ୍ଦନ ଗୁଣ୍ଡ ମିଶାଇ ପ୍ୟାକ୍ ପ୍ରସ୍ତୁତ କରିପାରିବେ। ଏହି ପ୍ୟାକ ତ୍ୱଚାରେ ଭଲଭାବେ ମାରନ୍ତୁ ଏବଂ ଅଳ୍ପ ଦିନରେ ଶିଶୁ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରାନ୍ତୁ।

■ ସ୍କ୍ରବ୍ ଶବ୍ଦକୁ ନେଇ ଆଦୌ କନଫ୍ୟୁଜ ହୁଅନ୍ତୁନି। ଏହା କୌଣସି ଅର୍ଡ଼ିନାରୀ ସ୍କ୍ରବ ନୁହେଁ ଯାହା ଆପଣ ସବୁ ସ୍ଥାନରେ ପାଇପାରିବେ। ଏହାକୁ ଆପଣ ବେସନ, ଦୁଗ୍ଧ, ଗୋଲାପ ଜଳ ଏବଂ ହଳଦୀ ମିଶାଇ ପ୍ରସ୍ତୁତ କରିପାରିବେ। ଏହି ସ୍କ୍ରବ୍ ସ୍ମୁଥ୍ ଏବଂ ଶିଶୁର ତ୍ୱଚାରେ କୌଣସି କ୍ଷତି ନପହଞ୍ଚାଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ।

■ ଶିଶୁର ତ୍ୱଚାକୁ ଆଦୌ ଶୁଷ୍କ ହେବାକୁ ଦିଅନ୍ତୁନି। ମାର୍କେଟରେ ଉପଲବ୍ଧ ହେଉଥିବା ବେବି ମଏଶ୍ଚରାଇଜିଙ୍ଗ କ୍ରିମ ଆପ୍ଲାଏ କରନ୍ତୁ। ଶିଶୁ ପାଇଁ ବେଷ୍ଟ ପ୍ରଡକ୍ଟ କିଣିବାବେଳେ ଆପଣଙ୍କୁ ଟିକେ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ। ଯଦି ଆପଣ ଜାଣିପାରୁନାହାନ୍ତି କେଉଁଟି ଆପଣଙ୍କ ପାଇଁ ଠିକ୍ ତେବେ କୌଣସି ଡର୍ମାଟୋଲୋଜିଷ୍ଟଙ୍କ ଉପଦେଶ ନିଅନ୍ତୁ।

## ସଦା ଫୁର୍ତ୍ତି ରଖେ ସପୁରି

**ଖରାଦିନର ଫଳ ମଧ୍ୟରୁ ଗୋଟିଏ । ଏହା ଏକ ରସାଳ ଫଳ ହୋଇଥିବାବେଳେ ଅଧିକାଂଶ ଲୋକ ଏହାକୁ ବାଡିବଗିଚାରେ ଲଗାଇଥାନ୍ତି । ତେବେ ସପୁରୀ କେବଳ ସୁସ୍ୱାଦୁ ଫଳ ତାହା ନୁହେଁ ଔଷଧୀୟ ଗୁଣ ମଧ ଭରପୁର ରହିଛି । ଏଥିରେ ଭରପୂର ଭିଟରମିନ୍ ରହିଥାଲ । ଭିଟାମିନ୍ ବି-୧, ବି-୨, ବି-୩, ବି-ସି ପ୍ରଚୁର ପରିମାଣରେ ଥାଏ । ତେବେ ଆସନ୍ତୁ ଜାଣିବା ସପୂରୀରେ ଥିବା ଔଷଡଧୀୟ ଗୁଣ ସମ୍ପର୍କରେ......**

ସପୁରିରେ ଅଧିକ ପରିମାଣରେ ମ୍ୟାଗ୍ନେସିୟମ୍ ରହିଥିବାରୁ ଏହା ହାଡ଼କୁ ମଜଭୁତ୍ କରିଥାଏ । ଦିନକୁ ଏକ କପ୍ ସପୁରୀ ରସ ପିଇଲେ ଶରୀର ଆବଶ୍ୟକ କରୁଥିବା ମ୍ୟାଗ୍ନେସିୟମ୍ର ୭୫% ମିଳିଥାଏ । ହଜମ ଶକ୍ତିବୃଦ୍ଧିରେ ସପୁରି ସହାୟକ ହୋଇଥାଏ ।

ମଧୁମେହ ପାଇଁ ସପୁରି ଉପଯୋଗୀ । ୧୦୦ଗ୍ରାମ୍ ସପୁରି ରସ ସହ ଅଁଳା ମଞ୍ଜି, ଜାମୁ ମଞ୍ଜିରୁ ୧୦ଗ୍ରାମ୍ ଲେଖାଏଁ ଭଲ ଭାବରେ ଗୁଣ୍ଡ କରି ମିଶାଇ ଦିନକୁ ଦୁଇଥର ପିଇଲେ ମଧୁମେହ ରୋଗ ଭଲ ହୋଇଥାଏ ।



ପିଲାଙ୍କ ପେଟରେ କୃମି ହେଲେ ସପୁରି କନ୍ଦା ରସ ପିଇବାକୁ ଦେଲେ କୃମି ରୋଗ ଭଲ ହୋଇଥାଏ ।

## ଶରୀରକୁ ଶକ୍ତି ଯୋଗାଏ ଏସବୁ ଖାଦ୍ୟ





**ଏବର ଜୀବନ ଶୈଳୀରେ ବଢୁଥିବା ପିଢ଼ିର ପ୍ରମୁଖ ଅସୁବିଧା ହେଉଛି ସେମାନଙ୍କୁ ଶୀଘ୍ର ଥକା ଲାଗୁଛି । ଏଣୁ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଖାଦ୍ୟାପାନୀୟ ପ୍ରତି ସଚେତନ ହେଲେ ଏସବୁ ଅସୁବିଧା ଦୂର ହୋଇଯିବ ।**





ଆଭାକୋଡୋ:- ଏବେ ବିଭିନ୍ନ ମୂଲ୍ୟରେ ଏହି ଫଳଟି ସହଜରେ ଉପଲବ୍ଧ ହେଉଛି । ଭିଟାମିନ୍ ବି ଓ ସି'ରେ ଭରପୂର ଏହି ଫଳ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ମସ୍ତିଷ୍କ ଭଲଭାବେ କାର୍ଯ୍ୟ କରିଥାଏ ।

ଷ୍ଟ୍ରବେରୀ:- ଆଣ୍ଟିକ୍ସିଡାଣ୍ଟରେ ଭରପୂର ଏହି ଫଳଟି ଲବେ ଭାରତୀୟ ଭଜାରରେ ସହଜରେ ମିଳୁଛି । ନିୟମିତ ଏହାକୁ ଖାଇଲେ ମଧ ଶରୀରକୁ ପ୍ରଚୁର ପରିମାଣରେ ଶକ୍ତି ମିଳିଥାଏ ।

ବ୍ଲୁବେରୀ:- ଏହି ବିଦେଶୀ ଫଳ ମଧ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ପ୍ରତ୍ୟେକ ଅଙ୍ଗକୁ ଉତ୍ତମ ଭାବେ କାର୍ଯ୍ୟକ୍ଷମ କରାଏ ।

ବ୍ରୋକୋଲି:- ସାଲାଡ ଭାବେ ନିୟମିତ ଏହି ପରିବାକୁ ଖାଇଲେ କିମ୍ବା ଏହାକୁ ସିଝାଇ ଖାଇଲେ ଶରୀର ଉପରେ ଉତ୍ତମ ପ୍ରଭାବ ପଡ଼େ ।

ପାଳଙ୍ଗ ଶାଗ:- କ୍ୟାଲେରୀ, ପୋଟିନ୍ ଭରପୂର ପାଳଙ୍ଗ ଶାଗ ନିୟମିତ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ତ୍ୱଚା ଓ କେଶ ପାଇଁ ମଧ ଉପକାରୀ ।



## ହେମୋଗ୍ଲୋବିନ୍ ବୃଦ୍ଧି କରାଇବାର ସରଳ ଉପାୟ



ହେକୋଗ୍ଲୋବିନର ମାତ୍ରା କମ୍ ହେଲେ ଖଦ୍ୟପାନୀୟରେ ଅନିୟମିତତା ସମସ୍ୟା ଆରମ୍ଭ ହୋଇଥାଏ । ରୋଗୀ ସବୁ ସମୟରେ ହାଲିଆ ଅନୁଭବ କରିବା ସହ କାର୍ଯ୍ୟ କରିବାର କ୍ଷମତା ନଥାଏ । ତେବେ ଏଥିପାଇଁ କୌଣସି ଔଷଧ ସେବନ କରିବା ପୂର୍ବରୁ ପ୍ରଥମେ ସରଳ ଉପାୟ ଆମ୍ଭ କରନ୍ତୁ । ପ୍ରତ୍ୟେକଙ୍କ ଘରେ ତୁଳସୀ ଗଛ ଥାଏ । ଏଣୁ ନିୟମିତ ଭାବେ ୫.୬ଟି ତୁଳସୀ ପତ୍ର ଚୋବାଇ ଖାଆନ୍ତୁ । ନଚେତ୍ ତୁଳସୀପତ୍ରକୁ ଛେଚି କୌଣସି ପାନୀୟ ଅଥବା ଚା'ରେ ମିଶାଇ ପିଅନ୍ତୁ । ମାସ କେଇଟାରେ ହିଁ ହେମୋଗ୍ଲୋବିନ୍ ସମସ୍ୟା ଦୂର ହେବ ।

ପାଚିଲା ପିଜୁଳିରେ ଲୌହ ତତ୍ତ୍ୱ ଭରପୂର ରହିଥାଏ । ନିୟମିତ ଭାବେ ଗୋଟଏ କିମ୍ବା ଦୁଇଟି ପିଜୁଳି ଖାଇଲେ ମଧ ରକ୍ତହୀନତା ସମସ୍ୟା ଦୂର ହେଉଥିବାର ବିଶେଷଜ୍ଞଙ୍କ ମତ । ଅଙ୍ଗୁର ନାସପାତି ନଡ଼ିଆପାଣି, ପାଳଙ୍ଗଶାଗ, ଜାମୁକୋଳି, ଗୁଡ଼ ଇତ୍ୟାଦି ସେବନ କଲେ ମଧ ହେମୋଗ୍ଲୋବିନ୍ ମାତ୍ରା ଶରୀରରେ ଶୀଘ୍ର ବୃଦ୍ଧି ହୋଇଥାଏ ବୋଲି ବିଭିନ୍ନ ଗବେଷଣାରୁ ପ୍ରକାଶ ।

ଶରୀରରେ ହେମୋଗ୍ଲେବିନର ପର୍ଯ୍ୟପ୍ତ ମାତ୍ରା ରହିବା ନିତାନ୍ତ ଜରୁରୀ । ଏହା ଦ୍ୱାରା ଆମ ମୁଖ୍ୟ ଅଙ୍ଗ ମସ୍ତିଷ୍କ, ବୃକକ୍, ହୃଦଯନ୍ତ୍ର ଉତ୍ତମ ଭାବରେ କାମ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ ।



# ଆଇ.ଆଇ.ପି.ଏ ଆନୁକୁଲ୍ୟରେ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ଉପରେ ଆଲୋଚନା ଚକ୍ର

## ଅପରାଧ କ୍ଷେତ୍ରରେ ମାନବିକତାର ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ




ଭୁବନେଶ୍ୱର,୫।୪ (ନି.ପ୍ର): ବିଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କରୋନା ମହାମାରୀ ମଧ୍ୟରେ ସାମାଜିକ ଦାୟିତ୍ୱ ବୋଧ କ୍ଷେତ୍ରରେ ଏକ ନିଆରା ପ୍ରୟାସ ଜାରି ରଖିଥିବା ଭାରତୀୟ ଲୋକ ପ୍ରଶାସନ (ଆଇ.ଆଇ.ପି.ଏ), ଓଡିଶା ଶାଖା ଆନୁକୁଲ୍ୟରେ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ଉପରେ ଏକ ଆଲୋଚନା ଚକ୍ର ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପି.ଜି. କାଉନସେଲର ସମ୍ମେଳନ କକ୍ଷରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବୈତନଗରୀର ପୂର୍ବତନ ପୁଲିସ୍ କମିସନର ତଥା ପୁଲିସ୍ ହାଉସିଂ କର୍ପୋରେସନର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ, ଆଇ.ପି.ଏସ୍, ଅପରାଧିଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଥିବା ନୀତିଗତ ଧାରଣାକୁ ପରିବର୍ତ୍ତନ କରି ଗଠନ ମୂଳକ ତଥା ମାନବିକତା ବୋଧ ଉପରେ ସଂସ୍କାର ଅଣାଯିବା ସହ ମାନବିକ ଅଧିକାରକୁ ସବୁ ସମୟରେ ଗୁରତ୍ୱ ଦିଆଯିବା ଉପରେ ମତବ୍ୟକ୍ତ କରିଥିଲେ। ଏହି କ୍ଷେତ୍ରରେ ଅପରାଧି ତଥା ଏହାର ନ୍ୟାୟିକ ବ୍ୟବସ୍ଥାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ବିଶେଷ ମାନବିକତା ମୂଲ୍ୟବୋଧଉପରେ ଗୁରୁତ୍ୱ ଦେଇ ନ୍ୟାୟ ପ୍ରଦାନ କରିବା ଉପରେ ମତ ରଖିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ତଥା ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଶରତ ଚନ୍ଦ୍ର ମିଶ୍ର ବିଷୟ ବସ୍ତୁ ଉପରେ ସମ୍ୟକ ଧାରଣା ଦେବା ସହ ଏହି ବ୍ୟବସ୍ଥାର ୪ସ୍ତମ୍ଭ ପୁଲିସ୍, ଜେଲ୍, ନ୍ୟାୟିକ ବ୍ୟବସ୍ଥା ତଥା ଆଇନ ସହାୟତା କ୍ଷେତ୍ରର ମିଳିତ ସହଯୋଗ ତଥା ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏବଂ ମୁଖ୍ୟ ବକ୍ତା ଡଃ ସୁଧାଂଶୁ ଷଡଙ୍ଗୀ ସଂସ୍ଥା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ସାଧାରଣ ସଂପାଦକ ଅଶୋକ ମହାପାତ୍ର ଅତିଥି ପ୍ରଦାନ କରିଥିବା ବେଳେ ବିଶ୍ୱବିଦ୍ୟାଳର ପବ୍ଲିକ୍ ଆଡମିନିଷ୍ଟ୍ରେସନ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡ. ଅରୁଣ ରଥ, ଡ. ଚିତ୍ରା କାନୁନ୍‌ଗୋ, ଡ. ଏସ୍.ଏନ୍. ମିଶ୍ର, ବି,ପି.ତ୍ରିପାଠୀ, ସ୍ୱଦେଶ ପଟ୍ଟନାୟକ, ପଦ୍ମାଳୟା ମହାପାତ୍ର, ଡି.ପ୍ରଧାନ, ଡ. ଯୁଗଳ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସୁନେତ୍ର ଯୋଜନାରେ ଚଷମା କିଣାରେ ଅହେତୁକ ଅନୁକମ୍ପା

## ରାଜକୋଷରୁ ଖର୍ଚ୍ଚ ହୋଇଛି ଅତିରିକ୍ତ ୫୧ଲକ୍ଷ

ଭୁବନେଶ୍ୱର ,୫।୪ (ନି.ପ୍ର): ରାଜ୍ୟବାସୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ସୁବିଧା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ 'ସୁନେତ୍ର'। ୨୦୧୭ ମସିହାରେ ଏହାର ଶୁଭାରମ୍ଭ ହୋଇଛି। ୨୦୨୨ ସୁଦ୍ଧା ରାଜ୍ୟରେ ୨୫ ପ୍ରତିଶତ ଅନ୍ଧତ୍ୱ ଦୂରୀକରଣ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଅସ୍ତ୍ରୋପଚାର ପରେ ଲୋକମାନଙ୍କୁ ଚଷମା ଦିଆଯାଉଛି। ମାତ୍ର ଏହି ଯୋଜନାରେ ଗୋଟିଏ କମ୍ପାନିରୁ ଚଷମା କିଣିବା ଲାଗି ଅହେତୁକ ଅନୁକମ୍ପା ଦେଖାଇଛି ରାଜ୍ୟ ଔଷଧ ନିଗମ (ଓଏସ୍‌ଏମ୍‌ସିଏଲ୍)। ଏଥିପାଇଁ ରାଜକୋଷରୁ ୫୧ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିଛି। ଚଷମା କିଣାରେ ଗୋଟିଏ କମ୍ପାନିକୁ କିଭଳି ଅହେତୁକ ଅନୁକମ୍ପା ଦର୍ଶାଯାଇଛି ଅଡିଟ୍ ରିପୋର୍ଟରେ ଧରା ପଡ଼ିଛି। ରିପୋର୍ଟ ଅନୁସାରେ, ୨୦୧୮ ନଭେମ୍ବର ମାସରେ ଚଷମା କିଣା ପାଇଁ ଓଏସ୍‌ଏମ୍‌ସିଏଲ ସର୍ବନିମ୍ନ ବିଡ୍ ମୂଲ୍ୟ ୨୨୪ ଟଙ୍କାକୁ ଗ୍ରହଣ କରିଥିଲା। ଚଷମା ଯୋଗାଣ ପାଇଁ ଆବେଦନ କରିଥିବା ଏଲ-୧ ବିଡର ନିଗମର ସର୍ତାବଳୀ ଉଲ୍ଲଂଘନ କରିଥିବାରୁ ସଂପୃକ୍ତ ବିଡରକୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ପରବର୍ତୀ ସମୟରେ ନିଗମ ଅନ୍ୟ ଏକ ବିଡର ସହିତ ବୁଝାମଣା କରିବା ସହିତ ୟୁନିଟ୍ ପିଛା ୨୮୪ ଟଙ୍କାରେ ଦେବା ଲାଗି ଆଲୋଚନା ହୋଇଥିଲା। ମାତ୍ର ନିଗମ ପୁଣିଥରେ ମୂଲ୍ୟ ବୁଝାମଣା କରିବା ପରେ ଏହାର ମୂଲ୍ୟ ୨୭୫ ଟଙ୍କାକୁ ଗ୍ରହଣ କରିଥିଲା। ଯାହାକି ପୂର୍ବରୁ ଧାର୍ଯ୍ୟ ୨୨୪ ଟଙ୍କାଠାରୁ ୨୩ ପ୍ରତିଶତ ଅଧିକ ରହିଥିଲା। ସେହିପରି ଏଲ-୨ ରହିଥିବା କମ୍ପାନିର ଧାର୍ଯ୍ୟ ମୂଲ୍ୟ ମଧ ନିଗମର ପୂର୍ବ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ରହିଥିଲା। ହେଲେ ସଂପୃକ୍ତ ଏଲ-୨ କମ୍ପାନି ତାମିଲନାଡୁ ମେଡିକାଲ ସର୍ଭିସ ନିଗମକୁ ୨୦୧୮ ମସିହାରେ ଚଷମା ୟୁନିଟ୍ ପିଛା ୨୦୦ ଟଙ୍କାରେ ଯୋଗାଇଥିଲା। ୨୦୧୯ ମସିହା ଅକ୍ଟୋବର ସୁଦ୍ଧା ୧୯,୭୮୮ ଚଷମା ଯୋଗାଣ ପାଇଁ ସଂପୃକ୍ତ ଫାର୍ମ ସହିତ କ୍ରୟ ଅର୍ଡର ରଖିଥିଲା ରାଜ୍ୟ ଔଷଧ ନିଗମ।

## ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ମାମଲା ନେଇ ହାଇକୋର୍ଟରେ ପିଟିସନ ଦାଖଲ କଲା ଭାରତୀୟ ବିକାଶ ପରିଷଦ



ଭୁବନେଶ୍ୱର,୫।୪ (ନି.ପ୍ର): ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧିକୁ ବିଭିନ୍ନ ରାଜନୈତିକ ଦଳମାନେ ବିରୋଧ କରୁଥିବା ବେଳେ ଏହାକୁ ନେଇ ହାଇକୋର୍ଟରେ ପହଞ୍ଚିଛି ଭାରତୀୟ ବିକାଶ ପରିଷଦ । ହାଇକୋର୍ଟରେ ଦାଖଲ ହୋଇଥିବା ପିଟିସନରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି କି ବର୍ତ୍ତମାନ ପରିସ୍ଥିତିରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ଯୁକ୍ତିଯୁକ୍ତ ନୁହେଁ । ଏଭଳି ନିଷ୍ପତ୍ତିକୁ ରଦ୍ଦ କରିବାକୁ କୋର୍ଟରେ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଦାଖଲ ହୋଇଥିବା ପିଟିସନରେ ଶକ୍ତି ବିଭାଗର ସଚିବଙ୍କ ସହ ୬ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି । ଯୁକ୍ତି ରଖା ଯାଇଛି କି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ବେଶ ଭଲଥିବା ବେଳେ ବିଦ୍ୟୁତ୍ ବିଲ୍ ବୃଦ୍ଧି କରାଯିବାର କୌଣସି ଯଥାର୍ଥତା ନାହିଁ । ତେଣୁ ବର୍ତ୍ତମାନ ବିଦ୍ୟୁତ୍ ବିଲ୍ ବୃଦ୍ଧି ନ କରିବାକୁ ଆବେଦନକାରୀ ଦାବି କରିଛନ୍ତି ।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ୟୁନିଟ୍ ପିଛା ୩୦ ପଇସା ବିଦ୍ୟୁତ୍ ବିଲ୍ ବୃଦ୍ଧି କରାଯାଇଛି, ଯାହାକି ଏପ୍ରିଲ ୪ ତାରିଖଠାରୁ ଲାଗୁ ହୋଇଛି । ଏହି ବର୍ଦ୍ଧିତ ବିଲକୁ ସ୍ଥଗିତ ରଖିବାକୁ ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଓଡ଼ିଶା ବିଦ୍ୟୁତ୍ ନିୟାମକ (ଓଇଆରସି)ଙ୍କ ନିକଟକୁ ଚିଠି ଲେଖିଛନ୍ତି ।

## ପିପିଲି ଉପନିର୍ବାଚନ ପ୍ରଚାରରେ କୋଭିଡ଼ ନିୟମ କଡ଼ାକଡ଼ି ହେଉ : ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚ

ଭୁବନେଶ୍ୱର,୫।୪ (ନି.ପ୍ର): ଆମ ଦେଶ ଓ ରାଜ୍ୟ ଓଡ଼ିଶାରେ ପୁଣି ଲେଉଟିଛି କରୋନା। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ହୋଲି ପର୍ବ ସମୟରେ କୋଭିଡ୍ ନିୟମକୁ ଅଧିକାଂଶ ମାନିଲେ ନାହିଁ। ସେହିପରି ପିପିଲି ଉପ-ନିର୍ବାଚନ ପ୍ରଚାରରେ ମାସ୍କ ପିନ୍ଧିବା ଓ ଦୂରତା ରକ୍ଷା କରିବା କେବଳ ଧର୍ମକୁ ଆଖିଠାର ମାରିଲା ଭଳି। ସରକାର ମଧ ନିୟମ ଭଙ୍ଗକାରୀଙ୍କ ଉପରେ କୌଣସି ଦଣ୍ଡବିଧାନ କରୁନାହାଁନ୍ତି। 'ତୁ ତ ମୁତୁରି, ମୁଁ ତ ମୁତୁରି ହେଁସ କାହିଁପାଇଁ ଧୋଇବା' ନୀତିରେ ସମସ୍ତେ ଆଖି ବୁଜି ଦେଉଛନ୍ତି। ନିର୍ବାଚନ କମିଶନ ମଧ ଏ ବିଷୟରେ ଦଣ୍ଡବିଧାନ ନିର୍ଦ୍ଦେଶ ଦେଉନାହାଁନ୍ତି। ଏଣୁ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ଓ ପୁରୀ ଜିଲ୍ଲାପାଳଙ୍କୁ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ତରଫରୁ ଅନୁରୋଧ କରୁଛୁ କି ପିପିଲି ଉପନିର୍ବାଚନ ପ୍ରଚାରରେ କୋଭିଡ଼ ନିୟମ କଡ଼ାକଡ଼ି ଭାବେ ପାଳନ କରନ୍ତୁ ଓ ନିୟମ ଭଙ୍ଗକାରୀ ତଥା ପ୍ରାର୍ଥୀମାନଙ୍କୁ ଏଥିପାଇଁ ଦଣ୍ଡବିଧାନ କରନ୍ତୁ। ଏ ବିଷୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଓ ପୁରୀ ଜିଲ୍ଲାପାଳଙ୍କୁ ମଞ୍ଚ ତରଫରୁ ଦାବି ଜଣାଇ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି।

## ଭୟମୁକ୍ତ, ହିଂସାମୁକ୍ତ, ବିକାଶଯୁକ୍ତ ଅଂଚଳ ଭାବେ ଗଢ଼ି ତୋଳିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ : ସମୀର ମହାନ୍ତି

ଭୁବନେଶ୍ୱର,୫।୪ (ନି.ପ୍ର): ପିପିଲି-ଡେଲାଙ୍ଗ ଉପନିର୍ବାଚନର ଲଢେଇ ପାଇଁ ଭାରତୀୟ ଜନତା ପାର୍ଟୀ ଦଳୀୟ ପ୍ରଚାରକୁ ଶାଣିତ କରିଛି। ପ୍ରାର୍ଥୀ ଶ୍ରୀ ଆଶ୍ରିତ ପଟ୍ଟନାୟକ ନିଜ ସମର୍ଥକଙ୍କ ଗହଣରେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନକୁ ଯାଇ ଭୋଟ ଆଶୀର୍ବାଦ ଲୋଡ଼ିଛନ୍ତି । ଆଜି ସକାଳେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଷ୍ଟ୍ରୀୟ ପ୍ରବକ୍ତା ଡ.ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସଂପାଦକ(ସଙ୍ଗଠନ) ମାନସ ମହାନ୍ତି, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ବରିଷ୍ଠ ନେତା ପ୍ରକାଶ ମିଶ୍ର, ଐର ଖାରବେଳ ସ୍ୱାଇଁ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକର୍ତା ଏବଂ ସାଧାରଣ ଜନତାଙ୍କୁ ଭେଟି ଆଲୋଚନା କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ କରିଥିଲେ।

## ନିୟମ ମାନିଲାନି

# ହାପି କ୍ଲାସେସରେ ତାଲା ପକାଇଲା ବିଏମସି




ଭୁବନେଶ୍ୱର,୫।୪ (ନି.ପ୍ର): କୋଭିଡ ଗାଇଡ଼ ଲାଇନ ଉଲ୍ଲଂଘନ ଅଭିଯୋଗରେ ଜୟଦେବ ବିହାର ଛକରେ ଥିବା ଘରୋଇ କୋଚିଂ ସେଣ୍ଟର ହାପି କ୍ଲସେସ ସିଲ୍ ହୋଇଛି। ବିଏମସି ଚଢ଼ାଉ କରି ଏହି କୋଚିଂ ସେଣ୍ଟର ସିଲ୍ କରିଛି। କୋଭିଡ ନିୟମ ଅନୁସାରେ କୋଚିଂ ସେଣ୍ଟରରେ ଛାତ୍ରାଛାତ୍ରୀ ମାନେ ବସିବା, ସାନିଟାଇଜେସନ ବ୍ୟବସ୍ଥା ନଥିବା ସହ ଛାତ୍ରଛାତ୍ରୀ ମାସ୍କ ପିନ୍ଧିନଥିବାରୁ ଏହାକୁ ସିଲ କରିଛି ବିଏମ୍ସି ।

ଏହି ଚଢ଼ାଉ ପରେ ଆଜି ଦିନ ତାମାମ ବିଏମସି ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଉପରେ ଚଢ଼ାଉ ଜାରି ରହିବ। ବିଏମସିର ୩ଟି ଯାକ ଯୋନରେ ହେବ ଚଢ଼ାଉ। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସଂକ୍ରମଣ ବୃଦ୍ଧିକୁ ଚେକ ଦେବାକୁ ବିଏମସି ଏଭଳି ପଦକ୍ଷେପ ନେଉଥିବା କହିଛି।

ସେହିପରି ଭୁବନେଶ୍ୱର ସିଲିକନ ଇନଷ୍ଟିଚ୍ୟୁଟ୍‌କୁ ସୋ' କଜ୍ ନୋଟିସ ଜାରି କରାଯାଇଛି। କୋଭିଡ୍ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ନୋଟିସ ଜାରି କରିଛି ବିଏମସି। ଇନଷ୍ଟିଚ୍ୟୁଟ୍‌ର ଗୋଟିଏ ବେଞ୍ଚରେ ୫ରୁ ୭ ଜଣ ପିଲା ବସୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଆଜି ଖୋର୍ଦ୍ଧା ଜିଲ୍ଲାରେ ୯୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ସହିଦ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର ,୫।୪ (ନି.ପ୍ର): ପରାଧୀନ ଭାରତରେ ତତ୍କାଳୀନ ପ୍ରଜା ଆନ୍ଦୋଳନ ସମୟରେ ଓଡ଼ିଶାରେ ରଣପୁରର ଦୁଇ ମହାନ୍ ମୁକ୍ତିଯୋଦ୍ଧା ସହିଦ ରଘୁନାଥ ମହାନ୍ତି ଓ ସହିଦ ଦିବାକର ପରିଡ଼ାଙ୍କର ତ୍ୟାଗ ଓ ଆତ୍ମବଳିଦାନର କାହାଣୀ ସର୍ବଦା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେମାନଙ୍କର ସଂଗ୍ରାମର ଗାଥା ସର୍ବଦା ଉତ୍ତରପିଢ଼ି ଓ ଯୁବବର୍ଗ ଅନୁଶୀଳନ କରିବା ସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଦୁଇ ସଂଗ୍ରାମୀଙ୍କ ମାଟି ନୟାଗଡ଼ ଜିଲ୍ଲାର ରଣପୁର ସମେତ ରାଜ୍ୟ ତଥା ଦେଶର ବିକାଶରେ କାର୍ଯ୍ୟ କରିବାକୁ କହିଛନ୍ତି ରାଜ୍ୟ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ। ଆଜି ଅପରାହ୍ଣରେ ଜୟଦେବ ଭବନଠାରେ ଉଭୟ ମଞ୍ଚ ଓ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ସହିଦ ରଘୁ-ଦିବାକରଙ୍କର ଶ୍ରାଦ୍ଧ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ ଏହା କହିଛନ୍ତି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ, ରଣପୁର ସାଂସ୍କୃତିକ ପରିଷଦ ଓ ସହିଦ ରଘୁ-ଦିବାକର ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏଣେ କଡ଼ାକଡ଼ି କଟକଣା: ତେଣେ ମୁକୁଳା ପଡ଼ିଛି ସୀମା




ଭୁବନେଶ୍ୱର,୫।୪ (ନି.ପ୍ର): ରାଜ୍ୟରେ କରୋନା ପଜିଟିଭ ସଂଖ୍ୟା ଏବେ ୫୦୦ ମୁହାଁ ହେଉଥିବା ବେଳେ ଚିନ୍ତା ବଢ଼ାଉଛି ଛତିଶଗଡ଼ ସୀମାବର୍ତ୍ତୀ ଜିଲ୍ଲା। କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ଛତିଶଗଡ଼ ସୀମାରେ ଥିବା ଜିଲ୍ଲାଗୁଡିକରେ କଟକଣା କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଂଚଳରେ ଛତିଶଗଡ଼ ସୀମା ମୁକୁଳା ପଡ଼ିଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା। ଫଳରେ ଓଡ଼ିଶା-ଛତିଶଗଡ଼ ସୀମାରେ ଲୋକେ ଅନାୟସରେ ଯାଆସ କରୁଛନ୍ତି । ଏହି ଜିଲ୍ଲାଗୁଡ଼ିକରେ ଉପରମୁହାଁ କରୋନାକୁ ଆୟତ୍ତ କରିବାକୁ ଆଜିଠୁ ୧୦ ଜିଲ୍ଲାରେ ଲାଗୁ ହେବ ନାଇଟ କର୍ଫ୍ୟୁ। ଏଥିସହ ଅମାନିଆଙ୍କୁ ସାବାଡ଼ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି ସ୍କ୍ୱାର୍ଡ। ହେଲେ ଉମରକୋଟ ଅଂଚଳରେ ମୁକୁଳା ପଡ଼ିଥିବା ସୀମାରେ ଅନାୟସ ପ୍ରବେଶ ଲୋକଙ୍କ ଚିନ୍ତା ବଢ଼ାଉଛି। ଛତିଶଗଡ଼ ସୀମାକୁ ନବରଙ୍ଗପୁର ଜିଲ୍ଲାର ୬ଟି ବ୍ଲକ ଲାଗି ରହିଥିବାବେଳେ ୩ଟି ମୁଖ୍ୟ ସଡ଼କ ରହିଛି । ଏହି ସବୁ ରାସ୍ତା ଗୁଡିକରେ ଅବାଧରେ ଲୋକେ ଯାଆସ କରୁଛନ୍ତି । ରାଇଘର ସହ ଚନ୍ଦାହାଣ୍ଡି ବ୍ଲକ ସୀମା ଖୋଲା ପଡିଛି । ନବରଙ୍ଗପୁର ଜିଲ୍ଲାରେ ଦ୍ୱିତୀୟ ଲହରରେ ପ୍ରାୟ ୫୦ ଆକ୍ଟିଭ କେସ୍ ରହିଛି । ତେଣୁ କଟକଣା କଡାକଡି କରିବାକୁ ଲୋକେ ଦାବି କରିଛନ୍ତି ।ସୂଚନାଯୋଗ୍ୟ, ଆଜି ରାତି ୧୦ଟାରୁ ପଶ୍ଚିମ ଓଡ଼ିଶାର ୭ ଓ ଦକ୍ଷିଣ ଓଡ଼ିଶାର ୩ ଜିଲ୍ଲାରେ ନାଇଟ୍ ନାଇଟ କର୍ଫ୍ୟୁ ଲାଗୁ ହେବ । ଏହି ଜିଲ୍ଲାଗୁଡିକ ହେଲା ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଓ ବଲାଙ୍ଗିର । ଏସବୁ ଜିଲ୍ଲାରେ ବ୍ଲୁ ପ୍ରିଣ୍ଟ ତିଆରି କରିଛନ୍ତି ବିଭିନ୍ନ ଜିଲ୍ଲାର ଏସ୍‌ପି। ରାତି ୧୦ରୁ ସକାଳ ୫ ଭିତରେ ଜରୁରୀ କାମ ନଥାଇ ଘରୁ ବାହାରିଲେ ମାମଲା ରୁଜୁ କରାଯିବ ।

# ପାକ୍ସରେ ବ୍ୟାପକ ଅନିୟମିତତା : କାର୍ଡ ପ୍ରିଣ୍ଟ କରି ଭୁଲିଗଲେ,୧୮ କୋଟି ବରବାଦ



ଭୁବନେଶ୍ୱର ,୫।୪ (ନି.ପ୍ର): ଓଡ଼ିଶାରେ ଥିବା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗୁଡ଼ିକର ତ୍ରୁଟି ଧରିଛନ୍ତି ସିଏଜି। ଅଡିଟ୍ ବେଳେ ଜଣାପଡ଼ିଛି ଯେ ଯାଞ୍ଚ ହୋଇଥିବା ୨୭ଟି ପାକ୍ସରେ କିସାନ କ୍ରେଡିଟ୍ କାର୍ଡ (କେସିସି) ରଖିଥିବା ଚାଷୀଙ୍କ ଜମି କାଗଜପତ୍ରକୁ ଠିକ୍ ଭାବେ ଯାଞ୍ଚ ନକରି ଋଣ ମଞ୍ଜୁର କରାଯାଇଥିଲା। ପ୍ରାୟ ୩୮.୩୪ ପ୍ରତିଶତ ଋଣକୁ ପାକ୍ସଗୁଡ଼ିକ ନୂଆ ଋଣ ଭାବେ ପ୍ରଦର୍ଶିତ କରିଥିଲେ ମଧ ବାସ୍ତବରେ ସେହି ଟଙ୍କା ଚାଷୀମାନଙ୍କୁ ଆବଣ୍ଟିତ କରାଯାଇନଥିଲା। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ (ଓଏସ୍‌ସିବି) ୧୭.୪୩ କୋଟି ଟଙ୍କା ଖର୍ଚ୍ଚ କରି ୧୮.୪୮ ଲକ୍ଷ ରୁପେ କିସାନ କାର୍ଡ ପ୍ରିଣ୍ଟ୍ କରିଥିଲା। କିନ୍ତୁ ନିର୍ଧାରିତ ସମୟରେ ସେଗୁଡ଼ିକୁ ସକ୍ରିୟ କରାଯାଇନଥିଲା। ସେଥିପାଇଁ ଚାଷୀମାନେ କୌଣସି ବ୍ୟାଙ୍କ ଶାଖା କିମ୍ବା ଏଟିଏମ୍‌ରୁ ଟଙ୍କା ଉଠାଣ ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ। ଏହା ବ୍ୟତୀତ କାର୍ଡ ପ୍ରିଣ୍ଟ୍ କରିବା ବାବଦରେ ଖର୍ଚ୍ଚ ହୋଇଥିବା ୧୭.୪୩ କୋଟି ଟଙ୍କା କ୍ଷତି ହୋଇଥିଲା। ଚାଷୀମାନଙ୍କୁ ବର୍ଷକୁ ଦୁଇ ଲକ୍ଷ କିସାନ କ୍ରେଡିଟ୍ କାର୍ଡ ଜାରି କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ପ୍ରତିବର୍ଷ ୧୬.୫୦ ପ୍ରତିଶତରୁ ୬୧ ପ୍ରତିଶତ ଯୋଗ୍ୟ ଚାଷୀଙ୍କୁ ଏହି କାର୍ଡ ଜାରି କରାଯାଇନଥିଲା। ଫଳରେ ଏହି ଚାଷୀମାନେ କାର୍ଡର ଲାଭ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଉ ଏକ ଚିନ୍ତାର ବିଷୟ ହେଉଛି ଜମି ରେକର୍ଡକୁ ପାକ୍ସଗୁଡ଼ିକ ଭଲ ଭାବେ ଯାଞ୍ଚ କରୁନାହାନ୍ତି। ଅଡିଟ୍ ବେଳେ ୩୯,୧୬୫ ଜମି ରେକର୍ଡର ଅନୁଶୀଳନ ବେଳେ ୬୯୯୧ଟି ରେକର୍ଡର ଠିକ୍ ଭାବେ ଯାଞ୍ଚ ହୋଇନଥିବା ଜଣାପଡ଼ିଥିଲା। ୫୫ ଜଣ ଚାଷୀଙ୍କ ୧୭୧ଟି ଜମି ରେକର୍ଡ ଯାଞ୍ଚ କରିବା ବେଳେ ୭୧ଟି ମାମଲାରେ ଜଣାପଡ଼ିଥିଲା ଯେ ଚାଷୀ ଦେଇଥିବା କାଗଜପତ୍ର ଭୂଲେଖରେ ଥିବା ତଥ୍ୟ ସହ ମେଳ ଖାଇନଥିଲା। ରାଜସ୍ୱ ଅଧିକାରୀ ମାନଙ୍କ ଅଭାବ ଏବଂ ସେମାନେ ଆଗ୍ରହ ଦେଖାଉନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଜଣାପଡ଼ିଛି। ପାକ୍ସର ତଥ୍ୟକୁ ଭୂଲେଖ ପୋର୍ଟାଲ୍ ସହ ଯୋଡ଼ିବାକୁ ଅଡିଟ୍ ରିପୋର୍ଟରେ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଘରୋଇ ସରକାରୀ ସହଭାଗିତା (ପିପିପି) ମୋଡ୍‌ରେ ରାଜ୍ୟରେ ୧୫୦ ଏଗ୍ରୋ ସର୍ଭିସ୍ ସେଣ୍ଟର(ଏଏସ୍‌ସି) ସ୍ଥାପନ କରିବା ଲାଗି ରାଜ୍ୟ ସରକାର ୨୦୧୩ ନଭେମ୍ବରରେ ୯ କୋଟି ଟଙ୍କା ମଞ୍ଜୁର କରିଥିଲେ। ୨୦୧୯ ଅକ୍ଟୋବର ସୁଦ୍ଧା ବିଭିନ୍ନ ନଥିପତ୍ର ଯାଞ୍ଚ କରିବାରୁ ଜଣାପଡ଼ିଛି ଯେ ପାକ୍ସ ଓ ଲାମ୍ପସ୍ ସ୍ତରରେ ୧୦୦ ଏସିଏସ୍ ସ୍ଥାପନ କରିବାକୁ ୨୦୧୭ ଫେବ୍ରୁଆରିରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଓଏସ୍‌ସିବିକୁ ନାବାର୍ଡ ୫.୪୩ କୋଟି ଟଙ୍କା ଦେଇଥିଲା। ମାତ୍ର ଏହି ସ୍କିମ୍ ପାଞ୍ଚ ବର୍ଷ ପୂରଣ କରିବା ସତ୍ତ୍ୱେ କୌଣସି ଏଏସ୍‌ସି ସ୍ଥାପନ ହୋଇପାରିନାହିଁ। ଏଥିପାଇଁ ୩୧ଟି ପାକ୍ସ ଓ ଲାମ୍ପସ୍‌କୁ ଯେଉଁ ଯନ୍ତ୍ରାଂଶ ଓ ଉପକରଣ ଦିଆଯାଇଥିଲା ତାହା ମଧ ବ୍ୟବହାର ହୋଇପାରିନାହିଁ। ଫଳରେ ଚାଷୀମାନେ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ସିଏଜି ତାଙ୍କ ରିପୋର୍ଟରେ କହିଛନ୍ତି। ମରୁଡ଼ି ପ୍ରଭାବିତ ଚାଷୀମାନଙ୍କୁ ମଧ ଠିକ୍ ଭାବେ ରିଲିଫ୍ ପ୍ରଦାନ କରାଯାଇପାରିନଥିବା ସିଏଜିଙ୍କ ରିପୋର୍ଟରୁ ଜଣାପଡ଼ିଛି। ୨୦୧୫ ଖରିଫ୍ ଋତୁରେ ରାଜ୍ୟର ୨୭ଟି ଜିଲ୍ଲାର ୨୩୩ଟି ବ୍ଲକ୍ ଅଧୀନରେ ଥିବା ୨୯,୦୭୭ଟି ଗାଁ ଓ ୫୫ଟି ପୌରାଞ୍ଚଳ ଅଧୀନରେ ଥିବା ୪୦୪ଟି ୱାର୍ଡ ମରୁଡ଼ି ପ୍ରଭାବିତ ବୋଲି ଘୋଷଣା କରାଯାଇଥିଲା। ୨୦୧୬ ମାର୍ଚ୍ଚ ସୁଦ୍ଧା 'ଆନେୱାରି' ସାର୍ଟିଫିକେଟ୍ ଦାଖଲ କରିବାରେ ଜିଲ୍ଲାପାଳମାନଙ୍କ ବିଫଳତା ଯୋଗୁଁ ଚାଷୀମାନେ ରିଲିଫ୍ ପାଇବାକୁ ବଞ୍ଚିତ ହୋଇଥିଲେ। ବରଗଡ଼କୁ ବାଦ ଦେଲେ ଅନ୍ୟ କୌଣସି ଜିଲ୍ଲାର ଜିଲ୍ଲାପାଳ ନିର୍ଧାରିତ ସମୟରେ ଆନେୱାରି ସାର୍ଟିଫିକେଟ୍ ଦେଇପାରିନଥିଲେ। ସେଥିପାଇଁ ସ୍ୱଳ୍ପ ମିଆଦୀ ଋଣକୁ ଦୀର୍ଘମିଆଦୀ ଋଣରେ ରୂପାନ୍ତରିତ କରାଯାଇପାରିନଥିଲା। ପ୍ରାୟ ୩୨.୦୧ ଲକ୍ଷ ଚାଷୀଙ୍କୁ ମରୁଡ଼ି ଜନିତ ରିଲିଫ୍ ମିଳିବାର ଥିଲା। କିନ୍ତୁ ଜରିମାନା ଭୟରେ ୨୪.୦୬ ଲକ୍ଷ ଚାଷୀ ଋଣ ପରିଶୋଧ କରିଦେଇଥିଲେ। ଆନେୱାରି ସାର୍ଟିଫିକେଟ୍ ଠିକ୍ ସମୟରେ ଜାରି ହୋଇଥିଲେ ଏହି ସବୁ ଚାଷୀଙ୍କର ପ୍ରାୟ ୨୫୦୦ କୋଟି ଟଙ୍କାର ସ୍ୱଳ୍ପ ମିଆଦୀ ଋଣକୁ ଦୀର୍ଘମିଆଦୀ ଋଣରେ ରୂପାନ୍ତରିତ କରାଯାଇପାରିଥାନ୍ତା। ଡିସିସିବିର ୯ଟି ଶାଖା ଓ ୨୭ଟି ପାକ୍ସର ଖାତାକୁ ଯାଞ୍ଚ କରିବା ବେଳେ ଜଣାପଡ଼ିଥିଲା ଯେ ଚାଷୀମାନଙ୍କ ଖାତାକୁ ଟଙ୍କା ନପଠାଇ ଫସଲ ଋଣ ମଞ୍ଜୁର କରାଯାଇଛି। ତା' ଉପରେ ଅନିୟମିତତା କରି ସୁଧ ଛାଡ଼ ଦାବି କରାଯାଇଛି। ୨୦୧୪-୧୮ ମଧ୍ୟରେ ୧,୫୬,୦୨୪ ଜଣ ଚାଷୀଙ୍କୁ ୪୪୫.୨୬ କୋଟି ଟଙ୍କାର ଫସଲ ଋଣ ଦିଆଯାଇଥିଲା। ସେହି ଟଙ୍କା ମଧ୍ୟରୁ ୧୭୨.୯୬ କୋଟି ଟଙ୍କାକୁ ପୂର୍ବରୁ ବକେୟା ଥିବା ଋଣ ପରିଶୋଧ କରିବା ଲାଗି ୫୯,୬୯୬ ଚାଷୀଙ୍କୁ ଦିଆଯାଇଥିଲା। ବାସ୍ତବରେ କେବଳ ହିସାବ ଖାତାରେ ଏହି କାମ ହୋଇଥିଲା। କୌଣସି ଚାଷୀଙ୍କ ଖାତାକୁ ଟଙ୍କା ଯାଇନଥିଲା ବୋଲି ସିଏଜିଙ୍କ ରିପୋର୍ଟରୁ ଜଣାପଡ଼ିଛି।

# ଫୁଲାଡ଼ିଛକ-ଚଷାଖଣ୍ଡ ରାସ୍ତା ମରଣଯନ୍ତା
## ୧୨ରେ ଜାତୀୟ ରାଜପଥ ରୋକ ଚେତାବନୀ



ବାଲେଶ୍ୱର,୦୫/୦୪ (ନି.ପ୍ର): ପାଞ୍ଚଗୋଟି ପଞ୍ଚାୟତବାସୀଙ୍କ ପାଇଁ ଜୀବନରେଖା ପାଲଟିଥିବା ଫୁଲାଡ଼ିଛକରୁ ଚଷାଖଣ୍ଡ ପର୍ଯ୍ୟନ୍ତ ରାସ୍ତାର ନବୀକରଣ ଦାବିରେ ଗ୍ରାମାବସୀମାନେ ଆଜି ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ବାଲେଶ୍ୱର ସହରକୁ ଆସିବା ମୟୂରଭଞ୍ଜ ଜିଲାର କଳମା ଅଞ୍ଚଳ ସମେତ ପୁଣିଆ, ମହିଷାଶୂଳ ସମେତ ରାଇସୁଆଁ, ଚଷା ଖଣ୍ଡ ପ୍ରଭୃତି ପଞ୍ଚାୟତର ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପ୍ରତିଦିନ ହଜାର ହଜାର ଲୋକେ ଏହି ରାସ୍ତାଦେଇ ବାଲେଶ୍ୱର ସହରକୁ ଆସିଥା'ନ୍ତି। ଅନ୍ୟପକ୍ଷରେ ଐତିହାସିକ ବାଘାଯତୀନ ସ୍ମୃତିପୀଠକୁ ମଧ୍ୟ ଏହି ରାସ୍ତା ସଂଯୋଗ କରୁଛି। ପ୍ରତିଦିନ ଶହ ଶହ ସଂଖ୍ୟାରେ ଲୋକେ ବାଘାଯତୀନ ସ୍ମୃତିପୀଠକୁ ବୁଲିବାକୁ ଆସନ୍ତି। ମାତ୍ର ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ଚଷାଖଣ୍ଡ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଫଳରେ ବିଭିନ୍ନ ସମୟରେ ଏହି ରାସ୍ତାରେ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡ଼ି ଯିବା ପାଇଁ ନାନା ସମସ୍ୟା ଉପୁଜୁଛି। ବିଶେଷ କରି ସ୍କୁଲର ଛାତ୍ରଛାତ୍ରୀମାନେ ଯା'ଆସ କରିବାରେ ବହୁ କଷ୍ଟ ଅନୁଭବ କରୁଛନ୍ତି ବୋଲି ଗ୍ରାମବାସୀମାନେ କହିଛନ୍ତି। ବିଭିନ୍ନ ଆଳ ଦେଖାଇ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ନିର୍ମାଣ କରୁନଥିବା ବେଳେ ମରଣ ଯନ୍ତା ପାଲଟିଥିବା ଏହି ରାସ୍ତାର ଯନ୍ତ୍ରଣା ୫ ଗୋଟି ପଞ୍ଚାୟତ ପାଇଁ ଅସହ୍ୟ ହୋଇଛି। ପ୍ରଶାସନ ପକ୍ଷରୁ ଆସନ୍ତା ୧ ସପ୍ତାହ ମଧ୍ୟରେ ଏ ବାବଦରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ୧୨ ତାରିଖରେ ଗ୍ରାମାବାସୀମାନେ ଫୁଲାଡ଼ି ଛକ ନିକଟ ଏନଏଚ-୬୦କୁ ଅବରୋଧ କରିବେ ବୋଲି ଗ୍ରାମାବସୀମାନେ ଚେତାବନୀ ଦେଇଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଚଷାଖଣ୍ଡ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ସୀମା ବିବାଦ ମାମଲାରେ ରାଜ୍ୟପାଳଙ୍କୁ ଭେଟିଲେ ସୁରେଶ ପୂଜାରୀ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ପଡୋଶୀ ରାଜ୍ୟମାନଙ୍କ ସହିତ ସୀମା ବିବାଦର ।ସମାଧାନ ପାଇଁ ସରକାର ଆନ୍ତରିକତା ପ୍ରକାଶ କରୁନାହାନ୍ତି। ବରଗଡ ଜିଲ୍ଲାର ସୀମାନ୍ତ ଅଂଚଳରେ ଓଡିଶା ସରକାରଙ୍କ ପକ୍ଷରୁ ମୌଳିକ ସୁବିଧା ଯୋଗାଇ ଦିଆଯାଉନଥିବାରୁ ଲୋକମାନେ ଅତିଷ୍ଠ ହୋଇଗଲେଣି। ସେମାନେ ଛତିଶଗଡରେ ମିଶିବାକୁ ଚାହୁଁଛନ୍ତି। ଏସମ୍ପର୍କରେ ବିଜେପି ସାଂସଦ ସୁରେଶ ପୂଜାରୀ ସୋମବାର ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଙ୍କୁ ଭେଟି ଜଣାଇଛନ୍ତି। ସମ୍ପୃକ୍ତ ଅଂଚଳବାସୀଙ୍କୁ କିଭଳି ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଦେବାକୁ ଶ୍ରୀ ପୂଜାରୀ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି।

## ଆଜି ଓଇଆରସି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆସନ୍ତାକାଲି ଭୁବନେଶ୍ୱର ସ୍ଥିତ ଓଇଆରସି କାର୍ଯ୍ୟାଳୟ ଘେରାଉ କରାଯିବ। ପିସିସି ସଭାପତି ନିରଂଜନ ପଟ୍ଟନାୟକ ନେତୃତ୍ୱରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। କୋଭିଡ୍ ମହାମାରୀ ଯୋଗୁଁ ରାଜ୍ୟବାସୀଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଥିବା ବେଳେ ଏବଂ ଏହି ସମସ୍ୟାରୁ ଜନସାଧାରଣ ସଂପୂର୍ଣ୍ଣ ମୁକ୍ତ ହୋଇନଥିବା ବେଳେ ରାଜ୍ୟ ସରକାରଙ୍କର ୟୁନିଟ୍ ପିଛା ୩୦ ପଇସା ବିଦ୍ୟୁତ୍ ଦର ବୃଦ୍ଧି ଅତ୍ୟନ୍ତ ଅପରିଣାମଦର୍ଶୀତା ଓ ଉପଭୋକ୍ତାଙ୍କ ଉପରେ ଏକ ବୋଝ ସଦୃଶ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ କଂଗ୍ରେସ ଦଳ ଏହାକୁ କଦାପି ବରଦାସ୍ତ କରିବ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଫ୍ୟାମିଲି କୋର୍ଟରେ ହାଜର ହେଲେ ....

ପାଇଁ ଆବେଦନ କରିଥିଲେ । ଏହାପରେ ସ୍ୱାମୀ ଅନୁଭବଙ୍କ ବିରୁଦ୍ଧରେ ବର୍ଷା ଘରୋଇ ହିଂସା ଓ ବୈବାହିକ ଜୀବନକୁ ବଜାୟୀ ରଖିବାକୁ କଟକ ଏସଡିଜେଏମ କୋର୍ଟରେ ଦୁଇଟି ଆବେଦନ କରିଥିଲେ। ଏହାର କିଛି ଦିନ ପରେ ବର୍ଷା ପଟିଆଲା ହାଉସ କୋର୍ଟରେ ଅନୁଭବ ଦାୟର କରିଥିବା ଛାଡ଼ପତ୍ର ମାମଲାକୁ କଟକ ସ୍ଥାନାନ୍ତରିତ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଏହି ମାମଲାରେ ଶୁଣାଣି କରି ମାର୍ଚ୍ଚ ୫ ତାରିଖରେ ଏହି ମାମଲାକୁ କଟକ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନୁଭବଙ୍କ ପକ୍ଷରୁ ମଧ ସର୍ବୋଚ୍ଚ ନ୍ୟାୟାଳୟରେ ଜବାବ ଦାଖଲ ପିଟିସିନ ଦାୟର ହୋଇଥିଲା । ଏହି ପିଟିସିନରେ ସାଂସଦ ଉଲ୍ଲେଖ କରିଥିଲେ ଯେ, ସେ ଓ ତାଙ୍କ ପରିବାର ଏହି ମାମଲା ଯୋଗୁଁ ମାନସିକ ଅବସାଦ ମଧରେ ରହୁଛନ୍ତି। ଏହା ସହିତ ତାଙ୍କ ବାପାଙ୍କ ଦେହ ଖରାପ ରହୁଛି। ବର୍ଷା ତାଙ୍କ ମାନସମ୍ମାନକୁ ନଷ୍ଟ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏହି ମାମଲା ଯୋଗୁଁ ସେ ରାଜନେ ?ତିକ ସ୍ତରରେ ଆକ୍ରୋଶର ଶିକାର ହୋଉଥିବା କଥା ଉଲ୍ଲେଖ କରି ମାମଲାକୁ ତୁରନ୍ତ ଫୈସଲା ପାଇଁ ସୁପ୍ରିମକୋର୍ଟରେ ଦାୟର ନିଜ ପିଟିସନରେ କହିଥିଲେ । ଅନ୍ୟପଟେ, ଓଲିଉଡ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପ୍ରୋଟେକସନ ଅଫ ଓମେନ ଫ୍ରମ ଡୋମେଷ୍ଟିକ ଭାଓଲେନ୍ସ ଆକ୍ଟ ୨୦୦୫ର ଧାରା ୧୨,୧୭, ୧୮, ୧୯, ୨୦ ଓ ୨୨ ଅନୁସାରେ କଟକ ଏସଡିଜେଏମରେ ମକଦ୍ଦମା କରିଛନ୍ତି। ମକଦ୍ଦମାରେ ବର୍ଷା ନିଜ ସ୍ୱାମୀଙ୍କୁ ମଦ୍ୟପ ଓ ମଧୁମେହ ରୋଗୀ ବୋଲି ଦର୍ଶାଇଛନ୍ତି। ଆହୁରି ମଧ ଅଭିଯୋଗ ଆଣିଛନ୍ତି ଅନୁଭବ ଶୟନ କକ୍ଷରେ ମଦ୍ୟପ ସାଙ୍ଗମାନଙ୍କ ସହ ମିଶି ମଦ୍ୟପାନ କରିବା ସହ ବର୍ଷାଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇଥାନ୍ତି । ବିବାହ ପରେ ଅନୁଭବ ବର୍ଷାଙ୍କୁ ଅନ୍ୟ କାହା ସିନେମାରେ ଅଭିନୟ କରିବାର ସୁଯୋଗ ଦେଇ ନାହାଁନ୍ତି। ଅନୁଭବଙ୍କ ସହ କରିଥିବା ସିନେମାରେ ବର୍ଷାଙ୍କୁ ପାରିଶ୍ରମିକ ମଧ ମିଳି ନ ଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି । ସେହିପରି ବିବାହକୁ ସ୍ଥାୟୀ କରିବା ଓ ଅନୁଭବ ମହାନ୍ତି ଅନ୍ୟଜଣେ ମହିଳାଙ୍କ ସହ ରହୁଥିବା ଅଭିଯୋଗ କରି କଟକ ପରିବାର ଅଦାଲତରେ ମାମଲା ଦାୟର କରିଥିଲେ। ଦୁଇଟି ଯାକ ମାମଲା ଆପୋଷ ସମାଧାନ ପାଇଁ ମଧ୍ୟସ୍ଥତା କେନ୍ଦ୍ରକୁ ଯାଇଛି । ହେଲେ ସେଥିରେ ସୁଫଳ ମିଳିନାହିଁ । ସେପଟେ, ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶରେ ଅନୁଭବ ଦାୟର କରିଥିବା ଛାଡ଼ପତ୍ର ମାମଲାର ଅତିଶୀଘ୍ର ଶୁଣାଣି କରିବା ସହିତ ଶୁଣାଣି ସମୟରେ ଉଭୟ ବର୍ଷା ଓ ଅନୁଭବ କଟକ ପରିବାର ଅଦାଲତରେ ହାଜର ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ୧୫ ଦିନ ମଧରେ ମାମଲାଟିକୁ ବିଚାରପାଇଁ ତାଲିକାଭୁକ୍ତ କରିବା ପାଇଁ ମଧ କହିଥିଲେ ସର୍ବୋଚ୍ଚ ଅଦାଲତ। କଟକ ପରିବାର ଅଦାଲତ ଆଜି ଠାରୁ ଏହି ବହୁଚର୍ଚ୍ଚିତ ବିବାହ ବିଚ୍ଛେଦ ମାମଲାର ଶୁଣାଣି ଆରମ୍ଭ କରିବେ।

### ମାଓବାଦୀଙ୍କ କବଳରେ....

ରକ୍ତର ହୋଲି ଖେଳିବା ପାଇଁ ଛତିଶଗଡ଼ ବିଜାପୁର ଜୋନାଗୁଡା ଜଙ୍ଗଲରେ ଲାଲୁଖା ନକ୍ସଲ ବିଛାଇଥିବା ଜାଲରେ ଫଶି ଯାଇଛନ୍ତି ସିଆରପିଏଫ ଯବାନ ରାକେଶୋର ସିଂ ମନହସ । ମାଓବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଥିବା ସ୍ଥାନରୁ ୨୨ ଜଣ ଯବାନଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ନିଖୋଜ୍ ଯବାନଙ୍କ ପତା ମିଳିଛି । ମାଓବାଦୀମାନେ ଯବାନଙ୍କୁ କାବୁ କରି ନେଇଥିବା ନେଇ ନିଜ ଆଡୁ ସ୍ଥାନୀୟ ସାମ୍ବାଦିକ ରାଜା ରାଠୋରଙ୍କୁ ସୂଚନା ଦେଇଛନ୍ତି । ଆଉ ଏସବୁ ଭିତରେ ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ସମସ୍ତଙ୍କୁ ସ୍ତବ୍ଧ କରିଦେଉଛି ।ଆଖି ଆଗରେ ସହିଦ ଯବାନଙ୍କ ମୃତଦେହ ଦେଖି, ନିଜକୁ ସମ୍ଭାଳି ପାରୁନାହାଁନ୍ତି ପରିବାର ଓ ସମ୍ପର୍କୀୟ । ଏହି ଚିତ୍ର ଦେଖିଲେ ମନରେ ପ୍ରଶ୍ନ ଆସୁଛି- ଏଠି ଶତ୍ରୁ କିଏ ଏବଂ କାହା ସହ ହେଉଥିଲା ଯୁଦ୍ଧ । ଏପଟେ ମାଓବାଦୀଙ୍କ କବଜାରେ ଥିବା ଯବାନଙ୍କୁ ସୁରକ୍ଷିତ ଆଣିବା ପାଇଁ ଦାବି କରିଛନ୍ତି ସମ୍ପର୍କୀୟ । ଛତିଶଗଡ଼ର ଜୋନାଗୁଡ଼ା ଜଙ୍ଗଲରେ ୪୦୦ରୁ ଅଧିକ ମାଓବାଦୀ ଏକାଠି ହୋଇଥିବା ଖବର ପାଇ ଯବାନ ଆରମ୍ଭ କରିଥିଲେ ମିଳିତ ଅପରେସନ୍ । ୧୫ଶହରୁ ଅଧିକ ଯବାନ ଚାରିପଟୁ ଘେରି ମାଓବାଦୀଙ୍କୁ କାବୁ କରିବାକୁ ପ୍ରସ୍ତୁତ କରିଥିଲେ ବ୍ଲୁ-ପ୍ରିଂଟ । ହେଲେ ଯବାନଙ୍କ ଅପରେସନ୍ ପୂର୍ବରୁ ପ୍ରସ୍ତୁତ ଥିଲେ ମାଓବାଦୀ । ପ୍ରାୟ ୪ରୁ ୫ ଘଂଟା ପର୍ଯ୍ୟନ୍ତ ଚାଲିଥିଲା ଉଭୟ ପଟୁ ଗୁଳିମାଡ । ଗୁଳି ମାଡ଼ରେ ୨୨ ଯବାନ ସହିଦ ହୋଇଥିବା ବେଳେ ୩୦ ଯବାନ ଆହତ ହୋଇଥିଲେ ।

### ପଶ୍ଚିମବଙ୍ଗରେ ଦଳୀୟ ପ୍ରାର୍ଥୀଙ୍କ .....

ଶ୍ରୀ ପ୍ରଧାନ କହିଛନ୍ତି ଯେ ସାମୁଦ୍ରିକ ଅର୍ଥନୀତି ସହ ପଶ୍ଚିମବଙ୍ଗ ବିଭିନ୍ନ କ୍ଷେତ୍ରେର ଆଗୁଆ ରହିଛି। ଏଠାକାର ଲୋକମାନେ ବୌଦ୍ଧିକ କ୍ଷମତା ଦୃଷ୍ଟିରୁ ତୀକ୍ଷ୍ଣ । ଏହି ଆଲୋଚନାକାଳରେ ଶ୍ରୀ ପ୍ରଧାନ ଓଡ଼ିଶା, ପଶ୍ଚିମବଙ୍ଗ ସମେତ ପୂର୍ବ ଭାରତର ଅର୍ଥନୀତି ଉପେର ମଧ ଆଲୋକପାତ କରିଥଲେ। ସେ କହିଛନ୍ତି ଯେ ପୂର୍ବ ଭାରତକୁ ଦେଶର ଜ୍ଞାନ ଆଧାରିତ ଅର୍ଥନୀତି ଭାବରେ ପୁନଃପ୍ରତିଷ୍ଠା କରିବା ପାଇଁ ଯୋଜନା ରହିଛି । ଏ ଦିଗରେ ଏହି ଅଂଚଳର ସାମଗ୍ରିକ ବିକାଶକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ପୂର୍ବଭାରତ ବିନା ସମଗ୍ର ଭାରତର ବିକାଶ ଅସମ୍ଭବ । ସେହିପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଖଣିଜ କ୍ଷେତ୍ରରେ ନୀତି ସଂସ୍କାଣ ଅଣାଯାଇଛି । ଓଡିଶା, ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ ଭଳି ରାଜ୍ୟ ଏହାର ଉଦାହରଣ। ଅପରପକ୍ଷେର ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଆବାସ ଯୋଜନାରେ ଘର, ଉଜ୍ଜଳା ଯୋଜନାରେ ଗ୍ୟାସ, ସୌଭାଗ୍ୟ ଯୋଜନରେ ବିଦ୍ୟୁତ୍, ଜନଧନ ଆକାଉଂଟରେ ମହିଳାଙ୍କୁ ଆର୍ଥିକ ସହେଯାଗ ପ୍ରଭୃତି ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣୀ ଯୋଜନାର ପୂର୍ବ ଭାରତ ଆଜି ଅଧିକ ଲାଭାର୍ଥୀ ହୋଇଛନ୍ତି ବୋଲି ସେ କହିଛନ୍ତି ।

### ସିବିଆଇ ଯାଂଚ ନିର୍ଦ୍ଦେଶ ....

କହିରଖୁ କି ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂ ଅନୀଲଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ କି ଅନୀଲ ତାଙ୍କୁ ପ୍ରତିମାସ ୧୦୦ କୋଟି ଟଙ୍କା ଚାନ୍ଦା ଆଦାୟ କରିବାକୁ ଚାପ ପକାଉଥିଲେ । ଏନେଇ ପରମବୀର ସିଂ ହାଇକୋର୍ଟରେ ମାମଲା ଦାୟର କରିଥିଲେ । ଏହି ମାମଲାର ଶୁଣାଣି କରି ବମ୍ବେ ହାଇକୋର୍ଟ ଆଜି ପ୍ରାଥମିକ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପଟେ ଏଠି ପ୍ରଶ୍ନ ଉଠୁଛି କି ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି ନା ଚାପରେ ପଡି ଇସ୍ତଫା ଦେଇଛନ୍ତି । ଅନୀଲଙ୍କ ଇସ୍ତଫା ପରେ ମହାରାଷ୍ଟ୍ର ସରକାର ତିଷ୍ଠି ରହିବା ନେଇ ସନ୍ଦେହ ପ୍ରକାଶ ପାଇଛି । କାରଣ କଂଗ୍ରେସ, ଏନସିପି ଓ ଶିବସେନାର ମିଳିତ ଗଠବନ୍ଧନରେ ମହାରାଷ୍ଟ୍ରର ସରକାର ଗଠନ ହୋଇଥିଲା । ଅନୀଲଙ୍କ ନାମରେ ଏଭଳି ଅଭିଯୋଗ ଆଶିବା ପରେ କଂଗ୍ରେସ ଅନୀଲଙ୍କ ବିରୋଧରେ ଥିଲା ।

## କବି ହରନାରାୟଣ ମିଶ୍ରଙ୍କ ଲିଖିତ ପୁସ୍ତକ "ଶୁଭାନୁରାଗ" ଉନ୍ମୋଚିତ



ବାରିପଦା,୦୫/୦୪ (ନି.ପ୍ର): ମୟୂରଭଞ୍ଜର ବହୁ ପ୍ରତିଷ୍ଠିତ ସାରସ୍ୱତସାଧକ ହର ନାରାୟଣ ମିଶ୍ରଙ୍କର ଚିତକବିତା "ଶୁଭାନୁରାଗ" ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧରଣୀଧର ପାତ୍ରମୁଖ୍ୟ ଅତିଥି ଭାବେଯୋଗଦେଇ ପୁସ୍ତକଟି ଉନ୍ମୋଚନ କରିବାସହ ପରିଣତ ବୟସରେ କବିଙ୍କରଏହିମହନୀୟ ଉଦ୍ୟମର ପ୍ରସଂଶାକରିଥିଲେ । ମୟୂରଭଞ୍ଜ ସାହିତ୍ୟଏ କାଡେମୀର ସଭାପତି ଡ. ସରୋଜକୁମାର ନାୟକଙ୍କ ସଭାପତିତ୍ୱରେ ଅଣୁଷ୍ଠିତ ଏହିଉନ୍ମୋଚନ ସଭାରେ ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଜିତ ପାତ୍ର, ସମ୍ମାନିତ ଅତିଥିଭାବେ ବାରିପଦା ଗୋପବନ୍ଧୁ ସାହିତ୍ୟସଂସଦ ସମ୍ପାଦକ ଅମିତାଭ ମିଶ୍ର ଡ. ଯୁବଗବେଷକ ଡ. ସଞ୍ଜୀବକୁମାର ପାଣିଗ୍ରାହୀ ଯୋଗଦେଇ "ଶୁଭାନୁରାଗ" ପୁସ୍ତକଟି ଓଡିଆସାହିତ୍ୟ ଦିଗରେ ଏକ ମାଇଲଖୁଣ୍ଟ ହୋଇ ରହିବ ବୋଲି କହିଥିଲେ। "ଶୁଭାନୁରାଗ" ପୁସ୍ତକଟି ଲେଖକଙ୍କର ଲେଖନୀର ପଦଯାତ୍ରା ସିରିଜ୍‌ର ୧୧ଶ ସଂସ୍କରଣ ହୋଇଥିବାବେଳେ ଅଦ୍ୟାବଧି କବିମିଶ୍ରଙ୍କର ୨୧ଟି ପୁସ୍ତକ ପ୍ରକାଶିତ ହୋଇଛି । ଶିକ୍ଷକ ରାଜୀବ ଲୋଚନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୁବନେଶ୍ୱରରୁ ୭୫ କରୋନା ପଜିଟିଭ୍

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ସୋମବାର ଦିନ ୭୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୨ ଲୋକାଲ କେସ୍ ଥିବା ବେଳେ ୧୩ କ୍ୱାରେଂଟାଇନରୁ ରହିଛନ୍ତି। ସେହିପରି ଆଜି ୧୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ଟ୍ୱିଟ୍ କରି ସୂଚନା ଦେଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ବିଏମ୍‌ସି ଅଂଚଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୨୭୩୧କୁ ବୃଦ୍ଧି ପାଇଛି। ୨୫୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୧୯୭୩ ଜଣ ଆରୋଗ୍ୟ ହୋଇସାରିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ମୋଟ୍ ଆକ୍ଟିଭ କେସ୍ ସଂଖ୍ୟା ୪୮୭କୁ ବୃଦ୍ଧି ପାଇଛି। ସୋମବାର ଚିହ୍ନଟ ୬୨ଲୋକାଲ କେସ୍ ମଧ୍ୟରୁ ନୟାପଲ୍ଲୀରୁ ୮ ଜଣ, ଖଣ୍ଡଗିରିରୁ ୭ ଜଣ , ରସୁଲଗଡ଼ରୁ ୪ ଓଲ୍ଡ ଟାଉନ୍ , ସୁନ୍ଦରପଦା ଓ ୟୁନିଟ୍ ୮ ରୁ ୩ ଜଣ ଲେଖାଏଁ , ଭୀମଟାଙ୍ଗୀ, ଗୌତମ ନଗର, ହଂସପାଳ, ପଟିଆ, ସତ୍ୟନଗର ଓ ସାମନ୍ତରାପୁରରୁ ୨ ଜଣ ଲେଖାଏଁ ଏବଂ ଆଇଗିଣିଆ, ବଡଗଡ, ବରମୁଣ୍ଡା, ବମିଖାଲ, ଚନ୍ଦ୍ରଶେଖରପୁ, ଗଜପତିନଗର, ଜାଗମରା, ଜୟଦେବବିହାର, କଳିଙ୍ଗନଗର, କଞ୍ଚନା, ଲକ୍ଷ୍ମୀସାଗର, ଲୁଇସ୍ ରୋଡ୍, ମଂଚେଶ୍ୱର , ମାଷ୍ଟରକ୍ୟାଂଟିନ୍, ନିଳାଦ୍ରିବିହାର, ପଳାଶୁଣି, ପୋଖରୀପୁଟ, ଶହୀଦନଗର, ଶୈଳଶ୍ରୀବିହାର, ଶିଶୁଭବନ ଛକ ଓ ୟୁନିଟ୍ ୨ ରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୩ ଜଣ ଆକ୍ରାନ୍ତ ରହିଛନ୍ତି।

## ନିୟମିତ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଇରା,୦୫/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ନୂତନ ଭାବେ ନିୟମିତ ହୋଇଥିବା ୪୮ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଖଇରା ହାଇସ୍କୁଲ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଂଘର ସଭାପତି ଲମ୍ବୋଦର ଦାସ ପୌରହିତ୍ୟ କରିଥିଲେ । ସମ୍ପାଦକ ସୁଦର୍ଶନ ସେଠୀ ବିବରଣୀ ପାଠ କରିଥିଲେ। ସୋର ସଂଘର ସଭାପତି ମଧୁସୁଦନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂଘ କେମିତି ଆଗକୁ ବଢିବ ସେଥିଲାଗି ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଶିକ୍ଷକ ନେତା ରଞ୍ଜବ ମହଲା, ସନ୍ତୋଷ ଦକ୍ଷିଣରାୟ, ଉଦୟ ନାରାୟଣ ପାତ୍ର, ଭରତ ଚନ୍ଦ୍ର ଶିଆଳ, ଦୁର୍ଗାମାଧବ ଓଝା,ସୁଶାନ୍ତ କୁମାର ମହାପାତ୍ର, ପ୍ରଦୀପ କୁମାର ମହାନ୍ତି, ଅଶେଷ କୁମାର ଜେନା, ଭୀମସେନ ନାୟକ, ଚିତ୍ତରଞ୍ଜନ ଜେନା, କେଦାରନାଥ ସାମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

## ପାରାଦୀପ ବନ୍ଦରରେ ୫୮ତମ ଜାତୀୟ ସାମୁଦ୍ରିକ ଦିବସ ପାଳିତ




ପାରାଦୀପ,୦୫/୦୪ (ନି.ପ୍ର): ଏପ୍ରିଲ ୫ତାରିଖି ଜାତୀୟ ସାମୁଦ୍ରୀକ ଦିବସ(ନ୍ୟାସନାଲ ମେରିଟାଇମ୍ ଡେ) ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ଦ୍ୱାରା ୫୮ତମ ଜାତୀୟ ସାମୁଦ୍ରୀକ ଦିବସ ସମସ୍ତ କୋଭିଡ୍-୧୯ ନିୟମ ଅନୁଶୀଳନ ପୂର୍ବକ ନିରାଡମ୍ବର ସହ ସୋମବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପାରାଦୀପ ବନ୍ଦର ମ୍ରେଇନ୍ ସାଇଟ୍ ଅଫିସସ୍ଥିତ ଓ୍ୱେଟ ବେସିନ୍ ନିକଟରେ ଏକ କାର୍ଯ୍ୟକ୍ରମର ଅୟୋଜନ କରାଯାଇଥିଲା । ଏହି ଅବସରରେ ବନ୍ଦରର ପୂର୍ବତନ ଅଧକ୍ଷ ତଥା ଇଷ୍ଟକୋଷ୍ଟ ରେଲୱେର ସିଓଏମ୍ ରିଙ୍କେଶ ରଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ସାମୁଦ୍ରୀକ ଦିବସ ପତାକା ଉତ୍ତୋଳନ କରିଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶ୍ରୀ ରଏ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ଓ ଭବିଷ୍ୟତ ସମ୍ବନ୍ଧରେ କହିବା ସହିତ ଏହା ଏକ ବିଶ୍ୱସ୍ତରୀୟ ବନ୍ଦର ଆଡକୁ ଅଗ୍ରସର ହେଉଥିବା ସୁଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ପାରାଦୀପ ବନ୍ଦର ଚଳିତ ଅର୍ଥିକ ବର୍ଷରେ ୧୧୪.୫୫ ଏମ୍ଏମ୍‌ଟି ସର୍ବୋଚ୍ଚ ପଣ୍ୟ କାରବାର କରି ରେକର୍ଡ କରିବା ସହିତ ଆଗାମୀ ଦିନରେ ପାରାଦୀପ ଭାରତର ଏକ ନମ୍ବର ବନ୍ଦର ଦିଗକୁ ଅଗ୍ରସର ହେଉଥିବା କହିଥିଲେ। ଏଥିପାଇଁ ସେ ବନ୍ଦରର କର୍ମଚାରୀଙ୍କ ସମେତ ସମସ୍ତ ସହଯୋଗକାରୀ ମାନଙ୍କ ଉଦ୍ୟମକୁ ପ୍ରସଂଶା କରିଥିଲେ । ଏହି ଉତ୍ସବରେ ଭାରତୀୟ ସାମୁଦ୍ରୀକ ଶିକ୍ଷରେ ଆଇଏଏମ୍ଏ ସୁରକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ କ୍ୟାପ୍ଟେନ ଅଶୋକ ମହାପାତ୍ରଙ୍କ ସେବା ଓ ଅତୁଳନୀୟ ଅବଦାନ ପାଇଁ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ହେଭିଙ୍ଗ ଲାଇନ୍ ଥ୍ରୋ ଏବଂ ଦୌଡି ଚଢିବା ପତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦର ଡେପୁ୍ୟଟି କନଜରଭେଟର କ୍ୟାପ୍ଟେନ ଏ.କେ.ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ହାରବର ମାଷ୍ଟର କ୍ୟପ୍ଟେନ ଏ.ସି.ସାହୁ ସ୍ୱାଗତ ଭାଷଣ ଦେଇଥିଲେ ।

## ଓଡ଼ିଆ ସଂସ୍କୃତି ବିଶ୍ୱାୟନର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ : ବାଚସ୍ପତି

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ସଂସ୍କୃତି ବିଶ୍ୱାୟନର ପ୍ରତୀକ, ତାଙ୍କ ଦ୍ୱାରା ଓଡ଼ିଆ ସଂସ୍କୃତି ଓ ଦର୍ଶନ ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହୋଇ ପାରିଛି ବୋଲି 'ବିଶ୍ୱ ଓଡ଼ିଶା' ର ସପ୍ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। 'ବିଶ୍ୱ ଓଡ଼ିଶା' ର ସଭାପତି ଭାବରେ ସେ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଆହୁରି କହିଲେ ଯେ, ବିଶ୍ୱବ୍ୟାପୀ ଓଡ଼ିଆଙ୍କ ମଧ୍ୟରେ ସମନ୍ୱୟ ରଖି ଓଡ଼ିଶା ବିକାଶର ନୂଆ ନକ୍ସା ଆଙ୍କାଯାଇ ପାରିବ। 'ବିଶ୍ୱ ଓଡ଼ିଶା' ଏହାର ପରିକଳ୍ପନା କରିଥିବାରୁ କର୍ମକର୍ତାମାନେ ଧନ୍ୟବାଦର ପାତ୍ର। ଓଡ଼ିଶା ମୋ ପରିବାରର ଅଧକ୍ଷ ଅରୁପ ପଟ୍ଟନାୟକ 'ଓଡ଼ିଶା ମୋ ପରିବାର, ଉପଲବ୍ଧି ଓ ଆହ୍ୱାନ' ପ୍ରସଙ୍ଗରେ ଆଲୋଚନା କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ 'ଓଡ଼ିଶାର ସର୍ବଭାରତୀୟ ପରିଚୟ' ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, ଓଡ଼ିଆ ଭାଷା ପ୍ରତି ଓଡ଼ିଆଙ୍କ ଆଦର କମୁଥିବା ବେଳେ ଅନ୍ୟରଭାଷା ସଂସ୍କୃତି ପ୍ରତି ଓଡ଼ିଆଙ୍କ ଆଗ୍ରହ ବଢୁଛି, ଯାହାକି ବିଡ଼ମ୍ବନାର ବିଷୟ । ପୂର୍ବତନ ମନ୍ତ୍ରୀ ଭଜମନ ବେହେରା ଓଡ଼ିଆ ଭାଷା, ସଂସ୍କୃତି, ଖାଦ୍ୟ ପାନୀୟ, କଳା ସାହିତ୍ୟ ବିଶ୍ୱ ଦରବାରରେ ପ୍ରସାର ପ୍ରଚାର କରିବାର ସମୟ ଆସିଛି ବୋଲି କହିଥିଲେ । ସେହିପରି ରାଜ୍ୟ ପ୍ରବକ୍ତା ଭରଦ୍ୱାଜ ମିଶ୍ର 'ଓଡ଼ିଶା ଓ ବିଶ୍ୱ', ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ 'ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ, ସମ୍ଭାବନା ଓ ସମସ୍ୟା', ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ମଲିକ' ଓଡ଼ିଆ ସାହିତ୍ୟ ବନାମ ବିଶ୍ୱ ସାହିତ୍ୟ', ଭାଷା ସଂଗ୍ରାମୀ ଶଙ୍କର ପରିଡ଼ା 'ଓଡ଼ିଶାର ଭାଷା ଓ ଭୌଗୋଳିକ ସଙ୍କଟ' ପ୍ରସଙ୍ଗରେ ଆଲୋଚନା କରିଥିଲେ।'ଓଡ଼ିଆ ସାଂସ୍କୃତିକ ପରିଚୟ ସଙ୍କଟ' ବିଷୟରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାସ, 'ଓଡ଼ିଆ ଭାଷା ଓ ଶିକ୍ଷା' ପ୍ରସଙ୍ଗରେ ଅଧାପିକା ଡ. ପ୍ରତିଭା ମହାରଥୀ, 'ଓଡ଼ିଆ ଶିକ୍ଷା ପଦ୍ଧତି ଏକ ଆହ୍ୱାନ' ପ୍ରସଙ୍ଗରେ ଅଧାପକ ତାରା ପ୍ରସନ୍ନ ଶତପଥୀ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ବିଜୁବାବୁ ବିଶେଷାଙ୍କ 'ଶତାବ୍ଦୀ ଭୂମିପୁତ୍ର'କୁ ଉନ୍ମୋଚନ କରାଯାଇଥିବାବେଳେ ଅନୁଷ୍ଠାନ ର ଓ୍ୱେବସାଇଟକୁ ବାଚସ୍ପତି ଲୋକାର୍ପଣ କରିଥିଲେ । ସପ୍ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ୭ ଜଣ ସାହିତ୍ୟ ସଂସ୍କୃତି ପ୍ରତିଭା ଓ ୭ ଜଣ ଶିକ୍ଷା ଓ ସମାଜସେବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା । ମେଧାବିନୀ ଛାତ୍ରୀ ସ୍ୱାଗତିକା ପଣ୍ଡାଙ୍କୁ ବାହରିନରେ ଅବସ୍ଥାପିତ ବିଶ୍ୱ ଓଡ଼ିଶା ବିଶ୍ୱ ପରିଷଦର ଅଧକ୍ଷ ତଥା ସଦ୍ଭାବନା ରାଷ୍ଟ୍ରଦୂତ ଡ. ଅରୁଣ କୁମାର ପ୍ରହରାଜଙ୍କ ସୌଜନ୍ୟରୁ ଡ. ତ୍ରୈଲୋକ୍ୟନାଥ ପ୍ରହରାଜ ସ୍ମାରକୀ ଶିକ୍ଷାବୃତି ପ୍ରଦାନ କରାଯାଇଥିବା ବେଳେ କବି କାଳୀ ଚରଣ ତ୍ରିପାଠୀ, ନୃସିଂହାନନ୍ଦ ମହାପାତ୍ର, ଅଜୟ କୁମାର ପଣ୍ଡା, ସୂର୍ଯ୍ୟକାନ୍ତି ବାରିକଙ୍କୁ ବିଶ୍ୱ ଓଡ଼ିଶା ସାହିତ୍ୟ ସମ୍ମାନ, ଯୁବଗୀତିକାର ଲଳିତ ନାରାୟଣ ରଥ, ନିର୍ଦ୍ଦେଶକ ଅଶୋକ ଗଣ୍ଡିଆ, କଳାକାର ବୀରେନ୍ଦ୍ର ଜେନାଙ୍କୁ ସଂସ୍କୃତି ସମ୍ମାନ, ଦୟାନିଧି ପଣ୍ଡାଙ୍କୁ ସୁବକ୍ତା ସମ୍ମାନ, ଡ. ମାୟାଧର ବେହେରା, ସ୍ନେହଲତା ମିଶ୍ରଙ୍କୁ ସମାଜସେବା ସମ୍ମାନ, ସ୍ୱର୍ଣ୍ଣଲତା ରାଉତ, ଅନିମା ପରିଡାଙ୍କୁ ଶିକ୍ଷା ଗୌରବ ସମ୍ମାନ ଏବଂ ଇଂ. ଦେବସ୍ମିତା ସାହୁଙ୍କୁ ଯୁବ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ଅପରାହ୍ଣରେ ବିଜୟଲକ୍ଷ୍ମୀ ସାହୁ, ରଶ୍ମିତା ରାଉତ, ବାମଦେବ ସ୍ୱାଇଁ, ଡ. ମାନସୀ କରଙ୍କ ସଂଯୋଜନାରେ ଓଡ଼ିଆ ଦେଶାତ୍ମବୋଧକ କବିତା ଆସର ଅନୁଷ୍ଠିତ ହୋଇଥିଲା ।

## ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ-୧ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ



ବାରିପଦା,୦୫/୦୪ (ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ-୧ ତରଫରୁ ଶିକ୍ଷା କ୍ଷେତ୍ରରେ ନେଇଥିବା ଏକ ଐତିହାସିକ ଓ ସଂସ୍କାର ମୂଳକ ପଦକ୍ଷେପ ଯୋଗୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଅଛି । ରାଜ୍ୟ ସରକାରଙ୍କ ଅଧିନରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ଡାକ୍ତରୀ ଓ ଇଂଜିନିୟରିଂ ଭଳି ଉଚ୍ଚ ଶିକ୍ଷା କ୍ଷେତ୍ରରେ ୧୫% ସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଏହି ଖବର ଯୋଗୁଁ ସମଗ୍ର ରାଜ୍ୟ ତଥା ମୟୂରଭଞ୍ଜ ଜିଲ୍ଲାର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଖୁସିର ଲୋହରି ଖେଳିଯିବା ସହ ମନରେ ନୂତନ ଆଶା ସଂଚର କରିଛି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ନିଷ୍ପତି ଯୋଗୁଁ ସାରା ରାଜ୍ୟରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ର ଛାତ୍ରୀ ଉପକୃତ ହେବା ସହ ସମଗ୍ର ଦେଶରେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଏହା ଏକ ଅନୁକରଣ ଉପଯୋଗି ବ୍ୟବସ୍ଥା ବୋଲି ମୟୂରଭଞ୍ଜ-୧ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ଶ୍ରୀଯୁକ୍ତ ସୁନିଲ କୁମାର ନାୟକ ଏହି କାର୍ଯ୍ୟକ୍ରମ ଶେଷରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ସହର ସଭାପତି-ଶ୍ରୀ କାମିନି କାନ୍ତ ପରିଡା, କାର୍ଯ୍ୟକାରୀ ସଭାପତି-ଅବିନାଶ ବେହେରା, ପୂର୍ବତନ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱ ବିଦ୍ୟାଳୟ-ଶ୍ରୀ ସଙ୍କରଷଣ ପଣ୍ଡା, ପୂର୍ବତନ ସଭାପତି-ଏମ.ପି.ସି. ସ୍ୱୟଂ ଶାସିତ ମହାବିଦ୍ୟାଳୟ-ଆଭାସ ଦେ, ଉପ-ସଭାପତି ଶ୍ରୀ ସୁଭଜିତ ପାଣି, ଅକ୍ଷୟ ସିଂ, ରବିନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ-ପଙ୍କଜ ବେହେରା, ତରୁଣ ନାଏକ, ବିକାଶ ବାରିକ୍, ସମ୍ପାଦକ-ସଂଜିବ ପୁର୍ତ୍ତୀ, ବିଶ୍ୱଜିତ୍ ସାହା, ସଂଜିବ ପରିଡା ବାରିପଦା ବ୍ଲକ ସଭାପତି-ଭିଷ୍ମ ମହାନ୍ତ, ମିଡିଆ ସଂଯୋଜକ-ରିଙ୍କୁ ଦାସ, ଅଭିଶେକ ଖିଲାର, ମାନସ ଗଚ୍ଛାୟତ, ଅନ୍ୱେସିତା ତ୍ରିପାଠୀ, ସିବରଞ୍ଜନ ଖଟୁଆ, ରାଜା ବିକ୍ରମାଦିତ୍ୟ, ବିଷ୍ଣୟ କୁମାର ମହାନ୍ତ, ରବିନ ପାତ୍ର, ଦିପାମଣି ସିଂ ଓ ତଫାନ ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି



## ପିପିଲି ନିର୍ବାଚନ ମଣ୍ଡଳୀରେ ରାଷ୍ଟ୍ରୀୟ ପ୍ରବକ୍ତା ଡ଼.ସମ୍ବିତ ପାତ୍ରଙ୍କ ପ୍ରଚାର

ପିପିଲି/ଭୁବନେଶ୍ୱର,୦୫/୦୪ (ନି.ପ୍ର): ଗତ ୨୦୧୯ ଫନିବାତ୍ୟାରେ ପୁରୀ ଜିଲ୍ଲାର ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ବାତ୍ୟା ପୂର୍ବରୁ ଏବଂ ପରେ କେନ୍ଦ୍ରରୁ ମୋଦି ସରକାର ପ୍ରଚୁର ମାତ୍ରାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଫନି ବାତ୍ୟାକୁ ୨ ବର୍ଷ ବିତିଲା ପରେ ମଧ୍ୟ ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ ସହାୟତା ନପହଂଚିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଷ୍ଟ୍ରୀୟ ପ୍ରବକ୍ତା ଡ଼. ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି । ଡ଼. ସମ୍ବିତ ପାତ୍ର ଯଶୁଆପୁର ଏବଂ ବୀରପୁରୁଷୋତମପୁର ଗ୍ରାମ ପଂଚାୟତରେ ବିଭିନ୍ନ ଗ୍ରାମକୁ ଯାଇ ଦଳୀୟ ସମର୍ଥକଙ୍କ ଗହଣରେ ପଥପ୍ରାନ୍ତ ସଭା କରିବା ସହ ସାଧାରଣ ଜନତା, ମା' ଭଉଣୀମାନଙ୍କୁ ଭେଟି ଦଳୀୟ ପ୍ରାର୍ଥୀ ଶ୍ରୀ ଆଶ୍ରିତ ପଟ୍ଟନାୟକଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ । ଡ. ପାତ୍ର କହିଛନ୍ତି ଯେ, ନିର୍ବାଚନ ଆସିବ ଏବଂ ଯିବ । କିନ୍ତୁ ଗରିବ ଲୋକଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ କରାଯିବା ଅତ୍ୟନ୍ତ ଲଜ୍ଜାଜନକ । ୩୫ ବର୍ଷ ଧରି ବିଜେଡିର ସ୍ଥାନୀୟ ନେତା ଲୋକପ୍ରତିନିଧି ଥିବା ସତ୍ୱେ ଗ୍ରାମାଂଚଳର ବିକାଶ ହୋଇନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଶାସକ ବିଜେଡିର ଆନ୍ତରିକତା ଅଭାବର ପ୍ରମାଣ । ଗରିବଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରରୁ ଆସୁଥିବା ପ୍ରଚୁର ପରିମାଣ ଅର୍ଥ କାହିଁକି ଦିଆଯାଉ ନାହିଁ ବୋଲି ପ୍ରଶ୍ନ କରିବା ସହ ବାଟମାରଣା ଓ ଦୁର୍ନୀତି ହିଁ ମୁଖ୍ୟ କାରଣ ବୋଲିଡ. ପାତ୍ର କହିଛନ୍ତି ।ଏହି ଦୁର୍ନିତୀରେ ସ୍ଥାନୀୟ ଲୋକ ପ୍ରତିନିଧି ଏବଂଶାସକ ବିଜେଡ଼ିର ପ୍ରମୁଖ ଭୂମିକା ରହିଛି । ପିସି କାରବାର କାରଣରୁ ଏହି ଅଂଚଳରେ ବିକାଶ କାର୍ଯ୍ୟ ହୋଇପାରୁ ନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଶୌଚାଳୟ ନିର୍ମାଣ, ରାସ୍ତା-ଘାଟ ନିର୍ମାଣ ଆଦିରେ ବ୍ୟାପକ ମାତ୍ରାରେ ପିସି କାରବାର ହେଉଛି । ପିପିଲି-ଡ଼େଲାଙ୍ଗବାସୀ ହିଂସା ରାଜନୀତିକୁ ପରିତ୍ୟାଗ କରି ବିକାଶର ରାଜନୀତିରେ ସାମିଲ ହେବା ପାଇଁ ନିଷ୍ପତି କରିସାରିଛନ୍ତି । ଆଗାମୀ ପିପିଲି ଉପ ନିର୍ବାଚନ ପରିବର୍ତ୍ତନର ସ୍ୱର ହେବ ବୋଲି ଶ୍ରୀ ପାତ୍ର କହିଛନ୍ତି ।

# ୨୮ରେ ଜିଲ୍ଲା ପରିଷଦ ଉପ-ନିର୍ବାଚନ
## ୨ ଆସନ ପାଇଁ ୭ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ



ବାଲେଶ୍ୱର,୦୫/୦୪ (ନି.ପ୍ର): ଆସନ୍ତା ୨୮ ତାରିଖରେ ହେବାକୁ ଯାଉଥିବା ଜିଲା ପରିଷଦ ଉପ-ନିର୍ବାଚନ ପାଇଁ ବାଲେଶ୍ୱରର ଦୁଇଗୋଟି ଆସନରେ ୭ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ବସ୍ତା ବ୍ଲକ ଅନ୍ତର୍ଗତ ୧୫ ନମ୍ବର ଜିଲା ପରିଷଦର ଜୋନର ତ୍ରିଲୋଚନ ବେହେରା ଓ ଭୋଗରାଇ ବ୍ଲକ ଅନ୍ତର୍ଗତ ୩୪ ନମ୍ବର ଜୋନର ନିର୍ବାଚିତ ସଦସ୍ୟ ସର୍ବେଶ୍ୱର ନାୟକ ମୃତ୍ୟୁରେ ଖାଲି ପଡ଼ିଥିବା ଦୁଇଗୋଟି ଆସନରେ ଆସନ୍ତା ୨୮ ତାରିଖରେ ଉପ-ନିର୍ବାଚନ ହେବାକୁ ଯାଉଛି । ରାଜ୍ୟ ନିର୍ବାଚନ ଆୟୋଗଙ୍କ ଗତ ମାର୍ଚ୍ଚ ୨୨ ତାରିରଖର ବିଜ୍ଞପ୍ତ ଅନୁସାରେ ସୋମବାର ଥିଲା ନାମାଙ୍କନ ଦାଖଲର ଶେଷ ଦିନ । ଶେଷ ଦିବସରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ମୋଟ ସାତ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ୧୫ ନମ୍ବର ଜୋନ ପାଇଁ ବିଜୁ ଜନତା ଦଳର ମହାଦେବ ଦାସ, ଭାରତୀୟ ଜନତା ପାର୍ଟିର ଦେବାଶିଷ ମହାପାତ୍ର ଓ କଂଗ୍ରେସ ଦଳର ସତ୍ୟନାରାୟଣ ଗୁପ୍ତା ନିଜର ପ୍ରସ୍ତାବକ ଓ ସମର୍ଥକଙ୍କୁ ନେଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେହିପରି ୩୪ ନମ୍ବର ଜୋନ ପାଇଁ ବିଜୁ ଜନତା ଦଳର ରାଧିକାରାଣୀ ନାୟକ, ଭାରତୀୟ ଜନତା ପାର୍ଟିରୁ ରବୀନ୍ଦ୍ର ଜେନା, କଂଗ୍ରେସରୁ ରାଜେନ୍ଦ୍ର ଦଳାଇ ନାମାଙ୍କନ ଦାଖଲ କରିଥିବା ଦେଖିବାକୁ ମିଳିଛି । ପ୍ରାର୍ଥୀମାନେ ଦଳୀୟ କର୍ମୀ ଓ ନେତାଙ୍କ ସହ ଶୋଭାଯାତ୍ରାରେ ଆଜି ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱରେ ଥିବା ବାଲେଶ୍ୱର ଉପ-ଜିଲାପାଳଙ୍କଠାରେ ନିଜ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ତେବେ ବିଜେଡି ପ୍ରାର୍ଥୀ ଦୁଇଜଣ ନାମାଙ୍କନପତ୍ର ଦାଖଲ ବେଳେ ଦଳୀୟ ଜିଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଭୋଗରାଇ ବିଧାୟକ ଅନନ୍ତ ଦାସ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ନାରୀନେତ୍ରୀ ସୁବାସିନୀ ଜେନା ପ୍ରମୁଖ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା । ପୂର୍ବରୁ ଉଭୟ ଆସନ ବିଜେଡି ହାତରେ ଥିବା ବେଳେ ସମ୍ପ୍ରତି କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ଓ ଦିବଙ୍ଗତ ନେତାଙ୍କ ଅଧୁରା କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ପାଇଁ ଜନସାଧାରଣ ପୁଣି ଥରେ ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ ଦେବେ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଅନୁରୂପ ଭାବେ ବିଜେପି ଓ କଂଗ୍ରେସ ପ୍ରାର୍ଥୀମାନେ ଦଳୀୟ କର୍ମୀ, ନେତା ଓ ସମର୍ଥକଙ୍କ ସହ ଆସି ଉପ-ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିବା ଦେଖିବାକୁ ମିଳିଛି । ନିର୍ବାଚନ ପାଇଁ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପକ୍ଷରୁ ମାର୍ଚ୍ଚ ୨୫ ତାରିଖରେ ପ୍ରକାଶିତ ବିଜ୍ଞପତି ଅନୁସାରେ ୩୦ ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପାଇଁ ଦିନ ଘୋଷଣା କରାଯାଇଥିଲା । ଯାଞ୍ଚ ସହ ଆସନ୍ତା ୯ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ଏପ୍ରିଲ ୨୮ ତାରିଖରେ ଦୁଇଟି ଜୋନ ପାଇଁ ସକାଳ ୭ଟା ରୁ ଦିନ ୧୨ ପର୍ଯ୍ୟନ୍ତ ମତଦାନ ହେବ । ଏପ୍ରିଲ ୨୯ ତାରିଖ ଦିନ ଉଭୟ ଜୋନର ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯିବ ବୋଲି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ମୁଣ୍ଡାରୀ ଭାଷା ଓ ମୁଣ୍ଡାରୀ ବାନୀ ଲିପିରେ ପରୀକ୍ଷା ଅନୁଷ୍ଠିତ



ବାରିପଦା,୦୫/୦୪ (ନି.ପ୍ର): ସେଁଟ୍ରାଲ ବୋର୍ଡ ଅଫ୍ ମୁଣ୍ଡାରୀ ସେକେଣ୍ଡାରୀ ଏଜୁକେସନ ତରଫରୁ ଓଡିଶା, ଝାରଖଣ୍ଡା, ପଶ୍ଚିମବଙ୍ଗ ଓ ଛତିଶଗଡ ରାଜ୍ୟରେ ୨୦୨୦ ବର୍ଷ ପାଇଁ ମୁଣ୍ଡାରୀ ବାନୀ ଲିପିରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । କୋଭିଡ଼୍ କଟକଣା ପାଇଁ ୨୦୨୦ ମସିହାରେ ପରୀକ୍ଷା ହୋଇପାରି ନଥିବାରୁ ଏ ବର୍ଷ ୩୫ ଗୋଟି କେନ୍ଦ୍ରରେ ୭୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ଏହି ପରୀକ୍ଷାର ସୁପରିଚଳନା ପାଇଁ ଭାରତ ମୁଣ୍ଡା ସମାଜ ତରଫରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ସଂଘର ଓଡିଶା ରାଜ୍ୟ ସଭାପତି ରବିନ୍ଦ୍ର ନାଥ ସିଂ, ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, କୋଷାଧ୍ୟକ୍ଷ ବାଇଧର ସିଂ, ଉପସଭାପତି ସୁନାରାମ ସିଂ, ଜୟରାମ ସିଂ, ଉପଦେଷ୍ଟା ମୋନଜ କୁମାର ମୁଣ୍ଡା, ମୁଣ୍ଡାରୀ ବାନି ଶିକ୍ଷକ ବସନ୍ତ କୁମାର ସିଂ, ବୁଧିଆ ସିଂ, ଝାରଖଣ୍ଡ ରାଜ୍ୟର ସମ୍ପାଦକ ବୋଧ ମୁଣ୍ଡା, ନନ୍ଦ କିଶୋର ସିଂ, ପଶ୍ଚିମବଙ୍ଗ ରାଜ୍ୟ ସାଧାରଣ ସମ୍ପାଦକ ସର୍ଦ୍ଦାର ସିଂ, ସମ୍ପାଦକ ସପନ ସିଂ, ମୁଣ୍ଡାରୀ ବାନି ଶିକ୍ଷକ ମିରିନାଲ ସିଂ, ପ୍ରଭୃତି ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିବା ସାଙ୍ଗକୁ କୋଭିଡ ନିୟମ ଅନୁସାରେ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ । କୋଭିଡ କଟକଣା ଯୋଗୁ ସବୁକେନ୍ଦ୍ରରେ ପରୀକ୍ଷା ହୋଇପାରିନଥିଲେ ମଧ୍ୟ ସୀମିତ କେନ୍ଦ୍ର ଗୁଡିକର ସୁପରିଚାଳନା କ୍ଷେତ୍ରରେ ପରୀକ୍ଷା କେନ୍ଦ୍ର ଗୁଡିକର ସହଯୋଗ ଓ ପ୍ରଚଣ୍ଡ ଖରାରେ ପର୍ଯ୍ୟବେକ୍ଷକ ମାନଙ୍କ ତଫାନି ଗସ୍ତ ପାଇଁ ସଂଘର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୬ ଗିରଫ, ୭୮୦ ବାହନ ଜବତ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୮୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୭,୯୧,୩୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ପାରାଦୀପ ଗସ୍ତରେ ଜାତୀୟ ପ୍ରତିରକ୍ଷା କଲେଜର ପ୍ରତିନିଧି ମଣ୍ଡଳୀ



ପାରାଦୀପ,୦୫/୦୪ (ନି.ପ୍ର): ଭାରତ ଓ ଏହାର ଅର୍ଥନୈତିକ ସୁରକ୍ଷା ସଂପର୍କିତ ଷ୍ଟଡି ଟୁର କାର୍ଯ୍ୟକ୍ରମ ଅଂର୍ଗତ ନୂଆଦିଲ୍ଲୀସ୍ଥିତ ଜାତୀୟ ପ୍ରତିରକ୍ଷା ମହାବିଦ୍ୟାଳୟର ଏକ ୨୦ଜଣିଆ ପ୍ରତିନିଧି ମଣ୍ଡଳୀ ସଂପ୍ରତି ଓଡିଶା ଗସ୍ତରେ ଅଛି । ଏହି ଗସ୍ତର ପ୍ରଥମ ଦିନରେ ସେମାନେ ପାରାଦୀପ ସ୍ଥିତ ଆଇଓସିଏଲ୍ ବିଶୋଧନାଗାର ଏବଂ ପାରାଦୀପ ବନ୍ଦର ପରିଦର୍ଶନ କରିଛି । ଜାତୀୟ ପ୍ରତିରକ୍ଷା କଲେଜର ବରିଷ୍ଠ ଅଧିକାରୀ ମେଜର ଜେନେରାଲ ଏଚ୍,ବି.ପିଲାଇ ଙ୍କ ନେତୃତ୍ୱାଧିନ ଏହି ପ୍ରତିନିଧି ମଣ୍ଡଳୀରେ ଭାରତୀୟ ସେନା, ପ୍ରଶାସନିକ ସେବା ଓ ପଡୋଶୀ ବନ୍ଧୁ ଦେଶର ଅଧିକାରୀ ମାନେ ରହିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ବନ୍ଦର ପରିଚାଳନାକୁ ପ୍ରତ୍ୟେକ୍ଷ ଭାବେ ଦେଖିବା ପରେ ଅପରାହ୍ନରେ ବନ୍ଦର ପ୍ରଶାସନିକ ଭବନର ବୋର୍ଡ ରୁମରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡା. କାହ୍ନୁ ଚରଣ ଧିରଙ୍କ ଉପସ୍ଥିତିରେ ବନ୍ଦର ଉପାଧ୍ୟକ୍ଷ ଆଶିସ କୁମାର ବୋଷ ସେମାନଙ୍କୁ ବନ୍ଦରର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ ।

## ବିଦ୍ୟୁତ ଶୁଳ୍କ ବୃଦ୍ଧିର ପ୍ରତିବାଦ କଂଗ୍ରେସର ନେସ୍କୋ ଅଫିସ ଘେରାଓ

ବାଲେଶ୍ୱର,୦୫/୦୪ (ନି.ପ୍ର): ବିଜୁଳି ଦରବୃଦ୍ଧି ପ୍ରତ୍ୟାହାର ଦାବିରେ ବାଲେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ନେସ୍କୋ କର୍ପୋରେଟ ଅଫିସ ଘେରାଓ କରାଯାଇଛି । ଏନେଇ ଆୟୋଜିତ ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରି ଅଧ୍ୟକ୍ଷତା କରିବା ସହିତ ରାଜ୍ୟ ସରକାରଙ୍କ ବିଦ୍ୟୁତ କର ବୃଦ୍ଧି ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ମହାମାରୀ କରୋନା ପ୍ରଭାବରେ ସାଧାରଣ ଲୋକେ ଜୀବିକା ହରାଇବା ସହିତ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବର୍ଗଙ୍କ ଜୀବନ ଧାରଣର ମାନ ହ୍ରାସ ପାଇବାରେ ଲାଗିଛି । ଏଭଳି ସ୍ଥିତିରେ ପ୍ରତି ୬ମାସ ବ୍ୟବଧାନରେ ରାଜ୍ୟ ସରକାର ବିଦ୍ୟୁତ ଟିକସ ବୃଦ୍ଧି କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ଗିରି କହିଥିଲେ । ତୁରନ୍ତ ଏହି ନିଷ୍ପତି ସରକାର ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଥିଲେ । ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ ଏଥିରେ ଯୋଗଦେଇ ବିଜୁଳ କର ବୃଦ୍ଧି ରାଜ୍ୟ ସରକାରଙ୍କ ଜନମାରଣ ନୀତି ବୋଲି କହିଥିଲେ । ରାଜ୍ୟରେ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେଇଥିବା ଟାଟା କମ୍ପାନିକୁ ଅନୁକମ୍ପା ଦେଖାଇବାକୁ ଜନସାଧାରଣଙ୍କ ଉପରେ ସରକାର ଏହି ଟିକସ ଲଦିଦେବା ଆଦୌ ଯୁକ୍ତିସଙ୍ଗତ ନୁହେଁ ବୋଲି ଶ୍ରୀ ଷଡ଼ଙ୍ଗୀ ଆରୋପ କରିଥିଲେ । ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତିଙ୍କ ସମେତ ଗଦାଧର ପ୍ରଧାନ, ବିକାଶ ଦାସ, ପ୍ରତାପ ସେଠୀ, ଦେବଦତ୍ତ ଦାସ, ରାଜେନ୍ଦ୍ର ଦାସ, ରଂଜନ କୁମାର ଦାସ ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଦ୍ୟୁତ ପରିଚାଳନା ନୀତିର ଦୃଢ଼ ପ୍ରତିବାଦ କରିଥିଲେ । ସରକାର ତୁରନ୍ତ ବିଦ୍ୟୁତ ଦରବୃଦ୍ଧି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ସେମାନେ ଚେତାବନୀ ଦେଇଥିଲେ । ଏହି ଅବସରରେ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ନେସ୍କୋ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭ ଓ ଘେରାଓ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

## ଉତ୍ତର ଓଡିଶା ପର୍ଯ୍ୟଟନ ବିକାଶ ପରିଷଦର ପ୍ରଥମ ଜିଲ୍ଲାସ୍ତରୀୟ ସମ୍ମିଳନୀ
### ପର୍ଯ୍ୟଟନର ବିକାଶ ସହିତ ରୋଜଗାର ସୃଷ୍ଟି ରହିବ ମୂଳମନ୍ତ୍ର



ବାରିପଦା ୦୫/୦୪ (ନିପ୍ର)- ମୟୂରଭଞ୍ଜ ଜିଲ୍ଲାର ଏକ ମାତ୍ର ଅଣ ରାଜନୈତିକ ଯୁବଛାତ୍ର ସଙ୍ଗଠନ ଭଞ୍ଜସେନା, ବାଲେଶ୍ୱର ଜିଲ୍ଲାର ଭଏସ ଅଫ ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାର କେନ୍ଦୁଝର ଡେଭେଲପମେଣ୍ଟ କାଉନ୍ସିଲର ମିଳିତ ସହଯୋଗରେ କିଛି ମାସ ପୂର୍ବରୁ ଗଢି ଉଠିଥିବା 'ଉତ୍ତର ଓଡିଶା ପର୍ଯ୍ୟଟନ ବିକାଶ ପରିଷଦ' ଏହାର ପ୍ରଥମ ଜିଲ୍ଲା ସ୍ତରୀୟ ସମ୍ମିଳନୀ ରବିବାର ଦିନ ଏହାର ସଭାପତି କଳିଙ୍ଗ କେଶରୀ ଜେନାଙ୍କ ସଭାପତିତ୍ୱରେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାର ସହିଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ନେଇ ଏକ ପର୍ଯ୍ୟଟନ ବଳୟ ଦାବି ସହିତ ପର୍ଯ୍ୟଟନର ଶିଳ୍ପର ବିକାଶ ସହିତ ଲୋକାଭିମୁଖୀ କରିବାର ପ୍ରୟାସ ଆରମ୍ଭ କରିଛି । ତେବେ କିଛି ଦିନ ତଳେ ଉଡାନ ଯୋଜନାରେ ସାମିଲ ହୋଇଥିବା ଏସିଆର ସର୍ବବୃହତ ଅର୍ମଦା ଏଆରଷ୍ଟ୍ରୀପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନେଇ ଉଦ୍ଦେଶରେ ସରକାରଙ୍କୁ ଚାପ ପକାଇବ ଏହି ଜିଲ୍ଲା ସ୍ତରୀୟ ଉତ୍ତର ଓଡିଶା ପର୍ଯ୍ୟଟନ ବିକାଶ ପରିଷଦର କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଙ୍ଗଠନ ସହିତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଆଗାମୀ ଦିନରେ ପର୍ଯ୍ୟଟନ ଶିଳ୍ପର ବିକାଶ ସହିତ ପ୍ରତକ୍ଷ୍ୟ ଓ ପରକ୍ଷ୍ୟ ଭାବରେ ରୋଜଗାର ସୃଷ୍ଟି ହୋଇପାରିବ ସେ ବିଷୟରେ ମତ ସଂଗ୍ରହ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ସଭାପତି ଶ୍ରୀ ଜେନାଙ୍କ ସହିତ ଆବାହକ ଡ଼ଃ ସନ୍ଦୀପ ପଟ୍ଟନାୟକ, ଯୁଗ୍ମ ଆବାହକ ବିଭୁଦତ୍ତ ଦାସ, ସତ୍ୟନାରାୟଣ ପାକଳ, ସଂଯୁକ୍ତା ବସା, କାର୍ଯ୍ୟକାରୀ ସଭାପତି ଅରିଜିତ ଘଶାଲ, ଉପସଭାପତି ରଞ୍ଜିତ ପଣ୍ଡା, ପିଣ୍ଟୁ ମାଇତି, ପ୍ରମୁଖ ଉପସ୍ଥିତ ରହିଥିବା ସହିତ ଉତ୍ତର ଓଡିଶା ପର୍ଯ୍ୟଟନ ବିକାଶ ପରିଷଦର ସାଧାରଣ ସମ୍ପାଦକ ଗୌତମ ସେଠୀ ଅଭିବାଦନ ପ୍ରଦାନ କରି ଅନୁଷ୍ଠିତ ସଭା କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

## ନିଖୋଜ ଛାତ୍ରୀର ମୃତଦେହକୁ ଜବଦ କଲା ଖଇରା ପୋଲିସ, ୧ ଅଟକ



ଖଇରା,୫/୪(ନିପ୍ର) ୩ଦିନ ପୂର୍ବେ ନିଖୋଜ ହୋଇଥିବା ନାବାଳିକା ପ୍ରିୟଙ୍କାର ମୃତ ଦେହ ଢେଙ୍କାନାଳ ସଦର ପୋଲିସ ଜବଦ କରିଥିଲା ବେଳେ ଜଣକୁ ଅଟକ ରଖି ପଚରା ଉଚରା ଚଳାଇଛି । ଖଇରା ଥାନା ସାରୁଗାଁର ଅଭିମନ୍ୟୁ ସାମଲଙ୍କ ଝିଅ ପ୍ରିୟଙ୍କା ପ୍ରିୟଦର୍ଶନୀ ଖଇରା କଲେଜର +୨ ବିଜ୍ଞାନ ବିଭାଗରେ ଶେଷବର୍ଷର ପଢୁଥିଲା । ଗତ ୧ ତାରିଖରେ ଖଇରା ମେଡିକାଲକୁ ଅସିଥିଲା । ଘରକୁ ନଫେରିବାରୁ ବାପା ଖୋଜାଖୋଜି କରି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପ୍ରିୟଦର୍ଶନୀର ମୃତଦେହ ଗତ କାଲି ଢେଙ୍କାନାଳ ସଦର ଥାନା ଅଂଚଳରେ ମିଳିଥିଲା । ଢେଙ୍କାନାଳ ପୋଲିସ ଝିଅର ପରିଚୟ ପାଇଲା ପରେ ଖଇରା ପୋଲିସକୁ ଖବର ଦେଇଥିଲା । ଖଇରା ପୋଲିସ ଖବର ପାଇ ସେଠାରେ ପହଁଚି ମୃତ ପ୍ରିୟଦର୍ଶନୀକୁ ଠାବ କରିଥିଲା । ସେଠାରେ ଆଜି ବ୍ୟବଛେଦ କରାଯାଇଛି । ପ୍ରିୟଦର୍ଶନୀର ମୁଣ୍ଡ ଓ କାନରୁ ରକ୍ତ ଶ୍ରାବ ହୋଇଥିବାର ଦେଖିବାକୁ ମିଳିଥିଲା । ଘରୁ ପିନ୍ଧିଯାଇଥିବା ପୋଷାକ ମଧ୍ୟ ବଦଳିଥିବାର ଘର ଲୋକ ଅଭିଯୋଗ କରିଛନ୍ତି । ଜେଲରେ ଥିବା ଔପଦା ଅଂଚଳର ସୁବାସ ଦାଶର ବାପା ଓ ମା ଝିଅକୁ ମାରିବାରେ ଷଡଯନ୍ତ କରିଥିବାର ଅଭିଯୋଗ କରିଛନ୍ତି । ଏଠାରେ ପ୍ରକାଶ ଥାଉକି ସୁବାସ ଦାଶ ପ୍ରିୟଦର୍ଶନୀକୁ ପ୍ରେମ ଜାଲରେ ଫସାଇ ଶାରିରୀକ ସମ୍ପର୍କ ରଖିଥିଲା । ସେ ସମୟର ଅଶୀଳ ଭିଡିଓ ଭାଇରାଲ କରିଦେବାର ଭାୟ ଦେଖାଇ ତାଠାରୁ ୯୦ହଜାର ଟଙ୍କା ହଡପ କରିଥିଲା । ଝିଅ ଏତେ ଟଙ୍କା ଘରୁ ନେଇ କଣ କରୁଛି ବୋଲି ବାପା ମା ପଚାରିବାରୁ ସବୁକଥା ପ୍ରକାଶ କରିଥିଲା । ଏହି ଅର୍ଥକୁ ନେଇ ସୁବାସ ଓ ମଧ୍ୟସ୍ଥିଙ୍କ ଦ୍ୱାରା ସମାଧାନ ପାଇଁ ଉଦ୍ୟମ କରିଥିଲେ ସୁଫଳ ମିଳିପାରିନଥିଲା । ଶେଷରେ ଗତ ୬/୩ରେ ଯୁବକ ସୁବାଷ ନାମରେ ପ୍ରିୟଦର୍ଶନୀର ଅଭିଯୋଗ ପରେ ପୋଲିସ ଗିରଫ କରି କୋର୍ଟକୁ ପଠାଇଥିଲା । ସୁବାଷ ପସ୍କୋ ଦଫାରେ ଜେଲରେ ଥିବାବେଳେ ପ୍ରିୟଦର୍ଶନୀର ମୃତଦେହ ଢେଙ୍କାନାଳରୁ ଉଦ୍ଧାର ରହସ୍ୟାବୃତ କରିଛି । ପୋଲିସ ଏହି ଆଧାରରେ ଢେଙ୍କାନାଳର ଜିତେନ୍ଦ୍ର ନାୟକଙ୍କୁ ଅଟକ ରଖି ପଚରାଉଚରା କରୁଥିଲା ବେଳେ ଘର ସଦର ଥାନା ବନ୍ଧନୂଆଗାଁ ବୋଲି ଜଣାପଡିଛି । ସେହିପରି ଜିତେନ୍ଦ୍ର ଓ ପ୍ରିୟଦର୍ଶନୀର ପ୍ରେମ ଫେସବୁକରେ ବୋଲି ଜଣାପଡିଛି । ଭୁବନେଶ୍ୱରରେ କଲେଜ ଛାତ୍ରୀ ଝରାଫୁଲର ମୃତ୍ୟୁ ଘଟଣା ମନରୁ ନଲିଭିଥିଲା ବେଳେ ଆଉଏକ ଝରା ଫୁଲ ମୃତ୍ୟୁଘଟଣା ରାଜ୍ୟରେ ହଇଚଇ ସୃଷ୍ଟିକରିଛି । ପୋଲିସର କାର୍ଯ୍ୟନୁଷ୍ଠାନର ବିଳମ୍ବ ଏପରିଘଟଣା ଘଟିଥିବାର ଅଭିଯୋଗକୁ ଏଡାଇଦିଆ ଯାଇନପାରେ ।

## ସରପଞ୍ଚ ଉପନିର୍ବାଚନ, ୩ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ

ଖଇରା,୫/୪(ନିପ୍ର) ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତର ଉପନିର୍ବାଚନ ଆସନ୍ତା ଏପ୍ରିଲ ୨୮ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥି ନିମନ୍ତେ ସୋମବାର ମନୋନୟନ ପତ୍ର ଦାଖଲର ଶେଷ ଦିବସ ଥିବା ବେଳେ ମୋଟ ୩ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଆଜି ପ୍ରାର୍ଥୀପତ୍ର ଦାଖଲ କରିଥିବା ଆଶାୟୀ ମାନେ ହେଲେ ସୁଶାନ୍ତ କୁମାର ବେହେରା, ବୁଲୁ ଲେଙ୍କା ଓ ବର୍ତ୍ତମାନର ସମିତି ସଭ୍ୟ ଦିଲ୍ଲିପ କୁମାର ବେହେରା । ବିଜେଡି ସମର୍ଥୀତ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ୨ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିଲା ବେଳେ ବିଜେପି ସମର୍ଥିତ ତଥା ୨୦୧୭ ନିର୍ବାଚନରେ ସରପଂଚ ପ୍ରାର୍ଥୀ ହୋଇଥିବା ବୁଲୁ ଲେଙ୍କା ୨ସେଟ ନାମାଙ୍କ ପତ୍ର ଦାଖଲ କରିଥିଲା ବେଳେ ବର୍ତ୍ତମାନ ସମିତି ସଭ୍ୟ ଦିଲିପ ବେହେରା ୧ସେଟ ବିଡିଓ ପର୍ଶୁରାମ ପଣ୍ଡାଙ୍କ ନିକଟରେ ଦାଖଲ କରିଛନ୍ତି । ଏଥିରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ଓ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି ତଥା ନିଜର ଶତାଧିକ ସମର୍ଥକଙ୍କ ଗହଣରେ ଆସି ପ୍ରାର୍ଥିପତ୍ର ପ୍ରଦାନ କରିଥିଲେ । ମହିଳା ମଣ୍ଡଳ ସଭାପତି ରଶ୍ମିତା ମହାପାତ୍ର, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା,ମଦନ ମୋହନ ସାହୁ,ନାରାୟଣ ପଣ୍ଡା, ଦିଲ୍ଲିପ କୁମାର ତିଆଡି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଭାଜପା ସମର୍ଥୀତ ପ୍ରାର୍ଥୀ ବୁଲୁ ଲେଙ୍କାଙ୍କ ସହିତ ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ପଦ୍ମଲୋଚନ ପଣ୍ଡା ଓ ଯୁବ ନେତା ବେଣୁ ମାଧବ ପଣ୍ଡାଙ୍କ ସହ ଏକ ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟାଳୟରୁ ବାହାରି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ଖଇରା ମଣ୍ଡଳ ସଭାପତି ରାଜେଶ କୁମାର ରାଉତ,କୁପାରୀ ମଣ୍ଡଳ ସଭାପତି ପତିତପାବନ କର,ତୁଡିଗଡିଆ ମଣ୍ଡଳ ସଭାପତି ମହେଶ୍ୱର ନାଥ, ଝିଙ୍କିରିଆ ସମିତି ସଭ୍ୟ କୈଳାସ ମାଝୀ, ପ୍ରାକ୍ତନ ଯୁବ ସଭାପତି ଅଲୋକ ପଣ୍ଡା, ଅଜୟ ବେହେରା ତଥା ବହୁ ପଞ୍ଚାୟତର ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ମନୋନୟନ ପତ୍ର ଦାଖଲ କରିଥିଲେ । ଆସନ୍ତା କାଲି ପ୍ରାର୍ଥୀ ପତ୍ର ଗୁଡିକ ଯାଞ୍ଚ କରାଯାଇ ୯ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ ।

## ଅନ୍ୟ ପରି ଠକିବି ନାହିଁ, ପିପିଲି-ଡେଲାଙ୍ଗ ସେବାରେ ଥକିବି ନାହିଁ: ଆଶ୍ରିତ ପଟ୍ଟନାୟକ

ପିପିଲି/ଭୁବନେଶ୍ୱର,୦୫/୦୪ (ନି.ପ୍ର): ହିଂସା ଓ ଭୟର ଭାବମୂର୍ତୀକୁ ବଦଳାଇ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳକୁ ବିକାଶର ଏକ ମଡେଲ ଭାବେ ଗଢି ତୋଳିବାକୁ ମୁଁ ବଦ୍ଧ ପରିକର ଏବଂ ରାଜ୍ୟର ଏକ ନମ୍ବର ନିର୍ବାଚନ କ୍ଷେତ୍ର ଭାବେ ଗଢି ତୋଳିବାକୁ ମୁଁ ପ୍ରତିଶୃତିବଦ୍ଧ । ପିପିଲିବାସୀଙ୍କ ପ୍ରତ୍ୟେକଟି ସୁଖ ଦୁଃଖରେ ଛିଡା ହୋଇ ସେମାନଙ୍କ ସମସ୍ୟାର ସମାଧାନ କରିବା ନେଇ ବିଭିନ୍ନ କାର୍ଯ୍ୟ କରିବି । ଏହି କାର୍ଯ୍ୟ କରିବା ପାଇଁ ମୁଁ ଅନ୍ୟମାନଙ୍କ ଭଳି ଠକିବି ନାହିଁ କି ପିପିଲି-ଡେଲାଙ୍ଗବାସୀଙ୍କ ସେବାରେ ଥକିବି ନାହିଁ ବୋଲି ଆଜି ପିପିଲି ବିଜ୍ଞାପିତ ଅଂଚଳର ବିଭିନ୍ନ ୱାର୍ଡ ପ୍ରଚାର କରିବା ସମୟରେ ପିପିଲି ବିଜେପି ପ୍ରାର୍ଥୀ ଶ୍ରୀ ଆଶ୍ରିତ ପଟ୍ଟନାୟକ ନିର୍ଭର ପ୍ରତିଶୃତି ଦେଇଛନ୍ତି । ଶ୍ରୀ ପଟ୍ଟନାୟକ ଆଜି ପିପିଲି ବିଜ୍ଞାପିତ ଅଂଚଳର ବିଭିନ୍ନ ୱାର୍ଡକୁ ଯାଇ ପ୍ରଚାର କରିଥିଲେ । ପ୍ରଚାର ସମୟରେ ବିଜେପି ପ୍ରାର୍ଥୀ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସମର୍ଥନ ଜଣାଇ ଅଂଚଳବାସୀ ସ୍ୱାଗତ କରିଥିଲେ । ପିପିଲି-ଡେଲାଙ୍ଗ ରାଜ୍ୟର ଗୋଟିଏ ପୁରୁଣା ବିଜ୍ଞାପିତ ଅଂଚଳର ହୋଇଥିବା ସତ୍ୱେ ବର୍ତ୍ତମାନ ସୁଦ୍ଧା ଗୋଟିଏ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ହୋଇ ପାରି ନାହିଁ । ଏହି ଅଂଚଳ କୃଷି ପ୍ରାଧାନ୍ୟ ଅଂଚଳ ହୋଇଥିବା ସତ୍ୱେ ଶୀତଳ ଭଣ୍ଡାରର ଅଭାବ, ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଆଜି ପ୍ରମୁଖ ସମସ୍ୟା ଭାବେ ଛିଡା ହୋଇଛି । ୩୫ ବର୍ଷ ନିରବିଚ୍ଛିନ୍ନ ଲୋକ ପ୍ରତିନିଧି ଶାସକ ବିଜେଡିର ହୋଇଥିବା ସତ୍ୱେ ଏହି ସମସ୍ତ ସମସ୍ୟାର ସମାଧାନ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଂଟିଆ, ଓମ୍ ପ୍ରକାଶ ମିଶ୍ର, ସ୍ଥାନୀୟ ନେତୃବୃନ୍ଦ ରାମଚନ୍ଦ୍ର ମହାପାତ୍ର, ଆଲେ ଜାହିର ଖାନ୍, ଦେବାଶିଷ ଦିକ୍ଷିତ, ସଦାଶିବ ପରିଡା, ଜିତେନ୍ଦ୍ର ମହାରଣା, ପ୍ରଶାନ୍ତ ଦିକ୍ଷିତ ପ୍ରମୁଖଙ୍କ ସହ ଶହ ଶହ କାର୍ଯ୍ୟକର୍ତା ସାମିଲ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo